# ଧରିତ୍ରୀ DHARITRI

ବାଲେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୪/୨୦୨୦ (୧୨ ପୃଷ୍ଠା) | Balasore, Tuesday, March 24/2020 | ★★★★

୪୬ଶ ଭାଗ ୧୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


# ୧୪ ଜିଲାକୁ ବଢ଼ିଲା କଟକଣା

**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

କରୋନା(କୋଭିଡ୍-୧୯)ର କରାଳ ପ୍ରକୋପ ସମଗ୍ର ବିଶ୍ୱକୁ ଗ୍ରାସ କରି ଚାଲିଛି। ଭାରତରେ ମଧ୍ୟ ଏହା କାୟା ବିସ୍ତାର କରିବାରେ ଲାଗିଛି। ଦେଶରେ କରୋନା ରୋଗୀଙ୍କ ସଂଖ୍ୟା ହୁ ହୁ ବଢି ଚାଲିଛି। ଏହି ରୋଗର ବ୍ୟାପକତାକୁ ଦେଖି ରାଜ୍ୟ ସରକାର ଆଉ ୯ଟି ଜିଲାକୁ ସମ୍ପୂର୍ଣ୍ଣ ବନ୍ଦ ବା ଲକ୍ ଡାଉନ କରିବାକୁ ଘୋଷଣା କରିଛନ୍ତି। ଏ ନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏବେ ମୋଟ ୧୪ ଜିଲାରେ ପ୍ରାୟ ୩ କୋଟିରୁ ଊର୍ଦ୍ଧ୍ୱ ଲୋକ ଲକ୍‌ଡାଉନ ହୋଇ ରହିବେ। ସୋମବାର ଲକଡାଉନ ଘୋଷିତ ହୋଇଥିବା ଜିଲାଗୁଡିକ

## କୋଭିଡ୍-୧୯ ସଚେତନତା

- ଲକ୍‌ଡାଉନରେ ରହିବେ ୩ କୋଟିରୁ ଊର୍ଦ୍ଧ୍ୱ ଲୋକ
- ସମସ୍ତେ ଘରେ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ

ହେଲା ପୁରୀ, ନୟାଗଡ, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ସମ୍ବଲପୁର, ଝାରସୁଗୁଡା। ଏହି ସବୁ ଜିଲାଗୁଡିକ ମାର୍ଚ୍ଚ ୨୪ ତାରିଖ ସକାଳ ୭ଟାରୁ ୨୯ ତାରିଖ ରାତି ୯ଟା ଯାଏ ବନ୍ଦ ରହିବ। ଏହି ସମୟରେ କୌଣସି ଘରୋଇ ପରିବହନ ଯଥା ଟ୍ୟାକ୍ସି, ଅଟୋ ରିକ୍ସା ଚଳାଚଳ କରିପାରିବ ନାହିଁ। ବସ୍ ଓ ରେଳ ଚଳାଚଳକୁ ମଧ୍ୟ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାର୍ଚ୍ଚ ୨୧ ତାରିଖରେ ୫ଟି ଜିଲା ଖୋର୍ଦ୍ଧା, ଗଞ୍ଜାମ, କଟକ, କେନ୍ଦ୍ରାପଡା ଏବଂ ଅନୁଗୋଳ ଜିଲା ଏବଂ ୮ଟି ସହର ସମ୍ବଲପୁର, ଝାରସୁଗୁଡା, ବାଲେଶ୍ୱର, ରାଉରକେଲା, ଭଦ୍ରକ, ପୁରୀ, ଯାଜପୁର ରୋଡ୍ ଏବଂ ଯାଜପୁର ଟାଉନକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଘୋଷଣା କରିଥିଲେ।

କେବଳ ସଚେତନତା ଦ୍ୱାରା ହିଁ ଏହି ରୋଗକୁ ରୋକାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆପଣମାନେ ଘରେ ରୁହନ୍ତୁ। ଘରେ ରହିଲେ ଆପଣ ଓ ଆପଣଙ୍କ ପରିବାର ସୁରକ୍ଷିତ ରହି ପାରିବ। ଏହି ଭୂତାଣୁକୁ ଆପଣଙ୍କ ଘରେ ପଶିବାକୁ ଦିଅନ୍ତୁ ନାହିଁ। ଏହି କୌଶଳକୁ ପାଳନ କରି ଚାଇନା ଉହାନ ପ୍ରଦେଶର କରୋନା ଭାଇରସକୁ ହଟାଇ ଦେଇପାରିଛି। ବର୍ତ୍ତମାନ ସମୟ ଆସିଛି । ଆମେ ମଧ୍ୟ ଏହି କୌଶଳକୁ ଆପଣାଇବା। ଘରେ ରହିବା। କେବଳ ଜରୁରୀ ସାମଗ୍ରୀ ପାଇଁ ବାହାରକୁ ଯିବା । ତାହା ହେଲେ ଏହି ଯୁଦ୍ଧ ଆମେ ଜିତିପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆଜିର ସମ୍ପାଦକୀୟ

**ଅସମୟରେ ଲାଭ**

## ଆଜିର ମନ୍ତବ୍ୟ

"ପଶ୍ଚିମବଙ୍ଗକୁ ତୁରନ୍ତ ସମସ୍ତ ବିମାନ ଉଡ଼ାଣ ବନ୍ଦ କରାଯାଉ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ


Taste the difference! Vencobb Fresh Chicken

23.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers


# ପଞ୍ଜାବ, ମହାରାଷ୍ଟ୍ରରେ କର୍ଫ୍ୟୁ


**ଚଣ୍ଡିଗଡ଼/ମୁମ୍ବାଇ,୨୩।୩(ପି.ଟି.)**

କରୋନା ସଂକ୍ରମଣ ରୋକିବା ଲାଗି ଲକ୍‌ଡାଉନ ନିର୍ଦ୍ଦେଶନାମାକୁ ଅଧିକାଂଶ ଲୋକ ଅବମାନନା କରିବା ଫଳରେ ପଞ୍ଜାବ ଓ ମହାରାଷ୍ଟ୍ର ସରକାର ସୋମବାର କର୍ଫ୍ୟୁ ଜାରି କରିଛନ୍ତି। ସୋମବାରଠାରୁ ୩୧ ପର୍ଯ୍ୟନ୍ତ ପଞ୍ଜାବରେ ଲକ୍‌ଡାଉନ୍ ବଳବତ୍ତର ରହିଥିବାବେଳେ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କର୍ଫ୍ୟୁ ଘୋଷଣା କରିଛନ୍ତି। ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ସହ କରୋନାଜନିତ ସ୍ଥିତି ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ ଏଭଳି ଘୋଷଣା କରିଥିଲେ। ପୋଲିସ ଦୋକାନ ବଜାର ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେବା ସହ ଲୋକମାନଙ୍କୁ ଘରକୁ ପଠାଇଦେଇଛି।

ସେହିପରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ସୋମବାର ରାଜ୍ୟରେ କର୍ଫ୍ୟୁ ଜାରି କରିଛନ୍ତି। ୩୧ ପର୍ଯ୍ୟନ୍ତ ପାଖାପାଖି ସାରା ରାଜ୍ୟରେ ଲକ୍‌ଡାଉନ ସହ ବିଭିନ୍ନ ସହରରେ ୧୪୪ ଧାରା ଜାରି ଲାଗି ମୁଖ୍ୟମନ୍ତ୍ରୀ ରବିବାର ଘୋଷଣା କରିଥିଲେ। କରୋନା ଭୂତାଣୁ ଅତି ଗମ୍ଭୀର ସ୍ଥିତି ସୃଷ୍ଟି କରିଛି। ଦୃଢ଼ ପଦକ୍ଷେପ ନ ନେଲେ ଆମକୁ ଅନ୍ୟ ଦେଶଭଳି ସ୍ଥିତିର ସାମ୍ନା କରିବାକୁ ପଡିବ ବୋଲି ଉଦ୍ଧବ କହିଛନ୍ତି।

# 'ଖବରକାଗଜ ଦ୍ୱାରା କରୋନା ବ୍ୟାପେନି'

**ଜେନିଭା, ୨୩।୩**



ଖବରକାଗଜ ଦ୍ୱାରା ଜଣେ ବ୍ୟକ୍ତିଠାରୁ ଅନ୍ୟ ଜଣକୁ କରୋନା ଭାଇରସ୍ ବ୍ୟାପେ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ଡବ୍ଲ୍ୟୁଏଚ୍‌ଓ ଗାଇଡ୍‌ଲାଇନ୍‌ରେ ମଧ୍ୟ ଏହା ଉଲ୍ଲେଖ ରହିଛି। ଖବରକାଗଜ ପ୍ୟାକେଟ୍ ଗ୍ରହଣ କରିବା ଅତ୍ୟନ୍ତ ସୁରକ୍ଷିତ ବୋଲି ଏଥିରେ ଦର୍ଶାଯାଇଛି। ଅତ୍ୟାଧୁନିକ ଖବରକାଗଜ ଛପା ପଦ୍ଧତି ବେଶ୍ ସୁରକ୍ଷିତ। ଏଥିରେ କାହାର ହାତ ବାଜି ନ ଥାଏ। ହକରମାନେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏହାକୁ ଯୋଗାଇଥାନ୍ତି। ତେଣୁ ଏହାଦ୍ୱାରା କରୋନା ଭାଇରସ୍ ବ୍ୟାପେ ନାହିଁ ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ସ୍ପଷ୍ଟ କରାଯାଇଛି।


ORSPL | ଘଡ଼ୀ ଡିଟର୍ଜେଣ୍ଟ

କଣ ଆପଣ ଜାଣିଛନ୍ତି କି ଆପଣଙ୍କ କପଡା ଦ୍ୱାରା ବେମାରି ବ୍ୟାପି ପାରେ?

ଆଜି ମଇଳା କେବଳ ସେଇଟା ନୁହେଁ ଯାହା ଦେଖା ଯାଉଛି। ଅଜାଣତରେ କୌଣସି ଭାଇରସ୍ ଆପଣଙ୍କ କପଡାରେ ଲାଗିକରି କୌଣସି ବଡ଼ ବେମାରିର କାରଣ ବନି ପାରେ।

ନିଜର କପଡାକୁ ପ୍ରତିଦିନ ଧୁଅନ୍ତୁ। ଅର୍ଥାତ ସୁରକ୍ଷିତ ଏବଂ ସୁସ୍ଥ ରୁହନ୍ତୁ।

ଘଡ଼ୀ ଡିଟର୍ଜେଣ୍ଟ



NATIONAL HEALTH MISSION | ଜାତୀୟ ସ୍ୱାସ୍ଥ୍ୟ ମିଶନ | ଓଡ଼ିଶା ଶାସନ | सत्यमेव जयते

DSPL-324

ଟିକିଏ ସତର୍କତା, କରୋନାରୁ ଦୂରତା


ଏଣିକି ୧୪ଟି ଜିଲ୍ଲାରେ ଲକ୍ ଡାଉନ୍

ଖୋର୍ଦ୍ଧା, କଟକ, ଗଞ୍ଜାମ, କେନ୍ଦ୍ରାପଡା, ଅନୁଗୋଳ ଜିଲ୍ଲା ସହିତ ୨୪ ମାର୍ଚ୍ଚ ଠାରୁ ଢେଙ୍କାନାଳ, ସମ୍ବଲପୁର, ପୁରୀ, ନୟାଗଡ, ଜଗତ୍‌ସିଂପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ଝାରସୁଗୁଡା ଜିଲ୍ଲା ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଟାଉନ୍‌ସିପ୍ ଲକ୍ ଡାଉନ୍ ।

ମାର୍ଚ୍ଚ ୨୩ ତାରିଖ ମଧ୍ୟରାତ୍ରିରୁ ସିଟି ବସ୍ ସେବା ଏବଂ ୨୪ ତାରିଖ ଦିନ ୧୧ଟା ପରଠାରୁ ସମଗ୍ର ରାଜ୍ୟରେ ବସ୍ ଚଳାଚଳ ବନ୍ଦ ରହିବ ।

ଲକ୍ ଡାଉନ୍ ଥିଲେ ମଧ୍ୟ ଖୋଲା ରହିବ

- ଡାକ୍ତରଖାନା, କ୍ଲିନିକ୍, ପାଥୋ ଲ୍ୟାବ୍ ଏବଂ ଔଷଧ ଦୋକାନ ଆଦି ଅତ୍ୟାବଶ୍ୟକ ସେବା ବ୍ୟବସ୍ଥା
- ପୋଲିସ୍, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ, ଓଡ୍ରାଫ୍, ବିଦ୍ୟୁତ, ପାଣି, ମ୍ୟୁନିସିପାଲ ସେବା ଓ କରୋନା ଭାଇରସ୍ ସଚେତନତା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା
- ବ୍ୟାଙ୍କ୍, ଏଟିଏମ୍ ଏବଂ ପେଟ୍ରୋଲ ପମ୍ପ
- ଫଳ, କ୍ଷୀର, ପାଉଁରୁଟି, ବିସ୍କୁଟ୍ ଓ ଅନ୍ୟାନ୍ୟ ବେକ୍‌ରି, ସଉଦା ଦୋକାନ, ପନିପରିବା, ମାଛ, ମାଂସ ଓ ଅଣ୍ଡା ଦୋକାନ
- ମିଲ୍କ୍ ବୁଥ୍ (ଚା ଓ କଫି ଭଳି ଅନ୍ୟାନ୍ୟ ପାନୀୟ ସୁବିଧା ବିନା)



ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ ।

ନିହାତି ଜରୁରୀ ଆବଶ୍ୟକତା ନଥିଲେ ବାହାରକୁ ବାହାରନ୍ତୁ ନାହିଁ ।

ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟ ସହାୟତା ଫୋନ୍ ୧୦୪ରେ ଯୋଗାଯୋଗ କରନ୍ତୁ ।

ଆମେ ସମସ୍ତେ ଧୈର୍ଯ୍ୟ ରଖିବା, ମାତ୍ର ଆମ୍ ସନ୍ତୁଷ୍ଟ ହେବା ନାହିଁ

ଆମେ ସମସ୍ତେ ପ୍ରସ୍ତୁତ ରହିବା, କିନ୍ତୁ ଭୟଭୀତ ହେବା ନାହିଁ

OIPR-10003/13/0127/1920

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha | http://www.health.odisha.gov.in/ | @HFWOdisha



କୋଲକାତାରେ ଜଣେ ବାଇକ ଆରୋହୀଙ୍କୁ ପୋଲିସ ଅଟକାଇବା ପରେ ନିଜ ଭୁଲ୍ ମାନି ସେ କ୍ଷମା ମାଗୁଛନ୍ତି।



ସରକାରଙ୍କ ଲକ୍‌ଡାଉନ ନିଷ୍ପତ୍ତି ପରେ ନଭି ମୁମ୍ବାଇରେ ଏଲପିଜି ସଂଗ୍ରହ ପାଇଁ ଲୋକଙ୍କ ଭିଡ଼।



ବିଜୟୱାଡ଼ାରେ ଲକ୍‌ଡାଉନ ପରେ ସ୍ଥାନୀୟ ଲୋକେ ପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ଲାଗି ଭିଡ଼ ଜମାଇଛନ୍ତି।

# ଅଧିକାଂଶ ରାଜ୍ୟରେ ଲକ୍‌ଡାଉନ

## ଉଲ୍ଲଂଘନକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୨୩।୩

କରୋନା ଭାଇରସ୍ ଲାଗି ଦେଶରେ ଅଧିକାଂଶ ଅଞ୍ଚଳ ସୋମବାର ଲକ୍‌ଡାଉନ୍ ରହିଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବିପୁଳ ଜନସମର୍ଥନ କରାଯାଇଛି। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ରାଜ୍ୟ ସରକାର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦ୍ର ସତର୍କ କରାଇଛି। ଭାରତରେ କେରୋନା ଭାଇରସ୍ ଜନିତ ମୃତ୍ୟୁସଂଖ୍ୟା ୮ରେ ପହଞ୍ଚି ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୪୨୫ ଟପିଲାଣି। ପ୍ରାଣଘାତୀ କରୋନାକୁ ରୋକିବା ଲାଗି ସରକାର ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

ଦେଶର ପ୍ରଥମ ରାଜ୍ୟ ଭାବେ ସୋମବାର ପଞ୍ଜାବରେ କର୍ଫ୍ୟୁ ଜାରି କରାଯାଇଛି। ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ବାକି ସବୁ କଡ଼ାକଡ଼ି ଭାବେ ରାଜ୍ୟରେ ପାଳନ କରାଯାଇଛି। କରୋନାରୁ ବର୍ତ୍ତିବା ଲାଗି ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଉପରେ କେନ୍ଦ୍ର ଗୁରୁତ୍ୱ ଦେଇଛି। ପରିସ୍ଥିତିକୁ ଦେଖି ରାଜ୍ୟଗୁଡ଼ିକ କଡ଼ା କଟକଣା ଲାଗି ପଦକ୍ଷେପ ଗ୍ରହଣ କରିପାରିବେ ବୋଲି କେନ୍ଦ୍ର କହିଛି। ଦିଲ୍ଲୀ, ଝାଡ଼ଖଣ୍ଡ ଓ ନାଗାଲାଣ୍ଡରେ ରାଜ୍ୟବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ବିହାର, ହରିୟାଣା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗରେ ଅଧିକାଂଶ ଜିଲା ଲକ୍‌ଡାଉନ୍ ହୋଇଥିବା ବେଳେ ମହାରାଷ୍ଟ୍ର, କେରଳ, ରାଜସ୍ଥାନ, ଉତ୍ତରାଖଣ୍ଡରେ ଆଂଶିକ ଲକ୍‌ଡାଉନ୍ ହୋଇଛି। ଦେଶର ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ ସହ ୮୦ ଜିଲାରେ ଯାତାୟାତ ଉପରେ କଟକଣା ଲଗାଯାଇଛି। ସମସ୍ତ ଯାତ୍ରୀବାହୀ ବସ୍, ଟ୍ରେନ୍, ଆନ୍ତଃରାଜ୍ୟ ବସ୍‌ସେବା ମାର୍ଚ୍ଚ ୩୧ ଯାଏ ବନ୍ଦ କରାଯାଇଛି।



## ସ୍ପେନ୍: ୨୪ ଘଣ୍ଟାରେ ୪୬୨ ମୃତ

ମାଡ୍ରିଡ୍, ୨୩।୩

ବିଶ୍ୱବ୍ୟାପୀ କରୋନା ଭାଇରସ୍ ତାଣ୍ଡବ ରଚୁଥିବା ବେଳେ ସ୍ପେନ୍‌ରେ ଗତ ୨୪ ଘଣ୍ଟା ମଧ୍ୟରେ ୪୬୨ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ଦେଶରେ ଏବେ କରୋନା ମୃତ୍ୟୁସଂଖ୍ୟା ୨,୨୦୬କୁ ବୃଦ୍ଧିପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି। ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧିପାଇ ୩୩,୦୮୯ରେ ପହଞ୍ଚିଛି। ଚାଇନା ଓ ଇଟାଲି ପରେ ସର୍ବାଧିକ କରୋନା ଭାଇରସ୍ ଆକ୍ରାନ୍ତ ତାଲିକାରେ ଏହି ଦେଶ ଆଗରେ ରହିଛି। ମାର୍ଚ୍ଚ ୧୪କୁ ଦେଶବ୍ୟାପୀ ଲକ୍‌ଡାଉନ୍ କରାଯାଇଥିଲେ ହେଁ ମୃତ ଓ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଏବେ ଏହି ଲକ୍‌ଡାଉନ୍‌କୁ ସେଠାରେ ଏପ୍ରିଲ ୧୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କେବଳ ମାଡ୍ରିଡ୍‌ରେ ସଂକ୍ରମିତଙ୍କ ସଂଖ୍ୟା ୧୦ ହଜାର ଉପରେ ରହିଛି। ୧୨ ଶହରୁ ଊର୍ଦ୍ଧ୍ୱ ଲୋକ ଏଠାରେ ପ୍ରାଣ ହରାଇ ସାରିଲେଣି। ମୋଟ ୩,୯୧୦ ସ୍ୱାସ୍ଥ୍ୟକର୍ମୀ କରୋନା ସଂକ୍ରମିତ ଥିବା ଜଣାପଡ଼ିଛି।

## କରୋନା ପ୍ରଭାବିତଙ୍କ ଲାଗି ବିଭିନ୍ନ ରାଜ୍ୟର ସହାୟତା ପ୍ୟାକେଜ

ନୂଆଦିଲ୍ଲୀ,୨୩।୩(ପି.ଟି.)

କରୋନା ସଂକ୍ରମଣ ରୋକିବାକୁ ସରକାର ବହୁବିଧ ପଦକ୍ଷେପମାନ ନେଉଥିବାବେଳେ ଏଥିପାଇଁ ଦିନମଜୁରିଆଠାରୁ ଆରମ୍ଭ କରି ବିଭିନ୍ନ ଲୋକ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ସେମାନଙ୍କୁ ସହାୟତା କରିବା ଲାଗି ବିଭିନ୍ନ ରାଜ୍ୟ ସରକାର କେତେକ ପ୍ୟାକେଜ ଘୋଷଣା କରିଛନ୍ତି। ଉତ୍ତରପ୍ରଦେଶରେ ପାଖାପାଖି ୧୫ ଲକ୍ଷ ଦିନ ମଜୁରିଆ ଏବଂ ୨୦.୩୭ ଲକ୍ଷ ନିର୍ମାଣ ଶ୍ରମିକଙ୍କ ଲାଗି ଯୋଗୀ ଆଦିତ୍ୟନାଥ ସରକାର ମାସକୁ ୧୦୦୦ ଟଙ୍କା ଲେଖାଏ ଭତ୍ତା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ଏଥିସହିତ ଏପ୍ରିଲ ମାସରେ ରାଜ୍ୟର ୧.୬୫ କୋଟି ଗରିବ ଲୋକଙ୍କୁ ମାସକର ରାଶନ ମାଗଣାରେ ଯୋଗାଇ ଦିଆଯିବ ବୋଲି ସରକାର କହିଛନ୍ତି।

କେରଳ ସରକାର କରୋନା ମୁକାବିଲା ପାଇଁ ୨୦ ହଜାର କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ବ୍ୟକ୍ତିଗତ ଋଣ ପରିଶୋଧ ଲାଗି ୨୦୦୦ କୋଟି, ଅଗ୍ରିମ ଭତ୍ତା ଲାଗି ୧୩୨୦ କୋଟି ଟଙ୍କା ଏବଂ ସ୍ୱାସ୍ଥ୍ୟ ପ୍ୟାକେଜ ବାବଦରେ ୫୦୦ କୋଟି ଟଙ୍କା ଏଥିରେ ଅନ୍ତର୍ଭୁକ୍ତ। ସେହିପରି ନିଶ୍ଚିତ ନିଯୁକ୍ତି କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ଅଧିକ କାମଧନ୍ଦା ସୃଷ୍ଟି ଲାଗି ୨୦୦୦ ଟଙ୍କା ଏବଂ ଗୋଟିଏ ମାସ ସମସ୍ତଙ୍କୁ ମାଗଣା ରାଶନ ଯୋଗାଇ ଦେବା ଲାଗି ୧୦୦ କୋଟି ଟଙ୍କା ରଖାଯାଇଛି।

ସେହିପରି ତେଲଙ୍ଗାନା ସରକାର ୩୧ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲକ୍‌ଡାଉନ ଘୋଷଣା କରିଛନ୍ତି। ରାଜ୍ୟର ହ୍ୱାଇଟ ରାଶନ କାର୍ଡଧାରୀମାନଙ୍କୁ ଏହି ସମୟରେ ଜଣପିଛା ୧୨ କିଲୋଗ୍ରାମ ଚାଉଳ ମାଗଣାରେ ଯୋଗାଇଦେବା ସହ ୧୫୦୦ ଟଙ୍କା ଦେବା ଲାଗି ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଘୋଷଣା କରିଛନ୍ତି। ଏହାଦ୍ୱାରା ୮୭.୫୯ କୋଟି ରାଶନ କାର୍ଡଧାରୀ ଉପକୃତ ହେବେ।

## କରୋନା ବିରୋଧରେ ଦୀର୍ଘ ଲଢ଼େଇ କରିବାକୁ ହେବ: ମୋଦି

ନୂଆଦିଲ୍ଲୀ,୨୩।୩(ପି.ଟି.)

କୋଭିଡ୍-୧୯ ଏକ ଜୀବନକାଳ ସମସ୍ୟା। ଏହାର ମୁକାବିଲା ଲାଗି ଦୀର୍ଘ ଲଢ଼େଇ କରିବାକୁ ହେବ। ନୂତନ ତଥା ଇନୋଭେଟିଭ୍ ସମାଧାନ ମାଧ୍ୟମରେ ଏହାର ମୁକାବିଲା କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଏକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଗଣମାଧ୍ୟମକୁ କହିଛନ୍ତି।



ଭାରତରେ କରୋନା ଭୂତାଣୁ ୪୧୫ ଜଣଙ୍କୁ ସଂକ୍ରମଣ କରିଥିବାବେଳେ ୮ ଜଣଙ୍କ ଜୀବନ ନେଲାଣି। ଗଣମାଧ୍ୟମ ପ୍ରତିନିଧି, କ୍ୟାମେରାମ୍ୟାନ ଓ ଟେକ୍‌ନିସିଆନ ସେମାନଙ୍କ ଅକ୍ଳାନ୍ତ ଉଦ୍ୟମ ବଳରେ ଦେଶ ପାଇଁ ବଡ଼ ସେବା କରିଛନ୍ତି। ସକାରାତ୍ମକ ଖବର ଦ୍ୱାରା ସେମାନେ ଲୋକଙ୍କ ମନରୁ ନିରାଶାବାଦ ଓ ଭୟ ଦୂର କରିପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କରୋନା ସମ୍ପର୍କିତ ସଚେତନତା ସୃଷ୍ଟି ଲାଗି ସେ ନ୍ୟୁଜ୍ ଚ୍ୟାନେଲଗୁଡ଼ିକର ଭୂମିକାକୁ ପ୍ରଶଂସା କରିଛନ୍ତି।

## କୋଲକାତାରେ ପ୍ରଥମ କରୋନା ମୃତ୍ୟୁ

- ପଶ୍ଚିମବଙ୍ଗକୁ ସବୁ ବିମାନ ଉଡ଼ାଣ ବନ୍ଦ ଦାବି
- ଭାରତରେ ମୃତକଙ୍କ ସଂଖ୍ୟା ୯କୁ ବୃଦ୍ଧି

ନୂଆଦିଲ୍ଲୀ, ୨୩।୩

କରୋନା ବିଶ୍ୱବ୍ୟାପୀ ଆତଙ୍କ ଖେଳାଇ ଦେଇଛି। ବିଭିନ୍ନ ଦେଶରେ ଲୋକମାନେ ପୋକମାଛି ଭଳି ମରୁଛନ୍ତି। ଭାରତ ବି ଏଥିରୁ ବାଦ୍‌ପଡ଼ିନି। ସୋମବାର ଆଉ ୨ ଜଣଙ୍କ ମୃତ୍ୟୁ ହେବା ପରେ ଦେଶରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୯ରେ ପହଞ୍ଚିଛ ଓ ୪୩୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଅଛନ୍ତି। ସୋମବାର ଅପରାହ୍ନ ୩.୩୫ରେ କୋଲକାତାରେ ପ୍ରଥମ କରୋନା ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଦମ୍ ଦମ୍‌ର ଜଣେ ୫୫ ବର୍ଷୀୟ ଯୁବକ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହେବା ପରେ ଚିକିତ୍ସାଧୀନ ଅବସ୍ଥାରେ ସ୍ଥାନୀୟ ଆମ୍ରି ହସ୍ପିଟାଲରେ ପ୍ରାଣ ହରାଇଥିବା ସରକାରୀ ଭାବେ କୁହାଯାଇଛି। ହସ୍ପିଟାଲ ପକ୍ଷରୁ ଏନେଇ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ରଲେଖି ପଶ୍ଚିମବଙ୍ଗକୁ ଆସୁଥିବା ସମସ୍ତ ବିମାନ ଉଡ଼ାଣକୁ ବନ୍ଦ କରିବା ଲାଗି କହିଛନ୍ତି। ବିମାନ ଉଡ଼ାଣ ଦ୍ୱାରା କ୍ୱାରାଣ୍ଟାଇନ ପ୍ରୋଟୋକଲ ଓ ସଟ୍‌ଡାଉନରେ ବ୍ୟତିକ୍ରମ ଘଟୁଛି। ବିମାପ ଉଡ଼ାଣ ବନ୍ଦ ହେଲେ କରୋନା ସଂକ୍ରମଣକୁ ସହଜେ ରୋକାଯାଇପାରିବ ବୋଲି ମମତା ପତ୍ର ଦ୍ୱାରା ଦର୍ଶାଇଛନ୍ତି। ମମତାଙ୍କ ଅନୁରୋଧ କ୍ରମେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହର୍‌ଦୀପ ସିଂ ପୁରୀ ଖୁବ୍‌ଶୀଘ୍ର କେନ୍ଦ୍ର ସରକାର ଏହା ଉପରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦି ଦେଶର ବିଭିନ୍ନ ସ୍ଥାନରେ ଲକ୍‌ଡାଉନକୁ ଗମ୍ଭୀରତାର ସହ ନେଉ ନ ଥିବାରୁ ଚିନ୍ତାବ୍ୟକ୍ତ କରିଛନ୍ତି। ଦେଶରେ କରୋନା ସଂକ୍ରମଣକୁ ରୋକିବା ଲାଗି ରାଜ୍ୟ ସରକାର କେନ୍ଦ୍ରର ନିର୍ଦ୍ଦେଶାବଳୀକୁ ପାଳନ କରି ବିଶେଷ ପଦକ୍ଷେପ ଗ୍ରହଣ କରିବା ଲାଗି ଅନୁରୋଧ କରିଛନ୍ତି।

ଭାରତରେ ପୁଣି ୫୫ ମାମଲା ସାମ୍ନାକୁ ଆସିଛି। ରବିବାର ଗୁଜରାଟ, ବିହାର ଓ ମହାରାଷ୍ଟ୍ରରେ ଜଣେ ଲେଖାଏ ବ୍ୟକ୍ତି ପ୍ରାଣ ହରାଇଥିଲେ। ତାହା ପୂର୍ବରୁ କର୍ଣ୍ଣାଟକ, ଦିଲ୍ଲୀ, ମହାରାଷ୍ଟ୍ର, ପଞ୍ଜାବରେ ମୃତ୍ୟୁଲୀଳା ଦେଖିବାକୁ ମିଳିଥିଲା। ଏପର୍ଯ୍ୟନ୍ତ ୨୪ ସଂକ୍ରମିତ ବ୍ୟକ୍ତି ସଫଳ ଚିକିତ୍ସା ଦ୍ୱାରା ଭଲହୋଇ ଘରକୁ ଯାଇଥିବା ଜଣାପଡ଼ିଛି। ମହାରାଷ୍ଟ୍ରରେ ଏବେ ସର୍ବାଧିକ ୬୭ କରୋନା ସଂକ୍ରମିତ ଥିବା ବେଳେ କେରଳରେ ମଧ୍ୟ ସମାନ ସଂଖ୍ୟକ ଅଛନ୍ତି। ଦିଲ୍ଲୀରେ ୨୯, ଉତ୍ତରପ୍ରଦେଶରେ ୨୮, ରାଜସ୍ଥାନରେ ୨୭, ତେଲଙ୍ଗାନାରେ ୨୬, କର୍ଣ୍ଣାଟକରେ ୨୬ ସଂକ୍ରମିତ ଥିବା ଜଣାପଡ଼ିଛି।

## ୧୨ ଘରୋଇ ଲାବ୍ ଚେନ୍‌ରେ ହେବ କରୋନା ପରୀକ୍ଷା

**ନୂଆଦିଲ୍ଲୀ,୨୩।୩(ଆଇଏଏନ୍‌ଏସ୍):** କରୋନା ପରୀକ୍ଷା ଲାଗି ସରକାର ୧୨ଟି ଘରୋଇ ଲାବ୍ ଚେନ୍‌କୁ ଦାୟିତ୍ୱ ଦେଇଛନ୍ତି। ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ନିର୍ଦ୍ଦେଶକ ଡ. ବଳରାମ ଭାର୍ଗବ ଏହି ସୂଚନା ଦେଇଛନ୍ତି। ଏହି ୧୨ଟି ଲାବ୍ ଚେନ୍ ଅଧୀନରେ ୧୫,୦୦୦ ନମୁନା ସଂଗ୍ରହ କେନ୍ଦ୍ର ରହିଛି। ଦୁଇଟି କମ୍ପାନୀ ପରୀକ୍ଷା କିଟ୍ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଦିଲ୍ଲୀର ଲାଲ୍ ପାଥ୍ ଲାବ୍ସ, ଗୁଜରାଟର ୟୁନିପାଥ୍ ସ୍ପେଶିଆଲିଟି ଲାବରେଟୋରି, ହରିୟାଣାର ଷ୍ଟ୍ରାଣ୍ଡ ଲାଇଫ୍ ସାଇନ୍ସ ଏବଂ ଏସ୍‌ଆର୍‌ଏଲ୍ ଲିମିଟେଡକୁ କରୋନା ନମୁନା ପରୀକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇଛି।

## ୨୫ରୁ ଘରୋଇ ବିମାନ ସେବା ବାତିଲ

ନୂଆଦିଲ୍ଲୀ, ୨୩।୩

କରୋନା ଭାଇରସ୍ ଯୋଗୁ ଆସନ୍ତା ୨୫ରୁ ସମସ୍ତ ଘରୋଇ ବିମାନ ବନ୍ଦରହିବ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। କରୋନା ଭୂତାଣୁ ଯେପରି ନ ବ୍ୟାପିବ, ସେଥିଲାଗି ବିମାନ ଯାତ୍ରା ଉପରେ କଟକଣା ଲଗାଯାଇଛି। ରବିବାରଠାରୁ ଭାରତ ସପ୍ତାହକ ଲାଗି ଅନ୍ତର୍ଜାତୀୟ ବିମାନ ଉଡ଼ାଣ ଉପରେ କଟକଣା ଲଗାଇଥିଲା। ଏବେ ଘରୋଇ ବିମାନଗୁଡ଼ିକ ମାର୍ଚ୍ଚ ୨୪ ରାତି ୧୨ରୁ ଚଳାଚଳ ବନ୍ଦ ରଖିବେ ବୋଲି ମନ୍ତ୍ରଣାଳୟର ମୁଖପାତ୍ର ପ୍ରକାଶ କରିଛନ୍ତି। ଏହି ସମୟ ମଧ୍ୟରେ ବିଭିନ୍ନ ଘରୋଇ ବିମାନଗୁଡ଼ିକ ସେମାନଙ୍କ କାର୍ଯ୍ୟସ୍ଥଳୀରେ ପହଞ୍ଚିଯିବେ। ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଏହି କଟକଣା ଲଗାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତେବେ ମାଲ୍‌ବାହୀ ବିମାନଗୁଡ଼ିକ ଲାଗି ଏହା ଲାଗୁ କରାଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

## ସୁପ୍ରିମକୋର୍ଟରେ କରୋନା କଟକଣା



- ଓକିଲ ଚାମ୍ବର ବନ୍ଦ
- ଭିଡିଓ ଲିଙ୍କ୍‌ରେ ଅତି ଜରୁରୀ ମାମଲାର ଶୁଣାଣି
- ୪ ଯାଏ ଦିଲ୍ଲୀ ହାଇକୋର୍ଟ ବନ୍ଦ

ନୂଆଦିଲ୍ଲୀ,୨୩।୩(ପି.ଟି.)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନିରାପତ୍ତା ପଦକ୍ଷେପ ସ୍ୱରୂପ ସର୍ବୋଚ୍ଚ ଅଦାଲତ ଓକିଲମାନଙ୍କ ଚାମ୍ବରଗୁଡ଼ିକୁ ବନ୍ଦ କରିବା ଲାଗି ସୋମବାର ନିଷ୍ପତ୍ତି ନେଇଛନ୍ତି। କେବଳ ଗୋଟିଏ କୋର୍ଟରେ ଅତି ଜରୁରୀ ମାମଲାଗୁଡ଼ିକର ଶୁଣାଣି ହେବ ବୋଲି କୁହାଯାଇଛି। ସୋମବାରଠାରୁ ଆଇନଜୀବୀ ଓ ଅନ୍ୟ କର୍ମଚାରୀମାନଙ୍କ ପ୍ରବେଶ କାର୍ଡକୁ ବାତିଲ କରାଯାଇଛି। ତେଣୁ ସୁପ୍ରିମକୋର୍ଟ ପରିସରରେ କାହାକୁ ପଶିବା ଲାଗି ଅନୁମତି ଦିଆଯିବ ନାହିଁ। ପ୍ରଧାନ ବିଚାରପତି ଏସ୍.ଏ. ବୋବଡେ, ଜଷ୍ଟିସ୍ ଏଲ୍.ଏନ୍. ରାଓ ଏବଂ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ କହିଛନ୍ତି, ଅତି ଜରୁରୀ କାରଣ ଲାଗି କେବଳ ସୁପ୍ରିମକୋର୍ଟ ବାର୍ ଆସୋସିଏଶନର ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେଙ୍କୁ ପ୍ରବେଶ ଅନୁମତି ମିଳିଛି। ସପ୍ତାହରେ ଥରେ ଗୋଟିଏ କୋର୍ଟ ବସି ଅତି ଜରୁରୀ ମାମଲାର ଶୁଣାଣି ହେବ। ଭିଡିଓ ଲିଙ୍କ ମାଧ୍ୟମରେ ଆଇନଜୀବୀମାନେ ସେମାନଙ୍କ ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ କରିବା ସହ ସେମାନଙ୍କ ଚାମ୍ବରରୁ ଯୁକ୍ତି ଉପସ୍ଥାପନ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। ସେହିପରି ଏପ୍ରିଲ ୪ ପର୍ଯ୍ୟନ୍ତ ଦିଲ୍ଲୀ ହାଇକୋର୍ଟ ସମେତ ସମସ୍ତ ଜିଲା ଅଦାଲତ ବନ୍ଦ କରିଦିଆଯାଇଛି। ଅତି ଜରୁରୀ ମାମଲା ଥିଲେ ଫୋନ୍ ଯୋଗେ ରେଜିଷ୍ଟ୍ରାର କିମ୍ବା ଯୁଗ୍ମ ରେଜିଷ୍ଟ୍ରାରଙ୍କୁ ଜଣାଇଲେ ଭିଡିଓ କନ୍‌ଫରେନ୍ସ ଜରିଆରେ ତାହାର ଶୁଣାଣି କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

## ପାର୍ଲାମେଣ୍ଟ ସାଇନ-ଏ-ଡାଏ

ନୂଆଦିଲ୍ଲୀ,୨୩।୩(ପି.ଟି.)

କରୋନା ସଂକ୍ରମଣର ଭୟାବହତାକୁ ଅନୁଭବ କରି ସୋମବାରଠାରୁ ପାର୍ଲାମେଣ୍ଟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାଇନ-ଏ-ଡାଏ ଘୋଷଣା କରାଯାଇଛି। ସୋମବାର ଲୋକ ସଭାରେ ଅର୍ଥ ବିଲ୍ ବିନା ଆଲୋଚନାରେ ବାଚନିକ ଭୋଟରେ ଗୃହୀତ ହେବା ପରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ମୁଲତବୀ ଘୋଷଣା କରିଥିଲେ। ସେହିପରି ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ସୋମବାର ଗୃହକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ ଘୋଷଣା କରିଛନ୍ତି। ଅପରାହ୍ନ ୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ନାଇଡୁ କହିଥିଲେ, ସେ ଗୃହର ନେତା ଥାୱରଚାନ୍ଦ ଗେହଲଟ ଏବଂ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦଙ୍କ ସମେତ ବିଭିନ୍ନ ଦଳର ନେତାମାନଙ୍କୁ ଭେଟିଛନ୍ତି। କରୋନା ଭୂତାଣୁ ଜନିତ ଗୁରୁତର ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସଭାକୁ ମୁଲତବୀ ରଖିବା ଲାଗି ସମସ୍ତେ ରାଜି ହୋଇଥିବା ସେ କହିଥିଲେ।



ସେହିପରି ଲୋକ ସଭାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଅର୍ଥ ବିଲ୍ ଗୃହୀତ କରାଇବା ଲାଗି ପ୍ରସ୍ତାବ ଆଣିଥିଲେ। ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ୩୦,୪୨,୨୩୦ କୋଟି ଟଙ୍କାର ଅର୍ଥବିଲ୍ ଗୃହୀତ ହେବା ପୂର୍ବରୁ କରୋନା ସଂକ୍ରମଣ ଯୋଗୁ ପ୍ରଭାବିତ ସେକ୍ଟରଗୁଡ଼ିକ ଲାଗି ସରକାର ଆର୍ଥିକ ପ୍ୟାକେଜ ଘୋଷଣା କରନ୍ତୁ ବୋଲି କଂଗ୍ରେସ, ଡିଏମ୍‌କେ ସମେତ ବିଭିନ୍ନ ବିରୋଧୀ ଦଳର ସଦସ୍ୟମାନେ ଦାବି କରିଥିଲେ। ସେହିପରି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ଲୋକ ସଭାରେ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ ବିଲ୍ ଏବଂ ଜାତୀୟ ଫୋରେନସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟ ବିଲ୍ ଆଗତ କରିଥିଲେ। ଛତିଶଗଡ଼ର ସୁକ୍‌ମା ଜିଲାରେ ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିବା ୧୭ ସୁରକ୍ଷା କର୍ମୀଙ୍କ ଲାଗି ଉଭୟ ଗୃହରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଏପ୍ରିଲ ସୁଦ୍ଧା ଭାରତରେ ହୋଇପାରେ ଇଟାଲି ସ୍ଥିତି

ମୁମ୍ବାଇ,୨୩।୩(ଆଇଏନ୍‌ଏସ୍)

କୋଭିଡ-୧୯ ଭୂତାଣୁ ଭାରତରେ ଯେଉଁଭଳି ବ୍ୟାପିବାରେ ଲାଗିଛି, ଏହା ମାସକ ମଧ୍ୟରେ ଦେଶରେ ବଡ଼ଧରଣର ମେଡିକାଲ ବିପର୍ଯ୍ୟୟ ସୃଷ୍ଟି ହୋଇପାରେ। ଏଥିପାଇଁ ଅନ୍ତତଃ ଦୁଇସପ୍ତାହ ଜନତା କର୍ଫ୍ୟୁ କାର୍ଯ୍ୟକାରୀ ହେବା ଜରୁରୀ ବୋଲି ଜଣେ ମାଇକ୍ରୋବାୟୋଲୋଜିଷ୍ଟ ସତର୍କ କରାଇଦେଇଛନ୍ତି। ସାମାଜିକ ଦୂରତ୍ୱକୁ ଯଦି ଗୁରୁତର ଭାବେ କାର୍ଯ୍ୟକାରୀ କରା ନ ଯାଏ, ତେବେ ଏପ୍ରିଲ ଶେଷ ସୁଦ୍ଧା ହସ୍ପିଟାଲଗୁଡ଼ିକ ରୋଗୀରେ ଭର୍ତ୍ତି ହୋଇଯାଇପାରେ। ଭାରତରେ ଇଟାଲି ଓ ଇରାନ ଭଳି ସ୍ଥିତି ସୃଷ୍ଟି ହୋଇପାରେ ବୋଲି ଭାରତର ମାଇକ୍ରୋବାୟୋଲୋଜିଷ୍ଟ ସୋସାଇଟି (ଏମ୍‌ଏସ୍‌ଆଇ)ର ଅଧ୍ୟକ୍ଷ ଏ.ଏମ୍. ଦେଶମୁଖ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେତେବେଳକୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବ ବୋଲି ସେ କହିଛନ୍ତି। କରୋନା ସଂକ୍ରମଣ ରୋକିବା ଲାଗି ସରକାରଙ୍କ ନିର୍ଦ୍ଦେଶନାମା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଦେଶମୁଖ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ସଂସ୍ପର୍ଶରେ ଆସିବା ଭୂତାଣୁ ସଂକ୍ରମଣର ସବୁଠୁ ବଡ଼ ବିପଦ ବୋଲି କୁହାଯାଉଛି। ସେଥିପାଇଁ ଅନ୍ୟୂନ ୧୪ ଦିନ ଦେଶରେ ଜନତା କର୍ଫ୍ୟୁ କାର୍ଯ୍ୟକାରୀ କରିବା ଲାଗି ଏମ୍‌ଏସ୍‌ଆଇ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।



ଦେଶମୁଖଙ୍କ କହିବା ଅନୁଯାୟୀ, କୋଭିଡ-୧୯ ଭୂତାଣୁ ସକ୍ରିୟ ହେବା ସମୟ ୧୪ ଦିନ। ଏହା ପରେ ଯଦି ରୋଗୀଠାରେ କରୋନା ପଜିଟିଭ୍ ଆସେ ତେବେ ସେମାନଙ୍କୁ ଚାଇନା, ଇଟାଲି ଭଳି ହସ୍ପିଟାଲରେ ଭର୍ତ୍ତି କରିବାକୁ ପଡ଼ିବ। ତେଣୁ ୧୪ ଦିନ ସମ୍ପୂର୍ଣ୍ଣ ଘରେ ରହିବା ଦ୍ୱାରା ସଂକ୍ରମଣକୁ ରୋକାଯାଇପାରିବ ବୋଲି ଏମ୍‌ଏସ୍‌ଆଇ ପକ୍ଷରୁ କୁହାଯାଇଛି।



ଲକ୍‌ଡାଉନ୍ ମାନୁ ନାହାନ୍ତି ଲୋକେ।




# ଆଜିଠୁ ଚାଲିବନି ବସ୍

■ ମଧ୍ୟରାତ୍ରିରୁ ସିଟି ବସ୍ ଚଳାଚଳ ବନ୍ଦ
■ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ କଟକଣା ଏପ୍ରିଲ ୩୦ ପର୍ଯ୍ୟନ୍ତ ବୃଦ୍ଧି
■ ୨୫ ସନ୍ଧ୍ୟା ସୁଦ୍ଧା ଏସ୍‌ସିଏସ୍‌ଟି ଅନ୍ତେବାସୀଙ୍କୁ ମିଳିବ ସ୍କଲାରଶିପ୍

ଭୁବନେଶ୍ୱର,୨୩।୩(ବ୍ୟୁରୋ)

କରୋନା ଭୂତାଣୁ (କୋଭିଡ୍-୧୯)ର ସଂକ୍ରମଣ ପ୍ରତିହତ କରିବା ନିମନ୍ତେ ଓଡ଼ିଶା ସରକାର ଦିନରାତି ଲାଗିପଡ଼ିଛନ୍ତି। ପ୍ରତିଦିନ ଏ ଦିଗରେ କିଛି ନା କିଛି ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ଆଉ ଏକ ବଡ଼ କଟକଣା ଲଗାଇଛନ୍ତି ରାଜ୍ୟ ସରକାର। ମଙ୍ଗଳବାର ଅର୍ଥାତ୍ ୨୪ ତାରିଖ ପୂର୍ବାହ୍ନ ୧୧ଟାଠାରୁ ସମସ୍ତ ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ରହିବ। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଏହି ନିୟମ ଜାରି ରହିବ। ସେହିପରି ସମସ୍ତ ସହରାଞ୍ଚଳରେ ମଧ୍ୟରାତ୍ରିରୁ ସିଟି ବସ୍ ସେବା ବନ୍ଦ ରହିବ ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି।

ସେପଟେ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଏହି କଟକଣା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲାଗୁ ହୋଇଥିଲା। ଟେକ୍ ହୋମ୍ ରାଶନ୍ ବାବଦରେ ଛତୁଆ, ଲଡୁ ଆଦି ଶୁଖିଲା ଖାଦ୍ୟ ୬ ମାସରୁ ୩ ବର୍ଷର ଶିଶୁ, ଗର୍ଭବତୀ ଏବଂ ପ୍ରସୂତିମାନଙ୍କୁ ଅଙ୍ଗନୱାଡ଼ି କର୍ମୀ ବା ସହାୟିକାମାନେ ସେମାନଙ୍କ ଘରେ ପହଞ୍ଚାଇବେ। ସେହିଭଳି ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ସକାଳ ଜଳଖିଆ ଏବଂ ମଧ୍ୟାହ୍ନରେ ରନ୍ଧା ଖାଦ୍ୟ ବାବଦକୁ ଶୁଖିଲା ଖାଦ୍ୟ ସେମାନଙ୍କ ଘରେ ପହଞ୍ଚାଇ ଦିଆଯିବ। ପ୍ରତ୍ୟେକ ପରିବାରକୁ ପ୍ରତି ସପ୍ତାହରେ ଅଣ୍ଡା ମଧ୍ୟ ଦିଆଯିବ। ଛତୁଆ ପ୍ରସ୍ତୁତକାରୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ସାମାଜିକ ଦୂରତ୍ୱ ଏବଂ ପରିଷ୍କାର ପରିଚ୍ଛନ୍ନତା ପାଇଁ ଆବଶ୍ୟକ ପ୍ରୋଟୋକଲ୍ ନିଶ୍ଚୟ ପାଳନ କରିବାକୁ କୁହାଯାଇଥିବା ବାଗ୍‌ଚୀ ସୂଚନା ଦେଇଛନ୍ତି।

ଲକ୍‌ଡାଉନ୍ ଘୋଷିତ ଅଞ୍ଚଳରେ ଅବସ୍ଥିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଛାତ୍ରାବାସଗୁଡ଼ିକରେ ଆସନ୍ତା ୨୫ ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ସ୍କଲାରଶିପ୍ ଟଙ୍କା ଅଗ୍ରିମ ବଣ୍ଟନ କାର୍ଯ୍ୟ ଶେଷ ହେବ। ଏଥିସହିତ ଏହି ସମୟ ମଧ୍ୟରେ ଅନ୍ତେବାସୀମାନଙ୍କୁ ସେମାନଙ୍କ ମାତାପିତା ବା ଅଭିଭାବକ ବା ପ୍ରତିନିଧିମାନେ ଛାତ୍ରାବାସରୁ ସାଥିରେ ଘରକୁ ନେଇଯିବେ। ଏଥିପାଇଁ ସେମାନେ ନିଜେ ବେସରକାରୀ ଗାଡ଼ିର ବନ୍ଦୋବସ୍ତ କରିବେ। ସେମାନଙ୍କୁ ସମ୍ପୃକ୍ତ ପ୍ରଧାନଶିକ୍ଷକ ବା ଶିକ୍ଷକମାନେ ଏକ ପ୍ରମାଣପତ୍ର ଦେବେ। ପ୍ରମାଣପତ୍ରରେ ଉକ୍ତ ଯାନଟି ପିଲାମାନଙ୍କୁ ଘରକୁ ନେବା ପାଇଁ ବ୍ୟବହୃତ ହୋଇଛି ବୋଲି ଦର୍ଶାଯାଇଥିବ। ଫଳରେ ଲକ୍‌ଡାଉନ୍ ସମୟରେ ଯାନବାହନ ଚଳାଚଳ କଟକଣାରୁ ସେହି ଯାନଗୁଡ଼ିକ ମୁକ୍ତ ରହିବ ବୋଲି ବାଗ୍‌ଚୀ କହିଛନ୍ତି।

## କୋଭିଡ-୧୯ ପାଣ୍ଠିକୁ ୩ ମାସର ଦରମା ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୩(ବ୍ୟୁରୋ): ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଏକ ସ୍ୱତନ୍ତ୍ର ସହାୟତାର ଆବଶ୍ୟକତା ରହିଛି। କରୋନା(କୋଭିଡ-୧୯) ବର୍ତ୍ତମାନ ସାରା ବିଶ୍ୱ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇ ଉଭା ହୋଇଛି। ଏହାର ମୁକାବିଲା କରିବା ପାଇଁ ଏଭଳି ପରିସ୍ଥିତିରେ ବ୍ୟାପକ ଜନସଚେତନତା ତିଆରି ଲାଗି ବ୍ୟାପକ ଅର୍ଥର ଆବଶ୍ୟକତା ପଡୁଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଏହାସହ ସେ ନିଜର ୩ ମାସର ଦରମା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି(ସିଏମ୍‌ଆରଏଫ)କୁ ଦାନ କରିଛନ୍ତି। ଏହି ପାଣ୍ଠିକୁ ସେ କୋଭିଡ-୧୯ ପାଣ୍ଠି ବୋଲି ସମ୍ବୋଧନ କରିଛନ୍ତି। ଅନ୍ୟ ସମସ୍ତଙ୍କୁ ମଧ୍ୟ ଏଭଳି ସମୟରେ କରୋନା ପୀଡ଼ିତାଙ୍କ ଲାଗି ମୁଖ୍ୟମନ୍ତ୍ରୀ ଦାନ କରିବାକୁ ଅନୁରୋଧ କରିଛନ୍ତି। କରୋନା ସ୍ଥିତିକୁ ଦେଖିବାପରେ ରାଜ୍ୟବ୍ୟାପୀ ସମସ୍ତେ ବର୍ତ୍ତମାନ ଭୟଭୀତ ହୋଇପଡିଲେଣି। ବିଶ୍ୱାସ ବାହାରେ ସବୁକିଛି ବନ୍ଦ ହେବା ଆରମ୍ଭ ହେଲାଣି। ଏଭଳି ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅନୁରୋଧ ସମସ୍ତଙ୍କୁ ସଚେତନ କରାଇଛି। ଅପରପକ୍ଷରେ ବିଜେଡି ରାଜ୍ୟ ସଭା ସଦସ୍ୟ ଏବଂ ଲୋକ ସଭା ଏମ୍‌ପି, ବିଧାୟକମାନେ ସେମାନଙ୍କର ୩ ମାସର ଦରମା ଆସନ୍ତା ମାର୍ଚ୍ଚ ୨୯ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରି ଏହି ଜରୁରୀ ପରିସ୍ଥିତିରେ ଉଦାହରଣ ସୃଷ୍ଟି କରିବାକୁ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ତଥା ବିଜେଡି ନେତା ସଞ୍ଜୟ ଦାସବର୍ମା ଅନୁରୋଧ କରିଛନ୍ତି।

# ୧୧ ହଜାର ଲୋକଙ୍କ ପାଇଁ ଜଣେ ଡାକ୍ତର

**ଭାରତରେ ସରକାରୀ ସ୍ୱାସ୍ଥ୍ୟସେବାର ଭୟଙ୍କର ସତ୍ୟ**

■ ୮୪ ହଜାର ଲୋକଙ୍କ ପାଇଁ ରହିଛି ୧ ଆଇସୋଲେଶନ ବେଡ୍
■ ୩୬ ହଜାର ଲୋକଙ୍କ ପାଇଁ ୧ କ୍ୱାରାଣ୍ଟାଇନ ବେଡ୍
■ ପ୍ରତି ୫୫,୫୯୧ ଜନତାଙ୍କ ଗୋଟିଏ ସରକାରୀ ହସ୍ପିଟାଲ
■ ୧୮୪୪ ଭାରତୀୟଙ୍କ ପାଇଁ ଗୋଟିଏ ବେଡ୍



ନୂଆଦିଲ୍ଲୀ,୨୩।୩

ଭାରତରେ କରୋନା(କୋଭିଡ୍-୧୯) ସଂକ୍ରମଣ ସମ୍ପ୍ରତି ବଢ଼ିବାରେ ଲାଗିଛି। ଏଭଳି ସ୍ଥଳେ ଏକ ବିରାଟ ପ୍ରଶ୍ନ ଉଠିଛି ଯେ, ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ର କରୋନାକୁ ମୁକାବିଲା କରିବାକୁ ପ୍ରସ୍ତୁତ କି? ଭାରତରେ ଲୋକସଂଖ୍ୟା ଅନୁପାତରେ ଡାକ୍ତରଙ୍କ ସଂଖ୍ୟା ଏବଂ ହସ୍ପିଟାଲଗୁଡ଼ିକରେ ଉପଲବ୍ଧ ଶଯ୍ୟା ସଂଖ୍ୟା ଦେଖିଲେ ଏଭଳି ପ୍ରଶ୍ନ ଉଠୁଛି। ଜନସଂଖ୍ୟା-ଡାକ୍ତର ଅନୁପାତ ଦୃଷ୍ଟିରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚଓ) ପକ୍ଷରୁ ଧାର୍ଯ୍ୟ ସଂଖ୍ୟାକୁ ଦେଖିଲେ ଭାରତକୁ ୧୦ଗୁଣ ଅଧିକ ଏଲୋପାଥିକ ଡାକ୍ତର ଆବଶ୍ୟକ। ଅସମାନତା ଦୂର କରିବା ପାଇଁ ଦେଶ ଅତିକମ୍‌ରେ ୫ ଲକ୍ଷ ଅଧିକ ସରକାରୀ ଡାକ୍ତର ଆବଶ୍ୟକ କରୁଥିବା କେନ୍ଦ୍ର ସରକାରଙ୍କ ତଥ୍ୟରୁ ଜଣାପଡ଼ିଛି।

୨୦୧୯ ଜୁନ୍‌ରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ହେଲ୍‌ଥ ପ୍ରୋଫାଇଲ ମାଧ୍ୟମରେ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ଭାରତର ପ୍ରତି ୧୧,୦୮୨ ଲୋକଙ୍କ ପାଇଁ ଜଣେ ଏଲୋପାଥିକ ଡାକ୍ତର ରହିଛନ୍ତି। ସେହିପରି ୧,୮୪୪ ଲୋକଙ୍କ ପାଇଁ ଗୋଟିଏ ସରକାରୀ ହସ୍ପିଟାଲର ଶଯ୍ୟା ରହିଥିବାବେଳେ ୫୫,୫୯୧ ଲୋକଙ୍କ ଲାଗି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହସ୍ପିଟାଲ ରହିଛି। ଏହି ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତରେ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଏଲୋପାଥିକ ଡାକ୍ତରଙ୍କ ଉପରେ ରହିଛି ୧.୩ ବିଲିୟନ(୧୩୦ କୋଟି) ଲୋକଙ୍କ ଚିକିତ୍ସା ଭାର। ଏହାକୁ ଆଧାର କଲେ ଜନସଂଖ୍ୟା ଓ ଡାକ୍ତର ଅନୁପାତ ହେଉଛି ୧:୧୧,୦୮୨। କିନ୍ତୁ ଏ କ୍ଷେତ୍ରରେ ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ଧାର୍ଯ୍ୟ ଅନୁପାତ ହେଉଛି ୧:୧,୦୦୦, ଅର୍ଥାତ୍ ପ୍ରତି ୧ ହଜାର ଜନସଂଖ୍ୟା ପାଇଁ ଜଣେ ଡାକ୍ତର। ଭାରତର କେତେକ ଗରିବ ରାଜ୍ୟରେ ଡାକ୍ତର ସଂଖ୍ୟା ସ୍ଥିତି ଅତି ଖରାପ। ଉଦାହରଣ ସ୍ୱରୂପ ବିହାରରେ ପ୍ରତି ୨୮,୩୯୧ ଜନସଂଖ୍ୟାରେ ଜଣେ ସରକାରୀ ଏଲୋପାଥିକ ଡାକ୍ତର ରହିଛନ୍ତି। ୨୦୧୩ରେ ସେଠାରେ ପ୍ରତି ୨୦,୨୦୭ ଜନସଂଖ୍ୟାରେ ଜଣେ ଡାକ୍ତର ଥିଲେ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରିପୋର୍ଟରୁ ହସ୍ପିଟାଲ ଭିତ୍ତିଭୂମି ଉପଯୁକ୍ତ ନ ଥିବା ଜଣାପଡ଼ିଛି। ସହର ଓ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା ମଧ୍ୟରେ ବ୍ୟାପକ ଅସମାନତା ଥିବାବେଳେ ଶଯ୍ୟା (ବେଡ୍) ସଂଖ୍ୟା ଚିନ୍ତାଜନକ ରହିଛି। ଭାରତରେ ୨୩ହଜାରରୁ ଊର୍ଦ୍ଧ୍ୱ ସରକାରୀ ହସ୍ପିଟାଲ ଏବଂ ପ୍ରାୟ ୭ ଲକ୍ଷ ୩୯ ହଜାର ଶଯ୍ୟା ରହିଛି। ସେଥିମଧ୍ୟରୁ ପ୍ରାୟ ୨୦ ହଜାର ହସ୍ପିଟାଲ ଗ୍ରାମାଞ୍ଚଳରେ ରହିଥିବାବେଳେ ପାଖାପାଖି ୩ ଲକ୍ଷ ଶଯ୍ୟା ରହିଛି। ସହରାଞ୍ଚଳରେ କମ୍ ଅର୍ଥାତ୍ ପ୍ରାୟ ୩,୭୦୦ ହସ୍ପିଟାଲ ରହିଛି। କିନ୍ତୁ ୪.୩ ଲକ୍ଷରୁ ଊର୍ଦ୍ଧ୍ୱ ଶଯ୍ୟା ରହିଛି। କେତେକ ରାଜ୍ୟର ସରକାରୀ ହସ୍ପିଟାଲଗୁଡ଼ିକରେ ଗୋଟିଏ ଶଯ୍ୟାରେ ୨ଜଣ ଚିକିତ୍ସିତ ହେଉଥିବା ତଥ୍ୟରୁ ଜଣାପଡ଼ିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୨୦୧୭ ମାର୍ଚ୍ଚ ରିପୋର୍ଟକୁ ଦେଖିଲେ ଭାରତରେ ପ୍ରତି ୮୪ ହଜାର ଲୋକଙ୍କ ପାଇଁ ଗୋଟିଏ ଆଇସୋଲେଶନ ବେଡ୍ ରହିଥିବାବେଳେ ପ୍ରତି ୩୬ ହଜାର ଜନସଂଖ୍ୟା ପାଇଁ ଗୋଟିଏ କ୍ୱାରାଣ୍ଟାଇନ ବେଡ୍ ରହିଛି। ୨୦୧୭ରେ ଉତ୍ତରପ୍ରଦେଶର ୨,୯୦୪ ଜଣଙ୍କ ପାଇଁ ସରକାରୀ ହସ୍ପିଟାଲରେ ଗୋଟିଏ ଶଯ୍ୟା ରହିଥିଲା। କିନ୍ତୁ ୨୦୧୩ରେ ଗୋଟିଏ ଶଯ୍ୟା ୧୮୧୯ଜଣଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଏଥିରୁ ସ୍ପଷ୍ଟ ଯେ, ଦିନକୁ ଦିନ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଦୁର୍ବଳ ହୋଇପଡୁଥିବାବେଳେ ସରକାରୀ ବିଫଳତାକୁ ମଧ୍ୟ ସୂଚାଉଛି।

## ସରକାରୀ, ଘରୋଇ କର୍ମଚାରୀଙ୍କ ଦରମା ନ କଟିବା ଉପରେ ଗୁରୁତ୍ୱ ଦିଅ

### ରାଜ୍ୟ ସରକାରଙ୍କୁ ଚିଠି ଲେଖିଲା ଶ୍ରମ ମନ୍ତ୍ରଣାଳୟ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଦେଶବ୍ୟାପୀ ବହୁ ଜିଲାକୁ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ତାହାର ପ୍ରଭାବରେ ବଡ଼ବଡ଼ କମ୍ପାନୀଠାରୁ ଆରମ୍ଭ କରି ଛୋଟ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରଭାବିତ ହୋଇଛନ୍ତି। ଏଭଳିସ୍ଥିତିରେ ବହୁ ଘରୋଇ କମ୍ପାନୀ ନିଜ ଶ୍ରମିକ, କର୍ମଚାରୀମାନଙ୍କ ଦୈନିକ ମଜୁରି କାଟ୍ କରିବାକୁ କହୁଥିବାବେଳେ ବହୁଜଣଙ୍କୁ ଛଟେଇ କରାଯାଉଥିବା ଅଭିଯୋଗ ଆସୁଛି। ତେଣୁ ଛଟେଇ କିମ୍ବା ଦରମା କାଟ କଟକଣା ଜାରି କରିବାକୁ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ସଚିବ ହୀରାଲାଲ ସାମାରିଆ ରାଜ୍ୟ ସରକାରଙ୍କ ନିକଟକୁ ଚିଠି ଲେଖି ଅନୁରୋଧ କରିଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି ଯେ, ସରକାରୀ ଓ ଘରୋଇ ପ୍ରତିଷ୍ଠାନଗୁଡ଼ିକ ଅସ୍ଥାୟୀ କିମ୍ବା ଠିକା କର୍ମଚାରୀଙ୍କୁ ଯେଭଳି ଚାକିରିରୁ ଛଟେଇ ଓ ଦରମା କାଟ ନ କରିବେ ସେଥିପ୍ରତି ଧ୍ୟାନ ଦେବା ରାଜ୍ୟ ସରକାରଙ୍କ ଦାୟିତ୍ୱ।

## ବିଧାନସଭା ପ୍ରଶ୍ନୋତ୍ତର ବାତିଲ

ଭୁବନେଶ୍ୱର,୨୩।୩(ବ୍ୟୁରୋ): କରୋନା ଭୂତାଣୁର ପ୍ରକୋପକୁ ଦେଖି (କୋଭିଡ୍-୧୯)ଷୋଡଶ ବିଧାନସଭାର ତୃତୀୟ ଅଧିବେଶନର ମାର୍ଚ୍ଚ ୧୬ ତାରିଖରୁ ୨୧ ଏବଂ ୨୩ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ସମସ୍ତ ପ୍ରଶ୍ନୋତ୍ତରକୁ ବାତିଲ କରାଯାଇଛି। କରୋନା ଭୂତାଣୁ ପାଇଁ ରାଜ୍ୟ ସରକାର ବହୁ ସରକାରୀ ବିଭାଗର କର୍ମଚାରୀମାନଙ୍କୁ କାର୍ଯ୍ୟାଳୟକୁ ନ ଆସିବାକୁ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱର ଛଡା ରାଜ୍ୟର ଅନ୍ୟ ଜିଲାକୁ ମଧ ତାଲା ବନ୍ଦ (ଲକଡାଉନ)କରାଯାଇଛି। ଏଥିଯୋଗୁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗର ପ୍ରଶ୍ନୋତ୍ତର ଦେବା ସମ୍ଭବ ହେଉ ନାହିଁ। ବିଧାନସଭା ସଦସ୍ୟଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ପ୍ରଶ୍ନୋତ୍ତରକୁ ବାତିଲ କରିବାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ତେବେ ଭବିଷ୍ୟତରେ ଏହାକୁ ଏକ ପ୍ରଥା ଭାବେ ନ ଗ୍ରହଣ କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି ବୋଲି ବିଧାନସଭା ସଚିବ ଦାଶରଥୀ ଶତପଥୀ ଏକ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

## ୩୧ ପର୍ଯ୍ୟନ୍ତ ବନ୍ଦ ରହିବ ପାସ୍‌ପୋର୍ଟ ସେବାକେନ୍ଦ୍ର

ଭୁବନେଶ୍ୱର,୨୩।୩(ବ୍ୟୁରୋ): ସମଗ୍ର ବିଶ୍ୱରେ ମହାମାରୀ କୋଭିଡ୍-୧୯ର ଭୟାବହତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରସ୍ଥିତ ପାସ୍‌ପୋର୍ଟ ସେବା କେନ୍ଦ୍ରକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଏହି ସମୟ ମଧ୍ୟରେ ରାଜ୍ୟର ବିଭିନ୍ନ ମୁଖ୍ୟ ଡାକଘରେ ଥିବା ପୋଷ୍ଟଅଫିସ୍ ପାସ୍‌ପୋର୍ଟ ସେବା କେନ୍ଦ୍ରଗୁଡ଼ିକ ମଧ୍ୟ ବନ୍ଦ ରହିବ। ଏଥିସହ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ କରାଯାଇଥିବା ପାସ୍‌ପୋର୍ଟ ଆବେଦନ ସମ୍ବନ୍ଧୀୟ ସାକ୍ଷାତକାରଗୁଡ଼ିକୁ ରଦ୍ଦ କରିଦିଆଯାଇଛି। ଯେଉଁ ଆବେଦନକାରୀମାନଙ୍କର ଆବେଦନ ରଦ୍ଦ ହୋଇଛି ସେମାନେ ଏପ୍ରିଲ ୭ ତାରିଖ ପରେ ଅନ୍‌ଲାଇନରେ ପୁନଃ ଆବେଦନ କରିପାରିବେ ବୋଲି ଆଞ୍ଚଳିକ ପାସ୍‌ପୋର୍ଟ ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।




ପୁରୀ ବେଳାଭୂମିରେ ସୋମବାର ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା। ସରକାରଙ୍କ ଗାଇଡଲାଇନ ମାନିବା ସହ ଘରେ ସୁରକ୍ଷିତ ଭାବେ ରହି କରୋନାକୁ ମୁକାବିଲା କରିବା ପାଇଁ ସେ ସଚେତନତା ବାର୍ତ୍ତା ଦେଉଛନ୍ତି।

# ସର୍ବାଧିକ ୭ଜଣ କର୍ମଚାରୀ ବ୍ୟାଙ୍କରେ ରହିବେ

**ବ୍ୟାଙ୍କ ଲାଗି କଟକଣା**

■ ପୂର୍ବାହ୍ନ ୧୦ଟାରୁ ୨ଟା ପର୍ଯ୍ୟନ୍ତ ଖୋଲା ରହିବ
■ ଅନ୍‌ଲାଇନ ସେବା ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

କୋଭିଡ୍-୧୯ ସଂକ୍ରମଣ ପରିପ୍ରେକ୍ଷୀରେ ରାଜ୍ୟର ବ୍ୟାଙ୍କଗୁଡ଼ିକ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର କେତେକ କଟକଣା ଜାରି କରାଯାଇଛି। ଯେଉଁ ଜିଲା ଏବଂ ସହରାଞ୍ଚଳଗୁଡ଼ିକରେ ଲକ୍‌ଡାଉନ ବା ତାଲା ବନ୍ଦ ଘୋଷଣା କରାଯାଇଛି ସେଠାରେ ବ୍ୟାଙ୍କଗୁଡ଼ିକ ପାଇଁ ନୂଆ କାର୍ଯ୍ୟ ନିର୍ଘଣ୍ଟ କରାଯାଇଛି। ଅର୍ଥାତ୍ ସକାଳ ୧୦ଟାରୁ ୨ଟା ପର୍ଯ୍ୟନ୍ତ କାର୍ଯ୍ୟ ସମୟ ଲାଗୁ ହୋଇଛି। କୌଣସି ପରିସ୍ଥିତିରେ ୨ଟା ପୂର୍ବରୁ କିମ୍ବା କାର୍ଯ୍ୟ ଦିବସରେ ବ୍ୟାଙ୍କ ବନ୍ଦ ରହିବ ନାହିଁ ବୋଲି ଅର୍ଥ ବିଭାଗ ନିର୍ଦ୍ଦେଶ ଜାରି କରିଛି। ବ୍ୟାଙ୍କଗୁଡ଼ିକ ୨ଜଣରୁ କମ୍ ବା ୭ଜଣରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରିପାରିବେ ନାହିଁ। ଏଟିଏମ୍‌ଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା ପାଇଁ ନଗଦ ଟଙ୍କା ମହଜୁଦ୍ ରହିବ। ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନଗଦ ଅର୍ଥ ପଠାଗଲାବେଳେ ପୋଲିସ୍ ସୁରକ୍ଷା ଦିଆଯିବା ସହିତ ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜର ନିର୍ଦ୍ଧାରିତ ଫର୍ମରେ ସିଲ୍ ଏବଂ ଦସ୍ତଖତ ଥିବା ପାସ୍ କର୍ମଚାରୀଙ୍କୁ ପ୍ରଦାନ କରିବେ। ସେମାନେ ନିଜର ପରିଚୟ ପତ୍ର ପୋଲିସ୍‌କୁ ଦେଖାଇବେ। ବ୍ୟାଙ୍କ କର୍ତ୍ତୃପକ୍ଷମାନେ ସେମାନଙ୍କ ସୂଚନା ପ୍ରଯୁକ୍ତି ଭିତ୍ତିଭୂମିକୁ ସବୁ ପରିସ୍ଥିତିରେ ସୁନିଶ୍ଚିତ କରିବେ। ଉପଭୋକ୍ତାମାନଙ୍କୁ ବିକଳ୍ପ ମାଧ୍ୟମ ଯଥା ମୋବାଇଲ୍ ବ୍ୟାଙ୍କିଙ୍ଗ୍, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, ଅନ୍‌ଲାଇନ୍ ପେମେଣ୍ଟ, ଏଟିଏମ୍ ଆଦି ବ୍ୟବହାର ପାଇଁ ଉତ୍ସାହିତ କରିବେ। ଏସ୍‌ଏମ୍‌ଏସ୍ ମାଧ୍ୟମରେ ଉପଭୋକ୍ତାମାନଙ୍କୁ ବ୍ୟାଙ୍କଗୁଡ଼ିକ ସେମାନଙ୍କ ସେବା ବିଷୟରେ ଜଣାଇବା ସହ କଲ୍ ସେଣ୍ଟର ମାଧ୍ୟମରେ ୨୪ଘଣ୍ଟିଆ ସେବା ପ୍ରଦାନ କରିବେ। ବ୍ୟାଙ୍କଗୁଡ଼ିକ ନଗଦ ଜମା/ଉଠାଣ, ଏନ୍‌ଇଏଫ୍‌ଟି, ଚେକ୍ କ୍ଲିୟରିଂ, ସରକାରୀ ଟ୍ୟାକ୍ସ କଲେକ୍‌ଶନ୍ ଆଦି ନିୟମିତ କାର୍ଯ୍ୟ ଜାରି ରଖିବେ। ଟ୍ରେନିଂ, ମିଟିଂ, ସମ୍ମିଳନୀ ଆଦି କାର୍ଯ୍ୟ ସ୍ଥଗିତ ରହିବ। ରାଜ୍ୟର ଇନ୍‌ସ୍ୟୁରାନ୍ସ କମ୍ପାନୀଗୁଡ଼ିକ ମଧ୍ୟ ନିୟମ ମାନି କାର୍ଯ୍ୟ କରିବେ। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ରାଜ୍ୟସ୍ତରୀୟ ବ୍ୟାଙ୍କିଙ୍ଗ୍ କମିଟି ରାଜ୍ୟର ସମସ୍ତ ବ୍ୟାଙ୍କ ଏବଂ ଇନ୍‌ସ୍ୟୁରାନ୍ସ କମ୍ପାନୀର କାର୍ଯ୍ୟକୁ ତଦାରଖ କରିବେ।

# ୬ ମାସ ପାଇଁ ଲାଗିଲା ଏସ୍ମା

**କୋଭିଡ-୧୯ ସଚେତନତା**

**ପାନୀୟଜଳ ଯୋଗାଣ, ସଫେଇ କର୍ମଚାରୀଙ୍କୁ ଆନ୍ଦୋଳନ ମନା**

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ପୌରାଞ୍ଚଳରେ ନିୟୋଜିତ ଥିବା କୌଣସି ପରିମଳ ଓ ପାନୀୟଜଳ ଯୋଗାଣରେ ନିୟୋଜିତ ଥିବା କର୍ମଚାରୀ ଆନ୍ଦୋଳନ କରି ପାରିବେ ନାହିଁ। ସେହି କର୍ମଚାରୀଙ୍କ ପାଇଁ ଓଡ଼ିଶା ଅତ୍ୟାବଶ୍ୟକ ସେବା(ପରିଚାଳନା) ଆଇନ(ଏସ୍ମା)-୧୯୮୮ ଅନୁଯାୟୀ କଟକଣା ଜାରି କରାଯାଇଛି । ଏ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୬ ମାସ ଯାଏ ଏହି କଟକଣା ବଳବତ୍ତର ରହିବ। ରାଜ୍ୟର ସମସ୍ତ ମହାନଗର ନିଗମ, ପୌର ସଂସ୍ଥା, ଜନସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ସ୍ୱେରେଜ ବୋର୍ଡ ଏବଂ ୱାଟ୍‌କୋ ପ୍ରତି ଏହି କଟକଣା ଜାରି କରାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି।

କରୋନା(କୋଭିଡ-୧୯)ର ଭୟାବହତା ସମଗ୍ର ବିଶ୍ୱକୁ ଥରହର କରିଛି। ରାଜ୍ୟ ସରକାର ଏହି ମହାମାରୀକୁ ପ୍ରତିହତ କରିବା ପାଇଁ ଅନେକ କଠୋର ପଦକ୍ଷେପ ନେଉଛନ୍ତି। ଅତ୍ୟାବଶ୍ୟକ ଓ ଜରୁରୀ ସେବା ଯୋଗାଇଦେବା ପାଇଁ କେତେକ ବିଭାଗ ଖୋଲା ରହିଛି। କୋଭିଡ-୧୯ର ପ୍ରତିକାର ପାଇଁ ପାନୀୟଜଳ ଓ ପରିମଳ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ଦେଖା ଦେଇଛି। ସହରାଞ୍ଚଳରେ ପାନୀୟଜଳ ଯୋଗାଣ ଏବଂ ପୌରସେବା ଯେପରି ବ୍ୟାହତ ନ ହେବ ସେଥିପ୍ରତି ସରକାର ଗୁରୁତ୍ୱ ଦେଇଛନ୍ତି। ସଫେଇ, ପରିମଳ ଏବଂ ପାନୀୟଜଳ ଯୋଗାଣ କାର୍ଯ୍ୟରେ ନିୟୋଜିତ ଥିବା ଠିକା ସଂସ୍ଥାର କର୍ମଚାରୀମାନେ ସେମାନଙ୍କ ଦାବି ପୂରଣ ନେଇ ହଠାତ୍ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଏହାଦ୍ୱାରା ଭୟଙ୍କର ପରିମଳ ସମସ୍ୟା ସୃଷ୍ଟି ହେଉଛି। ଏଥିସହିତ ପାନୀୟଜଳ ଯୋଗାଣ ଓ କାର୍ଯ୍ୟରେ ନିୟୋଜିତ ଥିବା ଠିକା କର୍ମଚାରୀମାନେ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଉଛନ୍ତି। ଏଥିଯୋଗୁ ଜନସାଧାରଣ ବହୁମାତ୍ରାରେ ପ୍ରଭାବିତ ହେଉଛନ୍ତି। ଏହି ଜରୁରୀ ପରିସ୍ଥିତିରେ ପାନୀୟଜଳ ଯୋଗାଣ କର୍ମଚାରୀ ଓ ପରିମଳ କର୍ମଚାରୀ କୌଣସି ପରିସ୍ଥିତିରେ ଆନ୍ଦୋଳନକୁ ଓହ୍ଲାଇ ପାରିବେ ନାହିଁ। ଓଡ଼ିଶା ଅତ୍ୟାବଶ୍ୟକ ସେବା(ପରିଚାଳନା) ଆଇନ-୧୯୮୮ର ସେକ୍ସନ ୩ର ଉପସେକ୍ସନ(୧) ଅନୁଯାୟୀ କଟକଣା ଲାଗୁ କରାଯାଇଛି। ସଫେଇ ଏବଂ ପାନୀୟଜଳ ଯୋଗାଣରେ ନିୟୋଜିତ ଥିବା କୌଣସି ସଂସ୍ଥା କିମ୍ବା କର୍ମଚାରୀଙ୍କ ଆନ୍ଦୋଳନକୁ ବେଆଇନ ଘୋଷଣା କରାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ଏପରି ଆନ୍ଦୋଳନ ଯେପରି ନ ହେବ ସେଥିପ୍ରତି ବିଭାଗ ପକ୍ଷରୁ ଏଭଳି କଡ଼ା ପଦକ୍ଷେପ ନିଆଯାଇଛି।

# ‘ଟଙ୍କା ନୁହେଁ, ପୁଅ ପାଖରେ ଥାଉ’

**କରୋନା କରିଛି ଗାଁ ମୁହାଁ**

ପୁରୀ ଅଫିସ, ୨୩।୩

କରୋନା ଆତଙ୍କ ପାଇଁ ରାଜ୍ୟ ବାହାରେ ରହୁଥିବା ବହୁ ଓଡ଼ିଆ ନିଜ ଭିଟାମାଟିକୁ ଫେରି ଆସିଛନ୍ତି। ଅନେକ ଗାଁରେ ଏବେ ବାହାର ଫେରନ୍ତା ଯୁବକ। ଟଙ୍କା ରୋଜଗାର ଆଶାରେ ଦୀର୍ଘଦିନ ଧରି ଗାଁ ମାଟି ମାଡ଼ି ନ ଥିବା ପୁଅ ବର୍ତ୍ତମାନ ମା’ ପାଖରେ। ମା’ ବି ପୁଅକୁ ଦେଖି ବେଶ୍ ଖୁସି। ଏଭଳି ସ୍ଥିତିରେ ଟଙ୍କା ନୁହେଁ, ପୁଅ ଆମ ପାଖରେ ଥାଉ ବୋଲି କହୁଛନ୍ତି ଅନେକ ମା’।

ସାକ୍ଷୀଗୋପାଳ ଅଞ୍ଚଳର ଜଣେ ଅବିବାହିତ ଯୁବକ ହାଇଦ୍ରାବାଦରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ଗତ କିଛିଦିନ ପୂର୍ବରୁ ସେ ଗାଁକୁ ଚାଲିଆସିଥିଲେ। ମେଡିକାଲ ଟିମ୍ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ସହ ଆବଶ୍ୟକ ତଥ୍ୟ ସଂଗ୍ରହ କରିଛି। ତାଙ୍କଠାରେ କରୋନାର କୌଣସି ଲକ୍ଷଣ ନାହିଁ। ସମ୍ପୃକ୍ତ ଯୁବକଙ୍କ ମା’ କହିଛନ୍ତି, ମୋର ଗୋଟିଏ ବୋଲି ପୁଅ। ଯାହା ହେଉ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସେ ମୋ’ ପାଖକୁ ଫେରିଆସିଛି। ବର୍ତ୍ତମାନ କରୋନା ପାଇଁ ମୋ’ ମନରେ ଭୟ ଛୁଉଁଥିଲା। ହେଲେ ପୁଅ ପହଞ୍ଚିବା ପରେ ଆଶ୍ୱସ୍ତ ଲାଗୁଛି। କିନ୍ତୁ ଛୁଟିନାହିଁ ବୋଲି କହି ପୁଣି ଯିବାକୁ ବାହାରୁଛି। ତାକୁ ଆଉ ଛାଡ଼ିବିନି। ମୋର ପଇସା ଦରକାର ନାହିଁ ବୋଲି ଉକ୍ତ ମା’ ଜଣକ କହିଛନ୍ତି। ସେହିପରି ଗୋପ ଅଞ୍ଚଳର ଜଣେ ଯୁବକ ରାଜସ୍ଥାନରେ କାମ କରୁଥିଲେ। ଘରେ କେବଳ ମା’ ରୁହନ୍ତି। ଏବେ ମା’ ଡାକରାରେ ସେ ଗାଁକୁ ଫେରିଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା, କିନ୍ତୁ ସେମିତି କିଛି ଅସୁବିଧା ନାହିଁ। ମା’, ପୁଅ ଦୁହେଁ ଘରେ ରହିଛନ୍ତି। ତାଙ୍କ ମା’ କହିଛନ୍ତି, ସ୍ୱାମୀ ନାହାନ୍ତି, ଦୁଇଝିଅ ବି ବାହା ହୋଇଯାଇଛନ୍ତି। ପୁଅ ହେଉଛି ମୋର ସବୁକିଛି। ନିଜେ କିଛି ରୋଜଗାର କରିବ ଏମିତି ଲକ୍ଷ୍ୟରେ ସେ ରାଜସ୍ଥାନ ଯାଇଥିଲା। ପ୍ରତ୍ୟେକ ଦିନ ତା’ କଥା ଭାବି ଝୁରି ହେଉଥିଲି। କିନ୍ତୁ ତା’ ଭବିଷ୍ୟତକୁ ଚାହିଁ ଚୁପ୍ ରହୁଥିଲି। ହେଲେ ଏବେ କରୋନା ପାଇଁ ସେ ମୋ’ କଥା ମାନି ପଳାଇ ଆସିଛି। ଜୀବନ ଆଗ, ଜୀବିକା ପଛ। ଜୀବନ ଥିଲେ ବହୁ ଟଙ୍କା ରୋଜଗାର କରିବ, ନଚେତ ମୂଲ ଲାଗି ପେଟ ପୋଷିବ। ପୁଅ ମୋ’ପାଖରେ ଥାଉ, ଏତିକି ମା’ ମଙ୍ଗଳାଙ୍କୁ ପ୍ରାର୍ଥନା କରୁଛି।

କେବଳ ଏହି ଦୁଇଜଣ ନୁହଁନ୍ତି, ଏବେ ପୁରୀ ଜିଲାର ବିଭିନ୍ନ ଗାଁରେ ପହଞ୍ଚିଛନ୍ତି ରାଜ୍ୟ ଓ ଦେଶ ଫେରନ୍ତା ଯୁବକ। ଆଉ ଏମାନଙ୍କୁ ପାଖରେ ପାଇ ବେଶ୍ ଖୁସି ହେଉଛନ୍ତି ସମ୍ପର୍କୀୟ। ଅବଶ୍ୟ କେଉଁଠି କେମିତି କରୋନା ଆତଙ୍କ ନେଇ ଗାଁ ଲୋକେ ଏମାନଙ୍କୁ ଦେଖି ଆଶଙ୍କା କରୁଛନ୍ତି। ସ୍ନେହ କାଙ୍ଗାଳୁଣୀ ମା’ କିନ୍ତୁ ପୁଅକୁ ପାଖରେ ପାଇ ସବୁକିଛି ପାଇଗଲା ପରି ମନେ କରୁଛି।

**କିଛି ତଥ୍ୟ**
ଚଳିତ ବର୍ଷ ଫେବୃୟାରୀ ମାସରେ ଦେଶର ଅଶୋଧିତ ଇସ୍ପାତ ଉତ୍ପାଦନ ୧.୫% ବୃଦ୍ଧି ଘଟି ୯.୬ ନିୟୁତ ଟନ୍ ରହିଛି।
– ୱାର୍ଲଡ ଷ୍ଟିଲ ଆସୋସିଏଶନ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩୧ ପର୍ଯ୍ୟନ୍ତ ଜରୁରୀ ମାମଲାର ଶୁଣାଣି

**କଟକ ଅଫିସ,୨୩।୩**

## ହାଇକୋର୍ଟଙ୍କ ପକ୍ଷରୁ କରୋନା କଟକଣା

- ତାଲିକାଭୁକ୍ତ ହେବ ନାହିଁ କୌଣସି ମାମଲା
- ୨୪ଘଣ୍ଟା ଉପସ୍ଥିତ ରହିବେ ଡାକ୍ତରୀ ଦଳ
- ଲକ୍‌ଡାଉନ୍ ଅଞ୍ଚଳରେ ଦିନକୁ ଘଣ୍ଟାଏ ଖୋଲିବ କୋର୍ଟ



କରୋନା ଭୂତାଣୁ ସଂକ୍ରମଣ ରୋକିବା ଦିଗରେ ହାଇକୋର୍ଟ ପକ୍ଷରୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ହାଇକୋର୍ଟ ରେଜିଷ୍ଟ୍ରାର(ଜୁଡିସିଆଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାର ୧୪ଟି ଜିଲା ପାଇଁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଆସନ୍ତା ୨୯ତାରିଖ ରାତି ୯ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ ସୋମବାର ସମସ୍ତ ମାମଲାର ଶୁଣାଣିକୁ ବାତିଲ୍ କରିଦିଆଯାଇଛି। ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ କୌଣସି ମାମଲା ତାଲିକାଭୁକ୍ତ ହେବ ନାହିଁ। କେବଳ ଜରୁରୀରୁ ଅତି ଜରୁରୀ ମାମଲାକୁ ହ୍ୱାଟସ୍‌ଆପ୍ କିମ୍ବା ଭିଡିଓ କଲ୍ ମାଧ୍ୟମରେ ରେଜିଷ୍ଟ୍ରାର(ଜୁଡିସିଆଲ୍)ଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ। ଏଥିସହ କୋର୍ଟ ପରିସରରେ ୨୪ଘଣ୍ଟା ଡାକ୍ତରୀ ଟିମ୍ ଉପସ୍ଥିତ ରହିବା ସହ ଏକ ଗାଡି ମହଜୁଦ୍ ରହିବ। କୋର୍ଟ କର୍ମଚାରୀମାନେ ରୋଟେସନ୍ ଅନୁଯାୟୀ କାର୍ଯ୍ୟରେ ଯୋଗଦେବେ। ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ। ଏଥିସହ ଗତ ୧୬ତାରିଖର ନିର୍ଦ୍ଦେଶଗୁଡ଼ିକର କାର୍ଯ୍ୟକାରୀ ଜାରି ରହିବ ବୋଲି ରେଜିଷ୍ଟ୍ରାର(ଜୁଡିସିଆଲ୍) ପକ୍ଷରୁ କୁହାଯାଇଛି।

ସେହିପରି ନିମ୍ନକୋର୍ଟଗୁଡିକ ପାଇଁ ମଧ୍ୟ ହାଇକୋର୍ଟ ପକ୍ଷରୁ ସୋମବାର ସର୍କୁଲାର୍ ଜାରି କରାଯାଇଛି। ରେଜିଷ୍ଟ୍ରାର୍ ଜେନେରାଲ୍‌ଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଲକ୍‌ଡାଉନ୍ ଘୋଷିତ ଜିଲା ଓ ପୌରାଞ୍ଚଳର ନିମ୍ନକୋର୍ଟଗୁଡିକ ସମୟରେ ପରିବର୍ତ୍ତନ କରାଯାଇଛି। ସେଠାରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କୋର୍ଟ ଖୋଲା ରହିବ। କେବଳ ଅତି ଜରୁରୀ ମାମଲାର ଶୁଣାଣି ସହ ଜାମିନ, ରିମାଣ୍ଡଗୁଡିକର ଶୁଣାଣି ହେବ। ଅନ୍ୟପକ୍ଷରେ ଲକ୍‌ଡାଉନ୍ ଘୋଷଣା ହୋଇ ନ ଥିବା ଜିଲା ଓ ପୌରାଞ୍ଚଳର ନିମ୍ନ ଅଦାଲତଗୁଡିକ ପୂର୍ବାହ୍ନ ୧୧ରୁ ଅପରାହ୍ନ ୧ଟା ଯାଏ ଖୋଲା ରହିବ। ଉଭୟ ଅଞ୍ଚଳରେ କମ୍ ସଂଖ୍ୟକ କୋର୍ଟ କର୍ମଚାରୀ କାର୍ଯ୍ୟରେ ଯୋଗଦେବେ ଏବଂ ଅପରାହ୍ନ ୧ଟା ପରେ କୋର୍ଟ ଓ କାର୍ଯ୍ୟାଳୟ ବନ୍ଦ କରାଯିବ। କୋର୍ଟରେ ଭିଡକୁ ଏଡାଇବା ପାଇଁ ଜରୁରୀ ମାମଲାଗୁଡିକର ଶୁଣାଣି ବେଳେ ଜଣେ ଆଇନଜୀବୀଙ୍କୁ ପକ୍ଷ ରଖିବାକୁ ଅନୁମତି ଦିଆଯିବ ବୋଲି ସର୍କୁଲାରରେ ଉଲ୍ଲେଖ କରାଯାଇଛି। ଏହା ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ରେଜିଷ୍ଟ୍ରାର ଜେନେରାଲ୍‌ଙ୍କ ସୂତ୍ରରୁ ସୂଚନା ମିଳିଛି।

# ୧୦ ଭାଗ କର୍ମଚାରୀଙ୍କୁ ନେଇ ଚାଲିବ ଅଣଅତ୍ୟାବଶ୍ୟକ କାର୍ଯ୍ୟାଳୟ

**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

ସମସ୍ତ ଅଣ-ଅତ୍ୟାବଶ୍ୟକ (ନନ୍-ଏସେନ୍‌ସିଆଲ) କେନ୍ଦ୍ର ଯଥା ସରକାରୀ କାର୍ଯ୍ୟାଳୟ, ସାଧାରଣ ଉଦ୍ୟୋଗ, ବ୍ୟାଙ୍କ୍ ଓ ବୀମା କାର୍ଯ୍ୟାଳୟ ଆଦି ଶତକଡ଼ା ୧୦ ଭାଗ କର୍ମଚାରୀଙ୍କୁ ନେଇ ଚାଲିବ। ମହାମାରୀ ରୋଗ ଆଇନ-୧୮୯୭ର ଧାରା ୨ ଅନୁସାରେ ରାଜ୍ୟ ସରକାର ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିନିମନ୍ତେ ସମ୍ପୃକ୍ତ କାର୍ଯ୍ୟାଳୟର ମୁଖ୍ୟ ଅଧିକାରୀ କର୍ମଚାରୀଙ୍କ ନାମ ଉଲ୍ଲେଖପୂର୍ବକ ନିର୍ଦ୍ଧାରିତ ଫର୍ମାଟ୍‌ରେ ସେମାନଙ୍କୁ ଯାତାୟାତ ନିମନ୍ତେ ଅନୁମତି ଦେବେ। ଭେହିକିଲ୍ ପାସ୍ ଦିଆଯାଇଥିବା ଅଧିକାରୀ ଓ କର୍ମଚାରୀଙ୍କ ତାଲିକା ମଧ୍ୟ କାର୍ଯ୍ୟାଳୟର ମୁଖ୍ୟ ସ୍ଥାନୀୟ ଥାନାକୁ ଜଣାଇବେ ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ସେହିଭଳି ଅନ୍ୟ

## ବିଭାଗୀୟ କାର୍ଯ୍ୟାଳୟ ଉପରେ ମଧ୍ୟ ଲାଗିଲା କଟକଣା

ବିଭାଗୀୟ କାର୍ଯ୍ୟାଳୟ ଉପରେ କଟକଣା ଲଗାଯାଇଛି। ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ଶତକଡ଼ା ୫୦ ଭାଗ କର୍ମଚାରୀଙ୍କୁ ନେଇ ଚାଲିବ। କେଉଁ କର୍ମଚାରୀ ଓ ଅଧିକାରୀମାନେ କାର୍ଯ୍ୟାଳୟ ଆସିବେ, ତାହା ସମ୍ପୃକ୍ତ ବିଭାଗର ଶାସନ ସଚିବ ନିର୍ଦ୍ଧାରଣ କରିବେ। ଆଂଶିକ-ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ଶାସନ ସଚିବଙ୍କ ନିଷ୍ପତ୍ତି ଅନୁସାରେ ଶତକଡ଼ା ୧୦ ଭାଗ କର୍ମଚାରୀଙ୍କୁ ନେଇ ଚାଲିବ। ନନ୍-କ୍ରିଟିକାଲ ବିଭାଗଗୁଡ଼ିକର ଅଧିକାରୀ ଏବଂ କର୍ମଚାରୀମାନେ ସବୁବେଳେ ଫୋନ୍ ଯୋଗାଯୋଗରେ ରହିବେ। ଦରକାର ସମୟରେ ତାଙ୍କୁ ତତ୍କ୍ଷଣାତ୍ କାର୍ଯ୍ୟାଳୟକୁ ଡକାଯିବ ବୋଲି ବାଗ୍‌ଚୀ ସୂଚନା ଦେଇଛନ୍ତି।



## ଜିଲା ଚିଠି
## ମାଲକାନଗିରି

# ଜଙ୍ଗଲ ଜମି ଅଧିକାର

ମାଲକାନଗିରି ଜିଲାରେ ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ରୁ ଲାଗୁ ହୋଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୩୬ହଜାର ୨୩୪ ଜଣ ଆଦିବାସୀଙ୍କୁ ସେମାନଙ୍କ ଜଙ୍ଗଲ ଜମି ଚିହ୍ନଟ କରାଯାଇ ଅଧିକାର ପତ୍ର ପ୍ରଦାନ କରାଯାଇଛି। ୭୪ଟି ଗ୍ରାମରେ ସମୂହ ସ୍ୱାର୍ଥ ପାଇଁ ଗୋଷ୍ଠୀଗତ ଜଙ୍ଗଲ ଜମି ଅଧିକାର ପତ୍ର ପ୍ରଦାନ କରାଯାଇଛି। ଏବେ ମଧ୍ୟ ୨୫ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିଗତ ଏବଂ ୧ହଜାରରୁ ଉର୍ଦ୍ଧ୍ୱ ଗୋଷ୍ଠୀଗତ ଆବେଦନପତ୍ର ଅଧିକାର ପାଇଁ ପ୍ରଶାସନ ନିକଟରେ ବିଚାରାଧୀନ ରହିଛି। ୨୦୦୬ରେ ଯେତେବେଳେ ଏହି ଆଇନ ବଳରେ ଜଙ୍ଗଲ ଜମି ଅଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଗଲା ସେତେବେଳେ ନୂଆ ସମସ୍ୟା ସାମ୍ନାକୁ ଆସିଲା। ଯେଉଁମାନେ ଜଙ୍ଗଲ ଜମି ଚାଷକରି ପାରୁ ନ ଥିଲେ ସେମାନେ ପଟ୍ଟା ପାଇବା ଆଶାରେ ଶହ ଶହ ଏକର ଜଙ୍ଗଲ ନଷ୍ଟ କଲେ। ଉଦାହରଣ ସ୍ୱରୂପ ପଡିଆ ବ୍ଲକ ସଦର ମହକୁମାରୁ ଶିଖପାଲି ରାସ୍ତାରେ ଅନେକ ମୂଲ୍ୟବାନ ବୃକ୍ଷ ନଷ୍ଟ କରାଯାଇଥିଲା। ଜଙ୍ଗଲ ନଷ୍ଟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ବନ ବିଭାଗ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇଥିଲେ ମଧ୍ୟ ସେମାନଙ୍କୁ ଉଚ୍ଛେଦ କରାଯାଇ ପାରିନାହିଁ। ଫଳରେ ଜଙ୍ଗଲ ଜମି ପଟ୍ଟା ପାଇବା ଆଶାରେ ଅନେକ ବ୍ୟକ୍ତି ଆଭ୍ୟନ୍ତରୀଣ ଅଞ୍ଚଳରେ ଏବେ ମଧ୍ୟ ଜଙ୍ଗଲ ସଫା କରୁଛନ୍ତି। ଅନ୍ୟପକ୍ଷେ ଯେଉଁମାନେ ବର୍ତ୍ତମାନ ଗୋଷ୍ଠୀଗତ ଜଙ୍ଗଲ ଜମି ସ୍ୱତ୍ୱ ପାଇଁ ଆବେଦନ କରିଛନ୍ତି। ସେହି ସବୁ ଗ୍ରାମ ନିକଟରେ ଥିବା ଜଙ୍ଗଲ ଜମି କୌଣସି ନା କୌଣସି ବ୍ୟକ୍ତିଙ୍କ ଅଧୀନରେ ରହିଛି। ଏହି ଜମିକୁ ଗୋଷ୍ଠୀଗତ ଅଧିକାର ଦେବାପାଇଁ କିଏ ଚିହ୍ନଟ କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଏ ପର୍ଯ୍ୟନ୍ତ ଏନେଇ କିଛି ଆଇନଗତ ବ୍ୟବସ୍ଥା ନାହିଁ। ତେଣୁ ଅନେକ ଗ୍ରାମବାସୀ ବୈଠକରେ ନିଷ୍ପତ୍ତି ଅନୁଯାୟୀ ଗୋଷ୍ଠୀଗତ ଜଙ୍ଗଲ ଜମି ପାଇଁ ଆବେଦନ କରିଛନ୍ତି। ଅନେକ ଅନୁଷ୍ଠାନ ମଧ୍ୟ ଜଙ୍ଗଲ ଜମିକୁ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ପଟ୍ଟା ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି। ଯଦି ପ୍ରକୃତ ଜମି ସେମାନେ ଚାଷ କରୁଥାନ୍ତି ଏବଂ ଗ୍ରାମବାସୀଙ୍କ ପାଇଁ ଗୋଷ୍ଠୀଗତ ଅଧିକାର ଜମି ଆବଶ୍ୟକ ଥାଏ ତାକୁ ଚିହ୍ନଟ କରି ତୁରନ୍ତ ଅଧିକାର ଦେବା ଏବଂ ଆଗାମୀ ଦିନରେ ଯଦି ସେହି ଅଞ୍ଚଳର କେହି ଜଙ୍ଗଲ ନଷ୍ଟ କରେ ସେଥିପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି। ଏହି ଆଇନ ପାଇଁ ତୁରନ୍ତ ସମୟ ସୀମା ଘୋଷଣା କରିବା ସହ ବଳକା ଜଙ୍ଗଲକୁ ସୁରକ୍ଷା ଦେବା ଏବେ ଏକ ଆହ୍ୱାନ ହୋଇଛି। ଯଦି ଏ ଦିଗରେ ଶିଥିଳତା ପ୍ରଦର୍ଶନ କରାଯାଏ ତେବେ ଆଗାମୀ ଦିନରେ ପରିବେଶ ଉପରେ ଏହାର ବଡ଼ ପ୍ରଭାବ ପଡିବ ଏଥିରେ ସନ୍ଦେହ ନାହିଁ।

– ଦୁର୍ଯ୍ୟୋଧନ ପାତ୍ର

# ଏମ୍‌ପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଶିବରାଜ

**ଭୋପାଳ,୨୩।୩:** ଭାଜପାର ବରିଷ୍ଠ ନେତା ଶିବରାଜ ସିଂ ଚୌହାନ ଚତୁର୍ଥ ଥର ପାଇଁ ମଧ୍ୟପ୍ରଦେଶ (ଏମ୍‌ପି)ର ମୁଖ୍ୟମନ୍ତ୍ରୀ ଭାବେ ସୋମବାର ରାତି ୯ଟାରେ ଶପଥ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ତାଙ୍କୁ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ କରାଯାଇଥିଲା। ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିରୋଧୀ ଦଳ ନେତା ଗୋପାଳ ଭାର୍ଗବ ତାଙ୍କ ନାମ ପ୍ରସ୍ତାବ ଦେଇଥିଲେ। ପରେ ବିଜୟ ଶାହା, ମୀନା ସିଂ, ପାରସ ଜୈନ ଓ ଅନ୍ୟ ବିଧାୟକମାନେ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ତେବେ କରୋନା ସଂକ୍ରମଣ ଭୟରେ ଦିଲ୍ଲୀରୁ କୌଣସି କେନ୍ଦ୍ରୀୟ ନେତା ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇ ନ ଥିବା ଜଣାପଡିଛି। ୧୫ ମାସର କମଳନାଥ ସରକାରଙ୍କ ପତନ ପରେ ଶିବରାଜ ପୁନଶ୍ଚ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି।

# କରୋନା ପରୀକ୍ଷା କିଟ୍‌ରେ ଦୁର୍ନୀତି

**ନୂଆଦିଲ୍ଲୀ,୨୩।୩:** କୋଭିଡ-୧୯ ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଗୋଟିଏ ପଟେ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରୁଥିବାବେଳେ ଅନ୍ୟପଟେ ନମୁନା ପରୀକ୍ଷା ପାଇଁ ପ୍ରସ୍ତୁତ କିଟ୍‌ରେ ଦୁର୍ନୀତି ହୋଇଥିବା ଜଣାପଡିଛି। ଏପରିକି ମହାମାରୀକୁ ମଧ୍ୟ ଅନୈତିକ ଅର୍ଥ ଉପାର୍ଜନର ମାଧ୍ୟମ ଭାବେ ନେବାକୁ ପଛାଉ ନାହାନ୍ତି ଦୁର୍ନୀତିଗ୍ରସ୍ତ। ଗତ ୨୦ ତାରିଖରେ କେନ୍ଦ୍ର ସରକାର ୧୮ଟି କମ୍ପାନୀକୁ ସେମାନଙ୍କ ପରୀକ୍ଷା କିଟ୍ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଭାଇରୋଲୋଜିରେ ବୈଧ କରିବାକୁ ଅନୁମତି ଦେଇଥିଲେ। ଏହାର ଦିନକ ପୂର୍ବରୁ ଅହମଦାବାଦର କୋସାରା କମ୍ପାନୀ କୋଭିଡ-୧୯ ପରୀକ୍ଷା କିଟ୍ ପ୍ରସ୍ତୁତ କରିବା ଲାଗି ଅନୁମତି ପାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି କମ୍ପାନୀ କିଟ୍‌ର ଦାମ୍ କେତେ ରହିବ ଏପର୍ଯ୍ୟନ୍ତ ପ୍ରକାଶ କରିନାହିଁ। ପ୍ରତି କିଟ୍ ଦାମ୍ ୪୫୦୦ ଟଙ୍କାର ଅଧିକ ହୋଇପାରିବ ନାହିଁ ବୋଲି ୨୧ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମାର୍ଗଦର୍ଶିକା ଜାରି କରିଥିଲା। ଏହା ପୂର୍ବରୁ ଆମେରିକାର ମିଳିତ ଉଦ୍ୟୋଗରେ ଚାଲିଥିବା ଅହମଦାବାଦ କମ୍ପାନୀକୁ କିଟ୍ ପ୍ରସ୍ତୁତି ଲାଗି ଅନୁମତି ଦେବା ପଛରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା କୁହାଯାଉଛି। କୋସାରା କମ୍ପାନୀର ପରୀକ୍ଷା କିଟ୍ ଅନ୍ୟ ଲାବରେଟୋରୀମାନେ ବ୍ୟବହାର କରିବା ଲାଗି କେନ୍ଦ୍ର ସରକାର ରାତାରାତି ନିୟମ ବଦଳାଇବାକୁ ନେଇ ପ୍ରଶ୍ନ ଉଠିଛି। ଯଦି ଏହି କମ୍ପାନୀକୁ କୋଭିଡ-୧୯ କିଟ୍ ପ୍ରସ୍ତୁତ ଲାଗି ଅନୁମତି ମିଳିଥିଲା ତେବେ ପୁଣି ୧୮ଟି କମ୍ପାନୀକୁ ଅନୁମତି ଦିଆଯିବା ପଛର କାରଣ ମଧ୍ୟ ସ୍ପଷ୍ଟ ହୋଇନାହିଁ। ଏସବୁର ଉତ୍ତର ପାଇବା ପାଇଁ ସାକେତ ଗୋଖଲେ ନାମକ ବ୍ୟକ୍ତି ଆରଟିଆଇ (ସୂଚନା ଅଧିକାର ଆଇନ) ବଳରେ ଆବେଦନ କରିଥିବା ଜଣାପଡିଛି।

# ନବଜାତ ଶିଶୁକନ୍ୟାର ନାଁ କରୋନା

**ଗୋରଖପୁର, ୨୩।୩(ଆଇଏଏନ୍‌ଏସ୍)**

ଉତ୍ତରପ୍ରଦେଶର ଗୋରଖପୁରରେ ରବିବାର ଜନତା କର୍ଫ୍ୟୁ ବେଳେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ତା'ର ଦାଦା ଶିଶୁଟିର ନାଁ କରୋନା ରଖିଛନ୍ତି। କରୋନା ଭୂତାଣୁ ଏବେ ସାରା ବିଶ୍ୱକୁ ଏକ କରିଦେଇଛି। ସେଥିପାଇଁ ଆମେ ଶିଶୁର ନାଁ କରୋନା ରଖିବାକୁ ନିଷ୍ପତ୍ତି ନେଇଛୁ ବୋଲି ଦାଦା ନିତେଶ ତ୍ରିପାଠୀ କହିଛନ୍ତି। ନାଁ ଦେବା ପୂର୍ବରୁ ସେ ଶିଶୁର ମାଆ ରାଗିଣୀଙ୍କ ମତାମତ ନେଇଥିଲେ। ଗୋରଖପୁରର ସୋହଗୌରା ଗ୍ରାମରେ ଜନ୍ମିତ ଏହି ଶିଶୁ ଏବେ ବେଶ୍ ଚର୍ଚ୍ଚିତ ହୋଇଛନ୍ତି। ମାରାତ୍ମକ ଭୂତାଣୁ କରୋନା ବିଶ୍ୱରେ ୧୫ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଲାଣି। ଏହା ସତ୍ତ୍ୱେ ଉକ୍ତ ଭୂତାଣୁ ଆମକୁ କେତେକ ଭଲ ଅଭ୍ୟାସ ଶିଖାଇବା ସହ ବିଶ୍ୱକୁ ନିକଟତର କରିଛି। ଅନୈତିକ କାର୍ଯ୍ୟ ବିରୋଧରେ ଲଢ଼େଇ ଲାଗି ଏହି ଝିଅ ଜନ ଏକତାର ପ୍ରତୀକ ହେବ ବୋଲି ନିତେଶ କହିଛନ୍ତି।

# ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ବ୍ୟକ୍ତିଙ୍କ ଘର ଆଗରେ ଲାଗିବ ଷ୍ଟିକର

**ଭୁବନେଶ୍ୱର,୨୩।୩(ବ୍ୟୁରୋ)**

ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ହୋମ୍ କ୍ୱାରାଣ୍ଟାଇନ୍‌ରେ ରହୁଥିବା ବ୍ୟକ୍ତିଙ୍କ ଘର ସମ୍ମୁଖରେ ଏକ ନିର୍ଦ୍ଧାରିତ ଫର୍ମ ପୂରଣ କରି ଲଗାଯିବ। ଏ ନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏଣିକି ହୋମ୍ କ୍ୱାରାଣ୍ଟାଇନ୍‌ରେ ଯେଉଁମାନେ ରହିବେ ସେମାନଙ୍କ ଘର ଦ୍ୱାରରେ ଷ୍ଟିକର ଲାଗିବ। ଯେଉଁମାନଙ୍କ ହୋମ୍ କ୍ୱାରାଣ୍ଟାଇନ ଶେଷ ହୋଇଯିବ ସେମାନଙ୍କ ଘର ଦ୍ୱାରରୁ ଷ୍ଟିକର ଉଠାଇ ଦିଆଯିବ। ଷ୍ଟିକରରେ ହୋମ୍ କ୍ୱାରାଣ୍ଟାଇନରେ ଥିବା ସନ୍ଦିଗ୍ଧ ଓ ତାଙ୍କ ପରିବାରର ସବିଶେଷ ତଥ୍ୟ ରହିବ। କେହି ଜଣେ ବି ତାଙ୍କ ଘରକୁ ନ ଯିବା ପାଇଁ ଗୋଷ୍ଠୀସମୂହଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଗଣମାଧ୍ୟମକୁ ସେଠାକୁ ଯିବା ପାଇଁ ଆଦୌ ଅନୁମତି ମିଳିବ ନାହିଁ। ଏଥିସହ ଗଣମାଧ୍ୟମ ସେମାନଙ୍କ ସମ୍ପର୍କରେ କିଛି ବି ପ୍ରସାର କରିପାରିବେ ନାହିଁ। ଯେଉଁମାନେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବେ ସେମାନଙ୍କ ତାଲିକା ସ୍ଥାନୀୟ ଥାନାରେ ରହିବ। ରାଜ୍ୟ ବାହାରୁ ଆସୁଥିବା ଲୋକେ ଯେପରି ହୋମ କ୍ୱାରାଣ୍ଟାଇନ୍ ବା ପୃଥକ ବାସରେ ରହିବେ, ସେଥିପାଇଁ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨ରେ ସ୍ଥିର ରହିଛି। ସୋମବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ୮୫ଟି ନମୁନା ପରୀକ୍ଷା ପାଇଁ ପଠାଯାଇଥିବାବେଳେ ସମସ୍ତ ନମୁନାର ରିପୋର୍ଟ ମିଳିଛି। ଜଣେ କରୋନା ରୋଗୀଙ୍କ ସଂସ୍ପର୍ଶରେ ବର୍ତ୍ତମାନ ସୁଦ୍ଧା ୫୬ଜଣ ଆସିଥିବା ତଥ୍ୟ ମିଳିଛି। ସେମାନଙ୍କ ମଧ୍ୟରୁ ୫୩ ଜଣଙ୍କ ସହ ଯୋଗାଯୋଗ ହୋଇଛି। ଅନ୍ୟ ୩ ଜଣଙ୍କ ସହ ଯୋଗାଯୋଗ ପାଇଁ ପ୍ରଚେଷ୍ଟା ଚାଲିଛି। ଉଜ୍‌ବେକିସ୍ତାନରୁ ଫେରିଥିବା ଜଣେ ବ୍ୟକ୍ତି କ୍ୱାରାଣ୍ଟାଇନ୍ ଗାଇଡ୍ ଲାଇନ୍‌କୁ ଉଲ୍ଲଂଘନ କରିଥିଲେ। ତେଣୁ ତାଙ୍କ ବିରୋଧରେ ସମ୍ବଲପୁରର ଧନୁପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି।

# ୨ ପର୍ଯ୍ୟାୟରେ ଖୋଲିବ ମାଲ୍‌ଗୋଦାମ

**କଟକ ଅଫିସ,୨୩।୩**

ରାଜ୍ୟର ଅନ୍ୟତମ ବୃହତ୍ ବଜାର ମାଲ୍‌ଗୋଦାମ ଖୋଲିବାକୁ ନେଇ ଥିବା ଦ୍ୱନ୍ଦ୍ୱ ସୋମବାର ଦୂର ହୋଇଛି। ଫଳରେ ଏହି ବଜାର ଦିନକୁ ଦୁଇଟି ଭିନ୍ନ ସମୟରେ ଖୋଲିବ। ଖୁଚୁରା ଦୋକାନଗୁଡିକ ସକାଳ ୬ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଓ ହୋଲ୍‌ସେଲ୍ ଗୋଦାମ୍‌ଗୁଡିକ ମଧ୍ୟାହ୍ନ ୧୨ଟା ପରଠୁ ଖୋଲା ରହିବ। ମାଲ୍‌ଗୋଦାମ ଖୋଲିବା ନେଇ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, କଟକ ଡିସିପି ଅଖିଳେଶ୍ୱର ସିଂଙ୍କ ସମେତ କଟକ ବଣିକ ସଂଘର ପଦାଧିକାରୀମାନେ ଯୋଗଦେଇଥିଲେ। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲାରହିବ। ଖାଦ୍ୟଶସ୍ୟ, ଖାଇବା ତେଲ, ଚିନି, ଲୁଣ, ମସଲା, ଦୁଗ୍ଧ ଆଦି ସାମଗ୍ରୀ ହିଁ ବିକ୍ରି କରାଯାଇପାରିବ। ତେବେ ସମସ୍ତ ଦୋକାନୀ ଏହି ନିଷ୍ପତ୍ତିକୁ ମାନିବା ପାଇଁ ସମ୍ମତି ପ୍ରଦାନ କରିଥିବା ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ କହିଛନ୍ତି।

# ମିଡ୍ ଇଷ୍ଟ ଷ୍ଟିଲ କମ୍ପାନୀର ଆବେଦନ ଉପରେ ରାଜ୍ୟ ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମ୍ କୋର୍ଟ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ)**

## ଲୁହାପଥର ବିକ୍ରି ମାମଲା

ମିଡ୍ ଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଲିମିଟେଡ୍‌କୁ ଉତ୍ତୋଳିତ ଲୁହାପଥର ବିକ୍ରି ପାଇଁ ଅନୁମତି ଦିଆଯାଉନି। ଏ ସମ୍ପର୍କରେ ଜବାବ ରଖିବା ପାଇଁ ସୋମବାର ସୁପ୍ରିମ୍‌କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଓ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଅନୁମତି ଦେବାରେ କାହିଁକି ବିଳମ୍ବ ହେଉଛି ସେନେଇ ଉତ୍ତର ଚାହିଁଛନ୍ତି। ଏଥିସହ ଆସନ୍ତା ୨୫ ତାରିଖ କିମ୍ବା ପରବର୍ତ୍ତୀ ତାରିଖକୁ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ଉତ୍ତୋଳିତ ଲୁହା ପଥର ବିକ୍ରି ପାଇଁ ଅଧିକ ସମୟ ଦେବା ଲାଗି ମିଡ୍ ଇଷ୍ଟ ଷ୍ଟିଲ କମ୍ପାନୀ ସୁପ୍ରିମ୍‌କୋର୍ଟରେ ଆବେଦନ କରିଛି। ରାଜ୍ୟ ସରକାର ଅନୁମତି ଦେଉ ନ ଥିବାରୁ ତାହାକୁ ବିକ୍ରି କରାଯାଇପାରୁନାହିଁ ବୋଲି କମ୍ପାନୀ ପିଟିଶନରେ ଦର୍ଶାଇଛି। ପୂର୍ବରୁ ସୁପ୍ରିମ୍‌କୋର୍ଟ ଖଣି ଲିଜ୍ ନେଇଥିବା କମ୍ପାନୀଗୁଡ଼ିକୁ ସେମାନଙ୍କର ଆଇରନ୍ ଓର୍ ବିକ୍ରି କରିବା ପାଇଁ ଦୁଇମାସ ସମୟ ଦେବା ସହ ଜରିମାନା ବାବଦ ବକେୟା ରାଶି ଖଣି ବିଭାଗରେ ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ମିଡ୍ ଇଷ୍ଟ କମ୍ପାନୀ ୧୯୯୪ ମେ'ରେ ଯାଜପୁର ଡୁବୁରୀଠାରେ ପିଗ୍ ଆଇରନ୍ ଏବଂ ଇସ୍ପାତ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ କେନ୍ଦ୍ର ସରକାରଙ୍କଠାରୁ ଅନୁମତି ପାଇଥିଲା। ଏଥିସହ କେନ୍ଦୁଝର ଜିଲାର ବଡବିଲ୍ ନିକଟରେ ୧୦୪.୬୮ ଏକର ବିଶିଷ୍ଟ ରଏଡ଼ା ଲୁହାପଥର ଖଣି ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଲିଜ୍ ନେଇଥିଲା। ପୂର୍ବରୁ ସୁପ୍ରିମକୋର୍ଟ ବେଆଇନ ଖଣି ଖନନ ପାଇଁ ମିଡ୍ ଇଷ୍ଟକୁ ୯୨୪ କୋଟି ୭୫ଲକ୍ଷ ୨୪ ହଜାର ୨୮୩ ଟଙ୍କା କ୍ଷତି ପୂରଣ ବାବଦକୁ ରାଜ୍ୟ ସରକାରଙ୍କ ନିକଟରେ ୨୦୧୭ ଡିସେମ୍ବର ସୁଦ୍ଧା ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏଯାଏ କମ୍ପାନୀ ଉକ୍ତ ଅର୍ଥ ଜମା କରି ପାରିନାହିଁ।


## classifieds Everyday
0674-2580101, 2549302

real estate

**SALE**

For Sale: DLF Cybercity Patia, 1200sqft Fully Furnished 1.03 CR. Call 9437313333 or Whatsapp 9437513333. D-17232

ଭୁବନେଶ୍ୱରର ପଟିଆ ରଘୁନାଥପୁର, ଫୁଲନଖରା ପାଖରେ **1,2,3,4BHK flat, simplex, duplex** ଅଛି। **8327785834, 9658122456.** D-69114

ଭୁବନେଶ୍ୱର ସୁନ୍ଦରପଦାରେ ଆଜି ଘର କରିବା ଭଳି ପ୍ଲଟ୍ sqft. 900/- investment plot 280/-. 9938016295. D-69307

ନଖରା ତ୍ରିନାଥ ବଜାରଠାରେ SC Plot 1200sqft. 4,44,000/- ଘରବାରି (outright)7894433357, 9348232008. D-69111

ଶାଳଗାଁ ଷ୍ଟେସନ୍ ପାଖରେ 2,80,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି **patta, boundary plot psqft. 1250/-, 750/-** ବିକ୍ରିହେବ। **9439270333.** D-69108

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- (outright) 9348232008, 7894433357. D-69110

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ରବି ରଶ୍ମିରେ ଅସ୍ତଗତ ଚନ୍ଦ୍ର ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି କରିପାରେ। ଏକ ନିର୍ଦ୍ଦିଷ୍ଟ କାମ ସକାଶେ ରଖିଥିବା ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। ଅବହେଳା ଜନିତ କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କୁ କୈଫିୟତ ଦେବାକୁ ପଡ଼ିବାର ଆଶଙ୍କା ରହିଛି। ତଥାପି ଶୁକ୍ରଙ୍କ ସ୍ଥିତି ଆପଣଙ୍କୁ ଖୁସିରେ ରହିବାର ମଉକା ଜୁଟାଇପାରନ୍ତି।

**ବୃଷ** – ଅଟକି ରହିଯାଇଥିବା ବିଭିନ୍ନ ପ୍ରକାର କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ । ଅର୍ଥ ସମ୍ବନ୍ଧୀୟ ବିବାଦର ଅବସାନ ଘଟିବାର ସୂଚନା ରହିଛି।

**ମିଥୁନ** – ସାଧାରଣ କଥାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ବୃଦ୍ଧି ପାଇବ। ସଂଗଠନ, ରାଜନୀତି କିମ୍ବା ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆର୍ଦ୍ରା ନକ୍ଷତ୍ରର ଶିଳ୍ପ,ବାଣିଜ୍ୟ ଓ ଯାତ୍ରା ପାଇଁ ସମସ୍ୟା ରହିବ ନାହିଁ।

**କର୍କଟ** – ଆତ୍ମୀୟମାନଙ୍କ ସାହାଯ୍ୟରେ ସମସ୍ୟା ସମାଧାନ ହେବା କଷ୍ଟକର ହୋଇପାରେ। ପରିବାରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ବୃଦ୍ଧ ପିତା,ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଖୁସି ଅନୁଭବ କରିବେ। ଆନୁଷ୍ଠାନିକ କାମ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ସିଂହ** – ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ମନ ଅଶାନ୍ତ ରହିବ। ଯାତ୍ରା ସମୟରେ ସତର୍କତା ଅବଲମ୍ବନ ନ କଲେ ବିବାଦ ଘେରରେ ପଡ଼ିପାରନ୍ତି। କ୍ରୀଡ଼ା,ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ପରିବାରର ବରାଦ ଅନୁସାରେ ନୂତନ ଗାଡ଼ି କିମ୍ବା ସୁନା ଗହଣାଦି ସାମଗ୍ରୀ କ୍ରୟ କରିପାରନ୍ତି।

**କନ୍ୟା** – ଯେତେ ଭଲ କାମ କଲେ ମଧ୍ୟ କର୍ମ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ଆକସ୍ମିକ ଦୁର୍ବଳତା ଜନିତ କାମରେ ପଛେଇ ରହିପାରନ୍ତି। ବନ୍ଧୁଙ୍କ ନିକଟରୁ ବକେୟା ଆଦାୟକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଔଷଧ, ବହିପତ୍ର,ଲୁଗାପଟା ତଥା ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲହେବ।

**ତୁଳା** – ଭୁଲ୍ ବୁଝାମଣା ଯୋଗୁ ନିକଟସ୍ଥ ବ୍ୟକ୍ତି ବିଶେଷଙ୍କ ଆପଣଙ୍କ ପ୍ରତି ଥିବା ମନୋଭାବ ବଦଳିଯିବ। କଚେରି ମାମଲା କ୍ଷେତ୍ରରେ ସମସ୍ୟା ସମାଧାନ ହେବାର ସମ୍ଭାବନା ରହିଛି। ଆକସ୍ମିକ ଭାବରେ ପିଲାମାନଙ୍କ ତରଫରୁ ସମସ୍ୟା ଆସିପାରେ। ଶନିଙ୍କ ପ୍ରଭାବରେ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ।

**ବିଛା** – ପାରିବାରିକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ଜନିତ ମନୋବଳ ହ୍ରାସ ପାଇବ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କରି ଟେନସନ୍ ବଢ଼ିପାରେ। ଅଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଓ ଆଳସ୍ୟ ଅନୁଭବ କରିପାରନ୍ତି। ଆଶା କରୁଥିବା ଦିଗରୁ ଆର୍ଥିକ ସହଯୋଗର ଅଭାବ ରହିବ ନାହିଁ କିନ୍ତୁ କୌଣସି ବନ୍ଧୁଙ୍କୁ ଅପେକ୍ଷା କରି ବ୍ୟସ୍ତ ରହିବେ।

**ଧନୁ** – ଶାରୀରିକ ଓ ମାନସିକ ସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବ। ଆପଣଙ୍କ ପରିସ୍ଥିତି ପ୍ରତି ସହାନୁଭୂତି ଦେଖାଇ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ଯାତ୍ରା ସମୟରେ ନିର୍ଦ୍ଦିଷ୍ଟ ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। ନିଜର ଭୁଲ୍‌କୁ ଆଖିବୁଜି ଦେଇ ଅନ୍ୟ ଉପରେ ଦୋଷ ଢାଳିବାର ଅପଚେଷ୍ଟା କରି ସମାଲୋଚିତ ହୋଇପାରନ୍ତି।

**ମକର** – ରାଶିରେ ଶନି ଓ ମଙ୍ଗଳଙ୍କ ସମାବେଶ ଯୋଗୁ ଜୁହୁଳୁଥିବା ଅଶାନ୍ତି ହଠାତ୍ ପରିବେଶକୁ ବଦଳାଇ ଦେଇପାରେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ବାଧ୍ୟ ହୋଇପାରନ୍ତି। କୌଣସି ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଆପଣଙ୍କୁ ଭାବପ୍ରବଣ କରାଇପାରେ। ପରିସ୍ଥିତିବଶତଃ ସବୁକଥା ପଛକୁ ପକାଇ ଅନ୍ୟମାନଙ୍କ ମନଧରି ଚଳିବାକୁ ବାଧ୍ୟ ହେବେ।

**କୁମ୍ଭ** – କର୍ମକ୍ଷେତ୍ରରେ ମନ ଭୁଲାଣିଆ କଥା କହି ସ୍ଥଗିତ କାମଟିକୁ ସହକର୍ମୀଙ୍କ ଦ୍ୱାରା କରାଇ ନେଇପାରନ୍ତି। ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ କଥାକୁ ଧରି ବସିବା ଠିକ୍ ହେବନାହିଁ। ଅଯଥା ଯୁକ୍ତିତର୍କ କରିବା ଦ୍ୱାରା କିଣା,ବିକା କାରବାରରେ ଅପଦସ୍ଥ ହେବାର ଆଶଙ୍କା ରହିଛି। ଯାତ୍ରା ସମୟରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ କିଛି ହରାଇବାକୁ ପଡ଼ିପାରେ।

**ମୀନ** – ସାମାଜିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ଦକ୍ଷତାକୁ ନେଇ ପ୍ରତିଷ୍ଠା ଓ ପ୍ରଶଂସା ପାଇବେ। ଦାୟିତ୍ୱ ନେଇଥିବା ଲୋକଟି ଠିକ ଖବର ଦେବାରେ ହେଳା କରିପାରନ୍ତି। ବନ୍ଧୁଙ୍କ ପାଖରେ ରହିଯାଇଥିବା ଅର୍ଥ ଆଦାୟ କରିବାରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ସୂଚନା ରହିଛି।

ଆଜି ଚୈତ୍ରମାସର ମଧୁ ଅମାବାସ୍ୟା, ମଙ୍ଗଳବାର, ଗୋସହସ୍ରୀଗଙ୍ଗାସ୍ନାନ, ବାସନ୍ତିକ ନବରାତ୍ର ଦୁର୍ଗାପୂଜାରମ୍ଭ, ଚୈତ୍ର ମଙ୍ଗଳବାର ଓଷା ତୃତୀୟପାଳି, ମାର୍ଚ୍ଚ ୨୪ ତାରିଖ,ବିଶ୍ୱ ଯକ୍ଷ୍ମାଦିବସ,ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଅମାବାସ୍ୟାର ଶ୍ରାଦ୍ଧ, ସକାଳ ଘ୮।୧୬ମି. ଗତେ ଘ୧୦।୪୧ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୯ମି. ଗତେ ଘ୧୧।୪୯ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨।୫୪ମି. ଗତେ ଘ୪।୨୪ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଗାଁ ଲୋକେ ଦେଉଛନ୍ତି ସୂଚନା

ପାଟଣା,୨୩।୩(ସ୍ୱ.ପ୍ର.): ରାଜ୍ୟ ବାହାରୁ ଓ ବିଦେଶରୁ ଆସୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଡ଼ାକଡ଼ି କରାଯାଇ ଆଇସୋଲେଶନ ବ୍ୟବସ୍ଥାରେ ରଖାଯାଉଛି। ବାହାରୁ ଆସୁଥିବା ଲୋକଙ୍କ ସମ୍ପର୍କରେ ସମ୍ପୃକ୍ତ ଗ୍ରାମବାସୀ ପ୍ରଥମେ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦେଉଥିବା ଜଣାପଡ଼ିଛି। ଇତିମଧ୍ୟରେ ବିଦେଶରୁ ଜଣେ ଏବଂ ବାଙ୍ଗାଲୋର ଓ ଚେନ୍ନାଇରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ୧୭୧ ଜଣ ବ୍ୟକ୍ତି କେନ୍ଦୁଝର ଜିଲା ପାଟଣା ବ୍ଲକକୁ ଫେରିଥିବା ଜଣାପଡ଼ିଛି। ସମ୍ପ୍ରତି ବାଙ୍ଗାଲୋରରେ କାମ କରୁଥିବା ଦୁଇ ଜଣ ଯୁବକ ସେମାନଙ୍କ ଘରକୁ ଫେରିଥିବା ଜାଣି ଗ୍ରାମବାସୀ ସ୍ୱାସ୍ଥ୍ୟ ବିଭାଗ ଓ ତୁରୁମୁଙ୍ଗା ପୋଲିସକୁ ଖବର ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ କର୍ମୀ ଗାଁରେ ପହଞ୍ଚି ଦୁଇ ଯୁବକଙ୍କୁ ଘରେ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦେଇଥିବା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ସୁପ୍ରକାଶ ଶତପଥୀ ସୂଚନା ଦେଇଛନ୍ତି।

### 'କଟକଣା ପାଳନକୁ କଡ଼ାକଡ଼ି କର'

ବାଲେଶ୍ୱର ଅଫିସ,୨୩।୩: କରୋନା ମୁକାବିଲା ଲାଗି ଜାରି ହୋଇଥିବା କଟକଣାକୁ କଡାକଡି ଭାବେ ପାଳନ କରିବା ସକାଶେ ସୋମବାର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବାଲେଶ୍ୱର ପୌରାଞ୍ଚଳରେ ଲକ୍‌ଡାଉନ୍ ଘୋଷଣା ଆସନ୍ତା ୨୯ ତାରିଖ ରାତି ୯ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏ ସମ୍ପର୍କରେ ଅଧିକ ପ୍ରଚାର ଓ ଜନସଚେତନତା ସୃଷ୍ଟି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରିବହନ କଟକଣାକୁ କାର୍ଯ୍ୟକାରୀ କରିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ଯେଭଳି ସହଜରେ ଉପଲବ୍ଧ ହେବ ତାହା ଉପରେ ନଜର ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା।

### ସୁବର୍ଣ୍ଣପୁର ଦ୍ୱୀପରେ ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ

ଭୋଗରାଇ, ୨୩।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ଭୋଗରାଇ ସମୁଦ୍ର କୂଳ ତାଳସାରୀ ନିକଟସ୍ଥ ସୁବର୍ଣ୍ଣପୁର ଦ୍ୱୀପରେ ଗୋଟିଏ ଅଲିଭ୍ ରିଡ୍‌ଲେ କଇଁଛ ସୋମବାର ପ୍ରତ୍ୟୁଷରୁ ୭୫ଟି ଅଣ୍ଡା ଦେଇ ପରେ ସମୁଦ୍ରମୁହାଁ ହୋଇଛି। ଆସନ୍ତା ମଙ୍ଗଳବାର ଅମାବାସ୍ୟା ତିଥିରେ ଭରାଜୁଆର ସହିତ ପାଗ ଅନୁକୂଳ ଥିବାରୁ ଅଧିକ କେତେକ ଅଲିଭ୍ ରିଡ୍‌ଲେ ସୁବର୍ଣ୍ଣପୁର ଦ୍ୱୀପକୁ ଅଣ୍ଡା ଦେବାକୁ ଆସିବାର ସମ୍ଭାବନା ରହିଛି ବୋଲି ବନପାଳ ଅଜୟ କୁମାର ଜେନା ସୂଚନା ଦେଇଛନ୍ତି। ଗତବର୍ଷ ଏହି ସମୟରେ ୩ଟି ଅଲିଭ୍ ରିଡ୍‌ଲେ ଆସି ୩ଶହ ଅଣ୍ଡା ଦେଇଥିଲେ। ଚଳିତବର୍ଷ ପ୍ରଥମଥର ଗୋଟିଏ କଇଁଛ ଅଣ୍ଡାଦାନ କରିଛି। ଅଣ୍ଡାଗୁଡ଼ିକୁ ତାରଜାଲି କରି ସୁରକ୍ଷିତ ରଖାଯାଇଛି।

### ମୋବାଇଲ ଚାର୍ଜ ବେଳେ କରେଣ୍ଟ ଲାଗି ମହିଳା ମୃତ

ପାଟଣା,୨୩।୩(ସ୍ୱ.ପ୍ର.)-କେନ୍ଦୁଝର ଜିଲା ରାଇସୁଆଁ ଥାନା ଅଧୀନ ତାଳପଦା ଗ୍ରାମର ମିନାକ୍ଷୀ ମୁଣ୍ଡା ନାମ୍ନୀ ଜଣେ ମହିଳା ରବିବାର ମୋବାଇଲ ଚାର୍ଜ କରିବା ବେଳେ ବିଦ୍ୟୁତ ଆଘାତ ପାଇ ମୃତ୍ୟୁବରଣ କରିଛନ୍ତି। ଅପରାହ୍ନରେ ସେ ମୋବାଇଲ ଚାର୍ଜ କରିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୨ ବନ୍ଧୁକ ଜବତ, ଶିକାରୀ ଗିରଫ

ସଜନାଗଡ଼,୨୩।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟରେ ଦିନକୁ ଦିନ ଶିକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉବାରେ ଲାଗିଛି। ରବିବାର ରାତିରେ କୁଲଡିହା ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଅଭୟାରଣ୍ୟରୁ ଜଣେ ଶିକାରୀଙ୍କୁ ଗିରଫ କରାଯାଇଥିବାବେଳେ ୨ଟି ବନ୍ଧୁକ ଜବତ କରାଯାଇଛି। ଗିରଫ ଶିକାରୀ ହେଲେ ନୀଳଗିରି ଥାନା ଅଧୀନ ଶିଆଡ଼ିମାଳ ପଞ୍ଚାୟତ ବାବନ୍ଧ ଗ୍ରାମର ପବନ ସିଂ(୩୦)। ଅନ୍ୟ ଜଣେ ଶିକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

# କରୋନା ଆଗରୁ ମାରିବ କ୍ଷୁଧା

## ଖାଦ୍ୟ ଅପେକ୍ଷାରେ ଶତାଧିକ ଅସହାୟ



ଭୁବନେଶ୍ୱର,୨୩।୩(ବ୍ୟୁରୋ)

କଲବଲ କରୁଛି କରୋନା। କରୋନା ଯୋଗୁ ନା ଗଣ୍ଡେ ଖାଇବାକୁ ମିଳୁଛି ନା ପିଇବାକୁ ମିଳୁଛି। ଗଛ ତଳେ, ବ୍ରିଜ୍ ତଳେ ନ ଖାଇ ନ ପିଇ ପଡ଼ି ପଡ଼ି ଦିନ କଟିଯାଉଛି। ଆହା ପଦେ କହିବାକୁ କେହି ନାହାନ୍ତି। ସେମାନଙ୍କ କଥା ପୋଲିସ ବାବୁମାନେ ଶୁଣୁନାହାନ୍ତି କି ସରକାର ବୁଝୁନାହାନ୍ତି। ଓଲଟା ଦିନକୁ ମୁଠେ ଆହାର ଯୋଗାଇ ଦେଉଥିବା ଲୋକଙ୍କୁ ଆଉ ସେମାନଙ୍କ ପାଖ ପଶିବାକୁ ଦେଉନାହାନ୍ତି। ରାଜଧାନୀର ଫୁଟ୍‌ପାଥ୍‌ରେ ଖୋଲା ଆକାଶ ତଳେ ପଡ଼ିରହିଥିବା ଶତାଧିକ ଅସହାୟଙ୍କୁ ଏବେ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡ଼ୁଛି। କରୋନା ସଂକ୍ରମଣରେ କାହାର ମୃତ୍ୟୁ ହେବ କି ନ ହେବ ତାହା ତ ପଛ କଥା, କିନ୍ତୁ ତା' ପୂର୍ବରୁ ଖାଇବାକୁ ନ ପାଇ ସେମାନଙ୍କ ଜୀବନ ଚାଲିଯିବ ବୋଲି ସହରର ଅନେକ ସାମାଜିକ କର୍ମୀ ଏବଂ ସ୍ୱେଚ୍ଛାସେବୀ କହିଛନ୍ତି।

ଭୁବନେଶ୍ୱରର ବିଭିନ୍ନ ପ୍ରାନ୍ତରେ ଖୋଲା ଆକାଶ ତଳେ ଅସହାୟ ଭାବେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଏମାନଙ୍କ ମଧ୍ୟରେ ବୃଦ୍ଧାବୃଦ୍ଧଙ୍କ ସମେତ କେତେଜଣ ଦିବ୍ୟାଙ୍ଗ, ମାନସିକ ବିକୃତ ଏବଂ ଭିକ୍ଷାବୃତ୍ତି କରୁଥିବା ବ୍ୟକ୍ତି ରହିଛନ୍ତି। ଏମାନେ ଏଣେତେଣେ ବୁଲି ହୋଟେଲ, ଦୋକାନ ଏବଂ ବିଭିନ୍ନ ମନ୍ଦିରରୁ ମାଗି ଖାଇଥାନ୍ତି। ସହର ଲକ୍‌ଡାଉନ୍ ପରେ ଏବେ ସେ ସବୁ ବାଟ ବନ୍ଦ ହୋଇଯାଇଛି। ତେଣୁ ଦିନକୁ ମୁଠେ ଆହାର ମିଳିବା କଷ୍ଟକର ହୋଇପଡୁଛି। ରାସ୍ତାକଡ଼ର ଏହି ଅସହାୟମାନଙ୍କୁ ବିଭିନ୍ନ ସଙ୍ଗଠନ ଦିନରେ ଏବଂ ରାତିରେ ରନ୍ଧାଖାଦ୍ୟ ଯୋଗାଇଥାନ୍ତି। ଏଥିରେ ବି ଏବେ କଟକଣା ଲାଗିଛି। କିଛି ସଙ୍ଗଠନ ଏବଂ ମନ୍ଦିର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଖାଦ୍ୟ ପରଶୁଥିବାରୁ ସଂକ୍ରମଣ ବ୍ୟାପିବା ଆଶଙ୍କାରେ ତାହାକୁ ବନ୍ଦ କରାଯାଇଛି। ସେହିପରି ଆଉ କେତେକ ସଂସ୍ଥା ଏବଂ ସଙ୍ଗଠନ ଅସହାୟଙ୍କ ପାଖରେ ପ୍ୟାକେଟ୍ ଯୋଗେ ଖାଦ୍ୟ ପହଞ୍ଚାଉଥିବାବେଳେ ସେମାନଙ୍କୁ ମଧ୍ୟ ବାରଣ କରାଯାଇଛି, ଯାହାକୁ ନେଇ ବିରୋଧ ହୋଇଛି। ଗୋଟିଏ ପଟେ ଫୁଡ୍ ଡେଲିଭରି ସଂସ୍ଥାଗୁଡ଼ିକୁ କଟକଣାରୁ ମୁକ୍ତ ରଖାଯାଇଥିବାବେଳେ ଅନ୍ୟପଟେ ଅସହାୟଙ୍କ ନିକଟରେ ମାଗଣାରେ ଖାଦ୍ୟ ପହଞ୍ଚାଉଥିବା ସଂସ୍ଥାକୁ କ'ଣ ପାଇଁ ପୋଲିସ୍ ଅଟକାଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ପ୍ରତିଦିନ 'ଶ୍ରୀ ସତ୍ୟସାଇ ନିତ୍ୟ ଅନୁଦାନ' କାର୍ଯ୍ୟକ୍ରମ ମାଧ୍ୟମରେ ସହରର ଶତାଧିକ ଅସହାୟ ବୃଦ୍ଧାବୃଦ୍ଧ ଏବଂ ଦିବ୍ୟାଙ୍ଗଙ୍କୁ ରନ୍ଧାଖାଦ୍ୟ ଦିଆଯାଇଥାଏ। ମାତ୍ର ସୋମବାର ଲକ୍‌ଡାଉନ୍ ଯୋଗୁ ପୋଲିସ ସେମାନଙ୍କୁ ଯିବାକୁ ଦେଇ ନ ଥିଲା। ଏ ନେଇ ସଙ୍ଗଠନର ଜଣେ ସଦସ୍ୟ କହିଛନ୍ତି, ଦୀର୍ଘ ୧୦ ବର୍ଷ ହେଲା ଆମେ ଚାଲିବାକୁ ଓ ହାତ ଉଠାଇବାକୁ ଅକ୍ଷମ ଥିବା ଲୋକଙ୍କ ନିକଟରେ ଖାଦ୍ୟ ପହଞ୍ଚାଉଛୁ। ସେମାନେ ସମ୍ପୂର୍ଣ୍ଣ ଭାବେ ଆମ ଉପରେ ନିର୍ଭରଶୀଳ, ଯେଉଁଥିପାଇଁ ପ୍ରତିଦିନ ୬୦ କିମି ବୁଲି ଆମେ ସେମାନଙ୍କ ପାଖରେ ପହଞ୍ଚିଥାଉ। କାହାକୁ ଡାକି ଆମେ ଲୋକ ଗହଳି କରୁନୁ। ପ୍ୟାକେଟ୍ ନେଇ ଯାଉଥିଲେ ବି ପୋଲିସ୍ ଆମକୁ ହଇରାଣ କରୁଛି। ଯେତେବେଳେ ଜୋମାଟୋ, ସ୍ୱିଗି ଭଳି ଡେଲିଭରି ସଂସ୍ଥାଗୁଡ଼ିକୁ ଅନୁମତି ଅଛି ଆମକୁ କ'ଣ ପାଇଁ ଅନୁମତି ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଅସହାୟଙ୍କ ମଧ୍ୟରେ ଅନେକ କୁଷ୍ଠରୋଗୀ ଓ ଦିବ୍ୟାଙ୍ଗ ଅଛନ୍ତି, ଯେଉଁମାନେ ଆମକୁ ଚାହିଁ ବସିଥାନ୍ତି। ସେମାନଙ୍କୁ ଖାଇବାକୁ ନ ଦେଲେ ଅତିକମ୍‌ରେ ୫୦ରୁ ୬୦ଜଣଙ୍କର ଜୀବନ ଚାଲିଯାଇପାରେ ବୋଲି ସେ କହିଛନ୍ତି।

### ବାଲିଆପାଳକୁ ଲକ୍‌ଡାଉନ ଘୋଷଣା

ବାଲିଆପାଳ,୨୩।୩(ସ୍ୱ.ପ୍ର/ଡି.ଏନ.ଏ.)

କରୋନା ଭୂତାଣୁର ଭୟାବହତାକୁ ଦେଖି ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଛି। ରବିବାର ଜନତା କର୍ଫ୍ୟୁକୁ ବାଲେଶ୍ୱର ଜିଲା ସମେତ ବାଲିଆପାଳ ବ୍ଲକରେ ବିପୁଳ ସମର୍ଥନ ମିଳିଥିଲା। ସୋମବାର ଲୋକେ ବଜାରଘାଟ କରିବା ଲାଗି ପଦାକୁ ବାହାରିଥିଲେ। ଏପରିକି ବସ୍‌ରେ ବହୁ ସଂଖ୍ୟାରେ ଲୋକେ ଯାତାୟାତ କରୁଥିବା ଦେଖାଯାଇଥିଲା। ଏହି ଭୂତାଣୁ ସଂକ୍ରମଣକୁ କମ୍ କରିବା ଏବଂ ଲୋକଙ୍କୁ ଏକତ୍ରିତ ହେବାରୁ ରୋକିବା ଲାଗି ବାଲିଆପାଳ ବ୍ଲକକୁ ଲକଡାଉନ ଘୋଷଣା କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲିଆପାଳ ପୋଲିସ ପକ୍ଷରୁ ପ୍ରଚାର ଗାଡ଼ି ଯୋଗେ ସମସ୍ତ ଦୋକାନ, ବଜାର, ମାର୍କେଟ ପ୍ରଭୃତି ବନ୍ଦ ଲାଗି ମଧ୍ୟ ସୂଚନା ଦିଆଯାଉଛି। ଅତି ଜରୁରୀ ନ ହେଲେ ଲୋକେ ବାହାରକୁ ନ ବାହାରି ଘରେ ରହିବାକୁ ପରାମର୍ଶ ଦିଆଯାଉଛି। ପ୍ରଶାସନ ପକ୍ଷରୁ ସୂଚନା ଜାରି ହେବା ପରେ ବାଲିଆପାଳ ବିଡିଓ ଛବିରାଣୀ ସାହୁ, ତହସିଲଦାର ଦୀପକ ଦାସ ପୋଲିସ ଅଧିକାରୀଙ୍କ ସହିତ ବାଲିଆପାଳ, ସିମୁଳିଆ ବଜାର, କାଳିପଦା, ଲଙ୍ଗଳେଶ୍ୱର, ଜାମକୁଣ୍ଡା, ଡଗରା, ନିଖିରା, ପଞ୍ଚୁପାଲି, ରତେଇ ଆଦି ବଜାରକୁ ଯାଇ ଦୋକାନ ବଜାର ବନ୍ଦ ରହିବ।

# ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସିଲ୍



ସୀମା ସିଲ୍ ବେଳେ ସାହାବାଜିପୁରଠାରେ ଯାତ୍ରୀଙ୍କୁ ଡାକ୍ତରୀ ପରୀକ୍ଷା କରାଯାଉଛି।

ଭୋଗରାଇ, ୨୩।୩(ଡି.ଏନ.ଏ.)

- ଓଡ଼ିଶା ମଧ୍ୟକୁ ଯାତ୍ରୀବାହୀ ଗାଡ଼ିର ପ୍ରବେଶ ମନା
- ସୀମା ସିଲ୍ ବେଳେ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ରାଜ୍ୟ ସରକାର ସୋମବାର ସନ୍ଧ୍ୟାଠାରୁ ପଶ୍ଚିମବଙ୍ଗକୁ ଲାଗିଥିବା ବାଲେଶ୍ୱର ଜିଲା ଭୋଗରାଇ ଓ ଜଳେଶ୍ୱର ସୀମାନ୍ତକୁ ସିଲ୍ କରି ଦେଇଛନ୍ତି। ପଶ୍ଚିମବଙ୍ଗରୁ କୌଣସି ଯାତ୍ରୀବାହୀ ଗାଡ଼ି ଓଡ଼ିଶା ମଧ୍ୟକୁ ପଶିବାକୁ ଦିଆଯାଉନାହିଁ। କେବଳ ମାଲବାହୀ ଗାଡ଼ି ଯାତାୟାତ ନିମନ୍ତେ ଅନୁମତି ଦିଆଯାଇଛି। ସୋମବାର ଚନ୍ଦନେଶ୍ୱର-ଦୀଘା ରାସ୍ତାରେ ସାହାବାଜିପୁର ବର୍ଡ଼ରଠାରେ ରାସ୍ତା ସିଲ୍ କରି ଯାତ୍ରୀଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଉଦୟପୁର ମେରାଇନ୍ ଥାନା ପକ୍ଷରୁ ପୋଲିସ ବାହିନୀ ମୁତୟନ କରାଯାଇ କଡାକଡି ପଦକ୍ଷେପ ନିଆଯାଇଥିଲା। ଜଳେଶ୍ୱର ଲକ୍ଷ୍ମଣନାଥ ୬୦ନଂ. ଜାତୀୟ ରାଜପଥ, ଅଗ୍ରୱାଲ ଛକ ଓ ଆମ୍ବଳିଅଠା ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ରାସ୍ତାକୁ ଅନୁରୂପ ସିଲ୍ କରି ଯାଞ୍ଚ କରାଯାଇଥିଲା। ଭୋଗରାଇ ଓ ଜଳେଶ୍ୱର ଅଞ୍ଚଳରେ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଥିଲା। ଚନ୍ଦନେଶ୍ୱର ମନ୍ଦିର, ଉଦୟପୁର ଓ ତାଳସାରୀକୁ ଆସୁଥିବା କତିପୟ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ଫେରାଇ ଦିଆଯାଇଥିଲା।

## କରୋନା ଭୟ: ଗାଁ ଛାଡ଼ିଲେ ୩ ପରିବାର

ଧାମନଗର,୨୩।୩(ଡି.ଏନ.ଏ.)

କରୋନା ଭୟ କେବଳ ସହର ନୁହେଁ ଗାଁ ଗଣ୍ଡାକୁ ମଧ୍ୟ ଘାରିଛି। ରାଜ୍ୟ ବାହାରୁ ଓ ବିଦେଶରୁ ଲୋକେ ଘରକୁ ଫେରି ଆସୁଥିବାରୁ ଏଥିପ୍ରତି ସତର୍କତା ଅବଲମ୍ବନ କରି ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପ୍ରତି ପଞ୍ଚାୟତରେ ଆଇସୋଲେଶନ ଗୃହ ବ୍ୟବସ୍ଥା କରିଛି। କିନ୍ତୁ ଭଦ୍ରକ ଜିଲା ଧାମନଗର ବ୍ଲକରେ ବିଦେଶ ଓ ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କୁ କେତେକ ଗ୍ରାମର ବାସିନ୍ଦା ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଜଣେ ବିଦେଶ ଫେରନ୍ତା ଯୁବକ ଓ ରାଜ୍ୟ ବାହାରୁ ଆସିଥିବା ଅନ୍ୟ ୩ ଜଣଙ୍କୁ ନେଇ ସମ୍ପୃକ୍ତ ଗାଁଗୁଡ଼ିକରେ ଭୟର ବାତାବରଣ ଦେଖାଦେଇଛି। ଧୂଷୁରୀ ଅଞ୍ଚଳକୁ ଦୁବାଇରୁ ଫେରିଥିବା ଜଣେ ଯୁବକଙ୍କୁ ନେଇ ସେହି ଗାଁରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଛି। ଗ୍ରାମର ୩ ପରିବାର ଭୟରେ ଘର ଛାଡ଼ି ଅନ୍ୟତ୍ର ପଳାଇଛନ୍ତି। ଏହି ବିଦେଶ ଫେରନ୍ତା ଯୁବକଙ୍କ ସମ୍ପର୍କରେ ସେଠାକାର ସରପଞ୍ଚ ଜିଲା ପ୍ରଶାସନକୁ ଜଣାଇଛନ୍ତି। ପ୍ରଶାସନ ପକ୍ଷରୁ ସେହି ଯୁବକଙ୍କୁ ଘରେ ଆଇସୋଲେଶନ ବ୍ୟବସ୍ଥାରେ ରହିବାକୁ ପରାମର୍ଶ ଦିଆଯାଇଛି। ସେଠାକାର ପଞ୍ଚାୟତରେ ୨୭ ଶଯ୍ୟା ବିଶିଷ୍ଟ ରହଣି ଗୃହ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସମ୍ପୃକ୍ତ ଯୁବକଙ୍କୁ ସେଠାରେ ରଖା ନ ଯିବାରୁ ଏ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ୩ ପରିବାର ଘର ଛାଡ଼ି ପଳାଇବାରୁ କରୋନା ଭୟ ସମସ୍ତଙ୍କୁ କିଭଳି ଅତିଷ୍ଠ କରିଛି ତାହା ପଦାକୁ ଆସିଛି। ସେହିପରି ଅନ୍ୟ ଏକ ଗ୍ରାମକୁ ବାଙ୍ଗାଲୋରରୁ ଫେରିଥିବା ଦମ୍ପତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ତୁରନ୍ତ ନ କରି ଭଦ୍ରକ ଯାଇ ପରୀକ୍ଷା କରାଇବାକୁ ପ୍ରଶାସନ ପରାମର୍ଶ ଦେବା ଘଟଣାକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରି ନାହାନ୍ତି। ବାହାର ରାଜ୍ୟରୁ ଫେରିଥିବା ଅନ୍ୟ ଜଣେ ଯୁବକଙ୍କୁ ସମ୍ପୃକ୍ତ ଗ୍ରାମବାସୀ ବୁଝାଇ ଅଙ୍ଗନୱାଡି କେନ୍ଦ୍ରରେ ରଖି ସୋମବାର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭଦ୍ରକ ପଠାଇଛନ୍ତି।

## 'ସହଯୋଗ ଦିଅ, ନିଜେ ନିଜକୁ ଲକ୍‌ଡାଉନ କର'

ବାରିପଦା ଅଫିସ, ୨୩।୩

କରୋନା ଭାଇରସ୍ ସଂକ୍ରମଣ ରୋକିବା ଏବେ ବଡ଼ ଚ୍ୟାଲେଞ୍ଜ ହୋଇଛି। ସମସ୍ତେ ଏଥିଲାଗି ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି ସ୍ୱଚ୍ଛତା ରକ୍ଷା କରିବା, ସାମାଜିକ ଦୂରତା ବଜାୟ ରଖିବା ଏବଂ ଏକ ସପ୍ତାହ ପର୍ଯ୍ୟନ୍ତ ଆବଶ୍ୟକ ନ ଥିଲେ ଘରୁ ନ ବାହାରିବା ଲାଗି ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ସୋମବାର ଜିଲାବାସୀଙ୍କୁ ନିବେଦନ କରିଛନ୍ତି। ଏପରିକି ଲୋକେ ନିଜେ ନିଜକୁ ଲକ୍‌ଡାଉନ କରି ପ୍ରଶାସନକୁ ସହଯୋଗ କରିବା ଉଚିତ ବୋଲି ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାକୁ ବାହାର ଅଞ୍ଚଳରୁ ଆସିଥିବା ୪୫ରୁ ୫୦ ଜଣଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତେଣୁ ଜିଲା ପ୍ରତି ସେଭଳି କିଛି ବିପଦ ନାହିଁ। କରୋନା ମୁକାବିଲା ଲାଗି ଗଠିତ ସ୍କ୍ୱାଡ୍ କ୍ୱାରାଣ୍ଟାଇନରେ ରହିଥିବା ଲୋକଙ୍କ ସମ୍ପର୍କରେ ପ୍ରତି ଦିନ ଟିକିନିଖି ଖବର ରଖୁଛନ୍ତି। ଯାତାୟାତ ଓ ପରିବହନ ବ୍ୟବସ୍ଥା ଉପରେ କଟକଣା ଲାଗୁ ପରେ ରାଶନ ସାମଗ୍ରୀର ଅଭାବ ଯେଭଳି ପରିଲକ୍ଷିତ ନ ହେବ ସେଥିଲାଗି ଦୃଷ୍ଟି ରଖାଯାଇଛି। ବର୍ତ୍ତମାନ ଜିଲାରେ ଯଥେଷ୍ଟ ରାଶନ ସାମଗ୍ରୀ ମହଜୁଦ୍ ରହିଛି। କଳାବଜାର ରୋକିବା ସକାଶେ ସ୍କ୍ୱାଡ ଗଠନ କରାଯାଇଛି। ଜିଲାବାସୀ ଏଥିଲାଗି ଭୟଭୀତ ନ ହେବାକୁ ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜରୁରିକାଳୀନ ଅଧିକାରୀ ସୁଜୟ କୁମାର ପତି, ଆଇଏଏସ୍ ପ୍ରୋବେଶନର ଭୁବନେଶ ଦେବୀଦାସ ପାଟିଲ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଭଦ୍ରକ ଜିଲା ଲକ୍‌ଡାଉନ୍

ଭଦ୍ରକ ଅଫିସ, ୨୩।୩



ଭଦ୍ରକ ସହର ପ୍ରବେଶ ପଥରେ ବାଇକ୍ ଆରୋହୀଙ୍କୁ ଯାଞ୍ଚ କରାଯାଉଛି।

- ସହରଠୁ ଗାଁ ସବୁଠି ସତର୍କତା
- ଆଜିଠାରୁ ଗଡ଼ିବନି ବସ୍

କରୋନାର ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲାରେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ପୂର୍ବରୁ କେବଳ ଭଦ୍ରକ ସହରକୁ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା। ଏବେ ଜିଲାର ସମସ୍ତ ପୌରପାଳିକା, ଏନ୍‌ଏସି ଓ ପଞ୍ଚାୟତ ଏହି କଟକଣାରେ ସାମିଲ ହୋଇଛି। ପୂର୍ବ ନିର୍ଦ୍ଦେଶାନାମା ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନଗୁଡ଼ିକୁ ବାଦ୍ ଦେଇ ଗାଁ ଓ ସହର ସବୁଠି ଅନ୍ୟ ସମସ୍ତ ଦୋକାନ ବନ୍ଦ ରଖାଯିବ। ମଙ୍ଗଳବାରଠାରୁ ସରକାରୀ କିମ୍ବା ଘରୋଇ ବସ୍ ଚଳାଚଳ କରିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଭଦ୍ରକ ସହରର ସମସ୍ତ ପ୍ରବେଶ ପଥରେ ପୋଲିସ ବ୍ଲକିଂ କରି ଲୋକଙ୍କୁ ଘରୁ ନ ବାହାରିବା ପାଇଁ ସଚେତନ କରାଉଛି। ପିସିଆର୍ ଭ୍ୟାନ୍‌ଗୁଡ଼ିକରେ ମାଇକ୍ ଲଗାଯାଇ ପ୍ରଚାର କରାଯାଉଛି। ଜିଲା ଲୋକସମ୍ପର୍କ ବିଭାଗ ଓ ପୌରପାଳିକା ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ପ୍ରଚାର ଗାଡ଼ି ଘୁରୁଛି। ଲକ୍‌ଡାଉନ୍ ଆଇନକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ତାଗିଦ କରାଯାଉଛି।

### ନିୟମ ଭାଙ୍ଗି ବ୍ୟବସାୟୀ ଗିରଫ

ଲକ୍‌ଡାଉନ୍ କଟକଣାକୁ ନ ମାନି ଭଦ୍ରକ ସହର ଗବସାହିର ଜଣେ ସିମେଣ୍ଟ ବ୍ୟବସାୟୀ ଦୋକାନ ଖୋଲିବାରୁ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବନ୍ତ ଛକର ଅନ୍ୟ ଜଣେ ଯୁବକଙ୍କୁ ପୋଲିସ ଅଟକ ରଖିଛି। ଗ୍ରାମାଞ୍ଚଳ ଥାନା ପୋଲିସ ବରପଦା ବଜାରରୁ ୩ ଜଣ ଚା, ପାନ ଓ ମୋବାଇଲ ଦୋକାନୀଙ୍କୁ ଉଠାଇ ଆଣିଥିବା ଜଣାପଡିଛି।

### ପରିବହନ ବିଭାଗ ପକ୍ଷରୁ ଯାଞ୍ଚ

ଲକ୍‌ଡାଉନ୍ ସମୟରେ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସୋମବାର ଯାଞ୍ଚ କରାଯାଇ ୨୬ ଟି ଗାଡ଼ିରୁ ୧ ଲକ୍ଷ ୨୦ ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜିଲା ପରିବହନ ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀ ସୂଚନା ଦେଇଛନ୍ତି। ଗୋଟିଏ ବାଇକ୍‌ରୁ ସର୍ବାଧିକ ୧୨ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ସୂଚନା ମିଳିଛି।

# କଏଦୀଙ୍କ ସହ କଥା ହେବାକୁ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା

ଭଦ୍ରକ ଅଫିସ, ୨୩।୩

ଭଦ୍ରକ ଜିଲା ମୁଖ୍ୟାଳୟରେ ଥିବା ସବ୍‌ଜେଲରେ ଏବେ କ୍ଷମତାଠାରୁ ଦୁଇଗୁଣ ଅଧିକ କଏଦୀ ରହୁଛନ୍ତି। କରୋନା ସଂକ୍ରମଣରୁ ରକ୍ଷା ପାଇବା ଲାଗି ସେମାନଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷା ସମ୍ଭବ ହେଉନାହିଁ ଯାହାକି ଚିନ୍ତାର କାରଣ ହୋଇଛି। ଏଭଳି ସ୍ଥିତିରେ କଏଦୀଙ୍କ ସକାଶେ କେତେକ ନୂତନ ବ୍ୟବସ୍ଥା କରାଯାଇଛି। ବ୍ରିଟିଶ ଅମଳରେ ୧୯୧୫ରେ ପ୍ରତିଷ୍ଠା ହୋଇଥିବା ଏହି ସବ୍‌ଜେଲରେ ବର୍ତ୍ତମାନ କଏଦୀମାନଙ୍କୁ ଭେଟିବାକୁ ଆସୁଥିବା ସମ୍ପର୍କୀୟଙ୍କୁ ସିଧାସଳଖ ସାକ୍ଷାତ୍ ସୁଯୋଗ ଦିଆଯାଉନାହିଁ। ଜେଲ୍ ଭିତରେ ସ୍ୱତନ୍ତ୍ର କ୍ୟାମେରା ଓ ମନିଟର୍ ବ୍ୟବସ୍ଥା କରାଯାଇ ସେମାନଙ୍କୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ କଥା ହେବାକୁ ସୁଯୋଗ ଦିଆଯାଉଛି। ଏହି ପୁରୁଣା କାରାଗାରରେ ଥିବା ୯ଟି ରୁମ୍‌ରେ ମୋଟ ୧୬୬ କଏଦୀ ରହିବା ବ୍ୟବସ୍ଥା ରହିଛି। ରବିବାର ସୁଦ୍ଧା ମହିଳା ଓ ପୁରୁଷ କଏଦୀଙ୍କୁ ମିଶାଇ ଜେଲରେ ମୋଟ ୩୨୪ଜଣ ରହୁଛନ୍ତି। ଏମାନଙ୍କ ମଧ୍ୟରେ ୧୫ମହିଳା ଓ ୨ଶିଶୁ ଅଛନ୍ତି। କ୍ଷମତାଠାରୁ ଅଧିକ କଏଦୀ ରହୁଥିବାରୁ ଏଠାରେ ସାମାଜିକ ଦୂରତ୍ୱ ରକ୍ଷା ନିୟମ ବାଟବଣା ହୋଇପଡିଛି। ନୂଆ ଜେଲ୍ ନିର୍ମାଣ ପାଇଁ ଜାଗା ସ୍ଥିର ହୋଇଥିଲେ ବି ପ୍ରଶାସନିକ ଇଚ୍ଛାଶକ୍ତି ଅଭାବ କାରଣରୁ ଏହା ହୋଇପାରୁନାହିଁ। ଏ ସମ୍ପର୍କରେ ସବ୍‌ଜେଲ ଅଧୀକ୍ଷକ କୁଁଅର ମାରାଣ୍ଡିଙ୍କୁ ପଚାରିବାରୁ କହିଛନ୍ତି, ବର୍ତ୍ତମାନ ସ୍ଥିତିରେ କେବଳ ବାହାରୁ ଆସୁଥିବା କଏଦୀଙ୍କ ସମ୍ପର୍କୀୟଙ୍କ ସକାଶେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ କଥା ହେବା ବ୍ୟବସ୍ଥା କରାଯାଇଛି। ଏଣୁ ଜେଲ୍‌ରେ କରୋନା ସଂକ୍ରମଣ ଭୟ ନାହିଁ। ତେବେ ସମୂହ ପ୍ରାର୍ଥନାକୁ ବନ୍ଦ କରାଯାଇ ଜେଲ ପରିସରକୁ ଦୈନିକ ସଫାସୁତୁରା କରାଯାଉଛି। କଏଦୀମାନଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଉଛି।

PARADIP PORT TRUST
E-TENDER CALL NOTICE
Name of the work: **"Providing the parking place and connecting road along the side of Railway bulbline leading from L&T junction to Gate No.-1"**. Estimated cost: **Rs.8,10,10,216.50**, Last Date and Time of submission of Bid: **07.04.2020 up to 17:15 Hrs**. For details please refer the Website: **https://eprocure.gov.in/eprocure/app.**
**Executive Engineer, HWD No.II, PPT**
PPT/PR/726/19-20 Dt.23/03/2020


बैंक ऑफ़ बड़ौदा Bank of Baroda
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ
ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱରର ନିମ୍ନଲିଖିତ ପସନ୍ଦ ଯୋଗ୍ୟ ସ୍ଥାନରେ କ୍ରେଚ୍ ସ୍ଥାପନ ନିମନ୍ତେ ଲିଜ୍ ଭିତ୍ତିରେ ତଳ ମହଲାରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ୨ଟି ବିଡ୍ ବ୍ୟବସ୍ଥା ଥାଇ ପ୍ରସ୍ତାବମାନ ଆହ୍ୱାନ କରୁଅଛି।

| | |
|---|---|
| ଭୁବନେଶ୍ୱର: ୟୁନିଟ୍ ୦୧ ରୁ ୟୁନିଟ୍ ୦୯, ସହୀଦ ନଗର, ବାପୁଜୀ ନଗର, ନୟାପଲ୍ଲୀ, ରସୁଲଗଡ଼ | ୧୬୦୦ ବର୍ଗଫୁଟର କାର୍ପେଟ ଏରିଆ |

ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ୍ www.bankofbaroda.com ର Tender ବିଭାଗକୁ ଲଗଅନ୍ କରନ୍ତୁ କିମ୍ବା ଫୋନ୍ ନଂ.: ୦୬୭୪-୨୪୨୧୨୧୦ ରେ ଯୋଗାଯୋଗ କରନ୍ତୁ। ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ: ୧୬.୦୪.୨୦୨୦ ଅପରାହ୍ନ ୫.୦୦ ଘଟିକା।
ସହାୟକ ମହାପ୍ରବନ୍ଧକ

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
OPTCL
Office Of The General Manager (Electrical) EHT (O & M) Circle, Bidyutpuri Colony, Berhampur-760010, CIN:U40102OR2004SGC007553
E-TENDER NOTICE NO. BAM-11/2019-20
For and on behalf of ODISHA POWER TRANSMISSION .CORPORATION LTD (General Manager, EHT (O&M) Circle, Berhampur, invites Tenders from the Manufacturers/ Suppliers having Authorized Dealership Certificate, IT/PAN, GSTIN and experience in similar type of supply of materials under OPTCL / any other Odisha Govt, Organization for **"Supply of different type of Fire Extinguishers required For various Grid Sub-Stations under EHT (O&M) Division, Berhampur & Chatrapur"**. The interested bidders would be required to enroll themselves on the tender portal www.tenderwizard.com/OPTCL. Complete set of bidding documents are available at www.tenderwizard.com/OPTCL from 24.03.2020 (10.00 Hrs) to Dt.15.04.2020 (12.30 Hrs). Interested Bidders /manufacturers/Suppliers may visit OPTCL's official web site http://www.optcl.co.in and www.tenderwizard.com/OPTCL for detail specification. N.B.: All subsequent addendums/corrigertdum to the tender shall be hosted in the OPTCL's official web site http://www.optcl.co.in and www.tenderwizard.com/OPTCL only.
*General Manager (Elect.)*

କୋଚିଙ୍ଗ୍ ଟ୍ରେନ୍‌ଗୁଡ଼ିକରେ ବିଜ୍ଞାପନ ନିମନ୍ତେ ଆଗ୍ରହର ପରିପ୍ରକାଶ (EOI)
ସଂ.C/SBP/Com.Pub/NFR/Train Advt./20, ତା.16.03.2020ରିଖ
ପୂର୍ବ ତଟ ରେଳପଥ, ସମ୍ବଲପୁର ମଣ୍ଡଳ କୋଚିଙ୍ଗ୍ ଟ୍ରେନ୍ (ବାହାର) ଗୁଡ଼ିକରେ ସେମାନଙ୍କ ବ୍ରାଣ୍ଡ/ଉତ୍ପାଦ କିମ୍ବା ସେବାଜନିତ ବିଜ୍ଞାପନ ନିମନ୍ତେ ଇଚ୍ଛୁକ ପକ୍ଷମାନଙ୍କ ଠାରୁ ଆଗ୍ରହର ପରିପ୍ରକାଶ (EOI) ଆହ୍ୱାନ କରୁଛି।



ମେଲ୍/ଏକ୍ସପ୍ରେସ୍/ପାସେଞ୍ଜର ଟ୍ରେନ୍ ସମୂହ
ନିମ୍ନ ବର୍ଣ୍ଣିତ ଟ୍ରେନ୍‌ଗୁଡ଼ିକରେ କୋଚ୍‌ଗୁଡ଼ିକର ବାହାରେ(ସାଇଡ୍ ୱାଲର ଝରକା ପାଖ ଅଂଶର ନିମ୍ନଭାଗରେ) ଭିନାଇଲ ରାପିଙ୍ଗ୍ (Vinyl Wrapping) ନିମନ୍ତେ ବିଜ୍ଞାପନକୁ ଅନୁମତି ଦିଆଯିବ। (1) 58301/58302 ସମ୍ବଲପୁର-କୋରାପୁଟ-ସମ୍ବଲପୁର ପାସେଞ୍ଜର, ଦୈନିକ, (02 ରେକ୍), (2) 18301/18302 ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍, ଦୈନିକ (01 ରେକ୍), (3) 18303/18304 ସମ୍ବଲପୁର-ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ୍, ଦୈନିକ (01 ରେକ୍), (4)18309/18310 ସମ୍ବଲପୁର-ଜମ୍ମୁ ତୱୀ-ସମ୍ବଲପୁର ଏକ୍ସପ୍ରେସ୍, ଦୈନିକ (06 ରେକ୍), (5) 18311/18312 ସମ୍ବଲପୁର-ମଣ୍ଡୁଆଡିହ-ସମ୍ବଲପୁର ଏକ୍ସପ୍ରେସ୍, ସାପ୍ତାହିକ ଦୁଇ ଦିନ ମଣ୍ଡୁଆଡିହ ପାଇଁ, 22804/22803 ସମ୍ବଲପୁର-ହାୱଡ଼ା-ସମ୍ବଲପୁର ଏକ୍ସପ୍ରେସ୍, ସାପ୍ତାହିକ ହାୱଡ଼ା ପାଇଁ (01 ରେକ୍), (6) 20809/20810 ସମ୍ବଲପୁର-ହଜୁର ସାହେବ ନାନ୍ଦେଡ୍-ସମ୍ବଲପୁର ଏକ୍ସପ୍ରେସ୍, ସାପ୍ତାହିକ ତିନି ଦିନ (02 ରେକ୍)।
ସଂରକ୍ଷଣ ମୂଲ୍ୟ (ବାର୍ଷିକ ପ୍ରତି ରେକ୍): ଟ.50 ଲକ୍ଷ + 18% GST।
ନିମ୍ନବର୍ଣ୍ଣିତ ସଂସ୍ଥାମାନଙ୍କ ଠାରୁ ଆଗ୍ରହର ପରିପ୍ରକାଶ ସ୍ୱାଗତ କରାଯିବ : (i) ରାଷ୍ଟ୍ରାୟତ୍ତ ସଂସ୍ଥା ଗୁଡ଼ିକୁ ପ୍ରଥମେ ଅଗ୍ରାଧିକାର ଦିଆଯିବ, (ii) କେନ୍ଦ୍ରୀୟ ଏବଂ ରାଜ୍ୟ ସରକାର ସଂସ୍ଥାନ/ପ୍ରତିଷ୍ଠିତ ବ୍ୟବସାୟିକ ଫାର୍ମ/କମ୍ପାନୀ ସମୂହ ଏବଂ କର୍ପୋରେଟ୍ ହାଉସ୍ ଏବଂ ବିଜ୍ଞାପନ ଏଜେନ୍ସି (ଚୁକ୍ତିର ସମ୍ପୂର୍ଣ୍ଣ ଅବଧି ମଧ୍ୟରେ କେବଳ ଗୋଟିଏ ବ୍ରାଣ୍ଡକୁ ଅନୁମତି ଦିଆଯିବ)।
ଚୁକ୍ତି ଅବଧି : ସର୍ବନିମ୍ନ 01 ବର୍ଷ ଏବଂ 05 ବର୍ଷ ପର୍ଯ୍ୟନ୍ତ।
ସୁରକ୍ଷା ଜମା : ଶୁଳ୍କସୂଚୀ/ଦର ଉପରେ @ 10% ଅପରିବର୍ତ୍ତନୀୟ ବ୍ୟାଙ୍କ ଗ୍ୟାରେଣ୍ଟି ଭାବେ।
ଆଗ୍ରହର ପରିପ୍ରକାଶ ସହିତ ନିମ୍ନ ବର୍ଣ୍ଣିତ ବିବରଣୀ ସଂଲଗ୍ନ କରାଯିବା ଆବଶ୍ୟକ :
(1) କମ୍ପାନୀ/ଫାର୍ମ (Firm)ର ନାମ ଓ ଠିକଣା, ବ୍ୟବସାୟର ପ୍ରକାର, ବାର୍ଷିକ କାରବାର, (2) ଆଗ୍ରହର ପରିପ୍ରକାଶ କରିବାଜନିତ କାରଣ ସହିତ ସମ୍ପୂର୍ଣ୍ଣ ପ୍ରସ୍ତାବ। ଆଗ୍ରହର ପରିପ୍ରକାଶ ତା.03.04.2020ରିଖ 1700 ଘଟିକା ସୁଦ୍ଧା କିମ୍ବା ତା' ପୂର୍ବରୁ ପହଞ୍ଚିପାରୁଥିବା ଆବଶ୍ୟକ। ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଦ୍ୱିତୀୟ ମହଲା, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ କମ୍ପ୍ଲେକ୍ସ, ପୋଷ୍ଟ- ମୋଦିପଡା, ସମ୍ବଲପୁର-768002,, ଓଡ଼ିଶା, ଫୋନ ନଂ.: 8328880308 & 8455886974 ରୁ ପ୍ରାପ୍ତ କରାଯାଇ ପାରିବ। ଦୟାକରି ପୂର୍ବ ତଟ ରେଳପଥ ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ସମ୍ବଲପୁର
ପୂର୍ବ ତଟ ରେଳପଥ
PR-806/K/19-20

ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେବେବେଳେ ବି ବଶୀଭୂତ ହେବ ନାହିଁ।
-ଶ୍ରୀଅରବିନ୍ଦ



# ଅସମୟରେ ଲାଭ

କରୋନା ଭାଇରସ୍ ବିଶ୍ୱର ୧୯୩ ଦେଶରେ କାୟା ବିସ୍ତାର କରି ଲୋକଙ୍କ ଜୀବନକୁ ବିପନ୍ନ କରିଦେଇଛି। ଭାରତରେ ଏହା କେଉଁ ଷ୍ଟେଜ୍‌ରେ ଅଛି ତାହା ଅଦ୍ୟାବଧି ସ୍ପଷ୍ଟ ହୋଇପାରିନାହିଁ। ସରକାର କହୁଛି ଷ୍ଟେଜ୍ ୨ରେ ଦେଶ ଅଛି ବୋଲି, କିନ୍ତୁ ବାସ୍ତବ ପରିସ୍ଥିତି ଓ ସଂକ୍ରମଣର ସ୍ତରକୁ ଦେଖିଲେ ଏହା ଆଭ୍ୟନ୍ତରୀଣ ସଂକ୍ରମଣ ହେବାରେ ଲାଗିଲାଣି; ଯାହାକି ଷ୍ଟେଜ୍ ୩ ହୋଇପାରେ। ୨୩ ମାର୍ଚ୍ଚ ସୁଦ୍ଧା ଏହି ଭୂତାଣୁ ଯୋଗୁ ଭାରତରେ ୪୧୫ ଜଣ ସଂକ୍ରମିତ ହୋଇଥିବା ବେଳେ ପଶ୍ଚିମବଙ୍ଗରେ ପ୍ରଥମ ମୃତ୍ୟୁକୁ ମିଶାଇଲେ ଏହା ୮ ଜଣ ଲୋକଙ୍କ ଜୀବନ ନେଲାଣି। କୁହାଯାଉଛି, ଆସନ୍ତା ୩୧ ତାରିଖ ମଧ୍ୟରେ ଏହାକୁ ନିୟନ୍ତ୍ରଣ କରାଯାଇ ନ ପାରିଲେ ଭୂତାଣୁ ସଂକ୍ରମଣ ବ୍ୟାପକ ରୂପ ଧାରଣ କରିପାରେ। ସେଥିପାଇଁ ଭାରତର ଅନେକ ଅଞ୍ଚଳରେ ଲୋକଙ୍କ ଯାତାୟାତ ଉପରେ କଟକଣା ଲଗାଇ ଦିଆଯାଇଛି। ଭୂତାଣୁକୁ ପ୍ରତିରୋଧ କରିବା ସକାଶେ ଲକ୍‌ଡାଉନ୍ କରାଯାଇଥିବାରୁ ଏହାର ଫାଇଦା ବ୍ୟବସାୟୀମାନେ ନେବାକୁ ଚେଷ୍ଟା କଲେଣି। ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ କେତେକ ଦୋକାନ ଖୋଲାଯାଇଥିବାରୁ ସେଠାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହେଲାଣି। ଦ୍ରବ୍ୟର ଯୋଗାଣ କେତେକ ଅଞ୍ଚଳରେ କମିଯାଇଥିବାରୁ ବ୍ୟବସାୟୀମାନେ କୃତ୍ରିମ ଅଭାବ ସୃଷ୍ଟି କରି ଦରଦାମ ବଢ଼ାଇବାରେ ଲାଗିଲେଣି। ଲକ୍‌ଡାଉନ୍ ଆରମ୍ଭ ବେଳୁ ଯଦି ଏଭଳି ପରିସ୍ଥିତି ଉପୁଜିଲାଣି ଆଗକୁ ଏହା ଭୟାବହ ହେବାର ଯଥେଷ୍ଟ ଆଶଙ୍କା ରହିଛି। ପୁଣି ଯେଉଁମାନେ ଦୋକାନକୁ ଯାଉଛନ୍ତି ସେମାନେ ଆବଶ୍ୟକତାଠାରୁ ଅଧିକ ସାମଗ୍ରୀ କିଣାକିଣି କରି ନେଉଥିବାର ପରିଲକ୍ଷିତ ହେଉଛି, ଯେଉଁଥିରେ ଅଭାବ ଅଧିକ ହୋଇପାରେ। ଏପରି ସ୍ଥଳେ ପ୍ରଶାସନ ଲୋକଙ୍କୁ ଅଟକାଇବା ପାଇଁ ଛକ ଜାଗାଗୁଡ଼ିକରେ କେବଳ ପୋଲିସକୁ ମୁତୟନ କରି କାମ ସାରିଦେଲେ ହେବ ନାହିଁ। ଜନସାଧାରଣ କିଭଳି ସହଜରେ ଅତ୍ୟାବଶ୍ୟକ ସାମଗ୍ରୀ ପାଇପାରିବେ, ସେଥିସକାଶେ ପଦକ୍ଷେପ ନେବା ଜରୁରୀ। ଦରକାର ପଡ଼ିଲେ କଳାବଜାରକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇପାରନ୍ତା, କିନ୍ତୁ ତାହା ଘଟୁ ନାହିଁ। ଅବଶ୍ୟ ଏହା ସ୍ୱୀକାର କରିବାକୁ ହେବ ଯେ, ଜନସାଧାରଣଙ୍କ ବିପଦ ସମୟରେ କଳାବଜାର କରୁଥିବା ବ୍ୟକ୍ତିଙ୍କ ଚରିତ୍ର ଅଧିକ କଠୋର ହୋଇଥାଏ। ଅସୁବିଧାରୁ ଅସ୍ୱାଭାବିକ ଲାଭ ଉଠାଇବା ଏମାନଙ୍କ ପ୍ରାଥମିକ ଲକ୍ଷ୍ୟ ହୋଇଥାଏ।

ଯୁଦ୍ଧ ବା ମହାମାରୀ ଭଳି ବିପଦ ମଣିଷ ସମାଜକୁ ଆକ୍ରାନ୍ତ କଲେ ସମସ୍ତେ ପ୍ରତ୍ୟେକ ସ୍ତରରେ ଏକଜୁଟ ହୋଇ ଏହାର ମୁକାବିଲା କରିବା କଥା। କିନ୍ତୁ ବୁଝି ହୁଏନାହିଁ ଜୀବନ ଚାଲିଯାଉଥିବା ବେଳେ ଲୋକେ ଲୋଭକୁ କାହିଁକି ଛାଡ଼ିପାରନ୍ତି ନାହିଁ। ଗୋଟିଏ ପଟେ ସ୍ୱାର୍ଥ ସାଧନ ପାଇଁ କେତେକ ଅସାଧୁ ବ୍ୟବସାୟୀ ବେଆଇନ କାର୍ଯ୍ୟ କରୁଥିବା ବେଳେ ତାହାକୁ କିଛି ଅସାଧୁ ସରକାରୀ ଅଧିକାରୀ ସମର୍ଥନ କରିଥାଆନ୍ତି। ଏହା ଏକ ଗତାନୁଗତିକ ଧାରା ଭାବେ କେବେଠାରୁ ରହିଆସିଛି। ଏହି ଅବାଞ୍ଛିତ ଚେନ୍ ବା ଶୃଙ୍ଖଳକୁ ଖୁବ୍‌ଶୀଘ୍ର ଭଙ୍ଗା ନ ଗଲେ ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେବେ। ଓଡ଼ିଆରେ ଢଗ ଅଛି 'ବେଡ଼ି ଉପରେ କୋରଡ଼ା ମାଡ଼'। କରୋନା ଭାଇରସ୍ ଲୋକଙ୍କ ଜୀବନକୁ ଦୁର୍ବିଷହ କରିଦେଉଥିବା ବେଳେ ଯଦି ବଞ୍ଚିବା ପାଇଁ ସେମାନଙ୍କୁ ସର୍ବନିମ୍ନ ଆବଶ୍ୟକତା ମିଳିବ ନାହିଁ, ତାହା ହେଲେ ଭୟ ଓ ଆଶଙ୍କାରେ ଅନେକେ ମରିଯିବେ। ଏଭଳି ସ୍ଥଳେ ସରକାରୀ ବ୍ୟବସ୍ଥା, ବ୍ୟବସାୟିକ ଗୋଷ୍ଠୀ ଓ ଜନସାଧାରଣ ମିଳିତ ଭାବେ ପ୍ରୟାସ କଲେ ସର୍ବସମ୍ମୁଖରେ ଉଭା ହୋଇଥିବା ବିପଜ୍ଜନକ ସ୍ଥିତିକୁ ଏଡ଼ାଇ ଦିଆଯାଇପାରନ୍ତା।

## ଚିରନ୍ତନୀ

ମରଣ ପାଳି
ମରଣ ଅମା ଯେବେ ଆସେ ଘୋଟି ଚଉଦିଗ
ଶ୍ରାବଣ ନିଶା ସମ
ପ୍ରାଣେ ମମ ସଜନି ଗୋ!
ବିକଟ ଆଖି ତା'ର ରଖେ ମୋର ବାତୟନେ
ଆସଇ ଧୀରେ ଧୀରେ
ସଜନି ରେ! ମୋ ଆଗଣେ।
ପଉଷ ଉଷା ଜିଣି ଶୀତ ତା'ର ପରଶଟି
କୁହେଳି ସମ ଛାୟା
ରଚି ମାୟା ଆସେ ଘୋଟି।
ବହୁତ ସାଧନାର ଅଧରର ହାସ ଟିକ
ନିଭାଇ ଦେବା ପାଇଁ
ଆସେ ଧାଇଁ ସଜନି ଗୋ!
ବିରାଟ ବେଦନାର ସ୍ତୂପ ତଳୁଁ ତୋଳି ଯାହା
ସାଇତି ରଖେ ନର
ଜୀବନର କରି ନାହା,
ଯେ ହାସ ପାଇଁ ସେ ଗୋ କୋଟି ପ୍ରାଣେ ଦିଏ ବ୍ୟଥା
କାଟଇ ଯାହା ଆଶେ
ଅନାୟାସେ କୋଟି ମଥା।

(ମରଣ ପାଳି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | | | B | | 9 | | | 4 | 6 | | | | |
| 9 | | | 6 | D | E | | 8 | | 1 | | B | | 4 | |
| | | A | | 2 | 3 | | | | 5 | | | | 9 | |
| | | 2 | 7 | 4 | | 3 | | 1 | | | | C | | A |
| | | 0 | C | | | | | 4 | 2 | | 7 | B | | 8 |
| 8 | | | | | C | | | 7 | B | | | | | D |
| | 1 | | | | | | D | | | | | 0 | A | E |
| | | 9 | | 7 | B | C | | A | | | | | 8 | 3 |
| D | | 4 | A | 0 | 6 | 8 | 5 | | | | | 7 | | |
| | C | | | | 5 | 0 | | | | | | | | |
| 6 | E | | 5 | 3 | 7 | | 9 | | | | | | | |
| | | | | | | 7 | 2 | | 3 | | | | B | C |
| | | | 9 | | | | 3 | 5 | | | | A | 0 | 7 |
| 0 | | | | | | | A | | 8 | | | | | |
| | 7 | 5 | | | | 4 | | E | | | | | D | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 7 | 9 | 8 | B | C | 6 | 2 | A | 3 | D | E | 4 | 5 | 1 |
| 3 | E | 5 | A | 1 | 2 | 8 | C | B | 0 | 6 | 4 | 9 | 7 | D |
| 2 | 1 | A | E | 7 | 0 | 5 | 4 | D | C | 9 | B | 3 | 8 | 6 |
| 6 | B | 4 | 5 | 3 | D | 9 | 7 | 0 | 2 | 8 | 1 | E | A | C |
| C | 8 | D | 4 | 6 | 9 | 1 | 3 | E | 5 | 7 | A | 0 | 2 | B |
| A | 0 | C | D | 4 | 5 | E | 8 | 7 | 6 | 1 | 9 | 2 | B | 3 |
| 8 | 6 | E | C | 9 | A | 3 | B | 2 | 7 | 4 | D | 5 | 1 | 0 |
| 7 | 2 | 1 | 6 | 0 | B | D | 5 | 4 | E | 3 | C | 8 | 9 | A |
| 9 | 5 | 3 | 7 | 8 | E | A | 1 | 6 | B | 2 | 0 | D | C | 4 |
| 4 | D | B | 1 | 2 | 3 | C | 0 | 9 | 8 | A | 5 | 7 | 6 | E |
| E | 9 | 6 | B | 5 | 8 | 4 | D | C | A | 0 | 2 | 1 | 3 | 7 |
| 1 | 3 | 7 | 0 | E | 6 | B | 9 | 5 | D | C | 8 | A | 4 | 2 |
| B | 4 | 2 | 3 | D | 1 | 7 | A | 8 | 9 | E | 6 | C | 0 | 5 |
| D | C | 8 | 2 | A | 7 | 0 | 6 | 1 | 4 | 5 | 3 | B | E | 9 |
| 5 | A | 0 | 9 | C | 4 | 2 | E | 3 | 1 | B | 7 | 6 | D | 8 |

ଗତକାଲିର ଉତ୍ତର



ଚିତ୍ର ଚରିତ୍ର
ନିରଞ୍ଜନ ପାଢ଼ୀ

# ଆମ ପାଇଁ ହରି ଭରସା

"ହେ ପ୍ରଭୁ! ଏ ଜନ୍ମ ତ ନିଷ୍ଫଳ ହେଲା। ପୁନର୍ଜନ୍ମ ବୋଲି ଯଦି କିଛି ଥାଏ, ତେବେ ଆସନ୍ତା ଜନ୍ମରେ ଆଉ ଯେଉଁ ଜନ୍ମ ଦେବୁ ପଛେ ମଣିଷ ଜନ୍ମ କେବେ ଦେବୁନି।" ପ୍ରାଣୀଙ୍କ ମଧ୍ୟରେ ସବୁଠୁ ଶ୍ରେଷ୍ଠ ଜୀବ ଭାବେ ମଣିଷକୁ ଗଣା ହେଉଥିଲା ବେଳେ ପ୍ରାୟ ଛଅମାସ ତଳେ ଆମ ରାଜ୍ୟର ସାନଖେମୁଣ୍ଡି ଅଞ୍ଚଳର ବୁଢ଼ାବୁଢ଼ୀ ଦୁହେଁ ଏମିତି ଏକ ପ୍ରାର୍ଥନା ଈଶ୍ୱରଙ୍କୁ କରିଥିଲେ। ଏମିତି ଏକ ବିଚିତ୍ର ବର ମାଗିଥିବା ବୁଢ଼ାବୁଢ଼ୀ ଦୁହେଁ ଥିଲେ ସ୍ୱାମୀସ୍ତ୍ରୀ, ଯିଏ ନିଜ ବଡ଼ପୁଅର ଘର ବାରଣ୍ଡାରେ ସଞ୍ଜରୁ ପରଦିନ ସକାଳ ଯାଏ ରାତି ଉଜାଗର ରହି, ମଶାକାମୁଡ଼ା ସହି ନିଜ ପୁଅବୋହୂଙ୍କ ଆଗମନକୁ ଅପେକ୍ଷା କରୁଥିଲେ।

ସମର୍ଥ ତିନିପୁଅଙ୍କ ଏହି ମାତାପିତା ଦୁହେଁ କ୍ୟାଲେଣ୍ଡରର ପୃଷ୍ଠା ଭିତରେ ନିଜକୁ ବାଣ୍ଟି ଚାଲିଥିଲେ ପ୍ରତି ପୁଅ ପାଖରେ ଦୁଇମାସ ଲେଖାଏ ରହି। ସାନ ଓ ମଝିଆ ପୁଅର ପାଳି ସରିବାରୁ ଚାରିମାସ ପରେ ସେମାନେ ଆସିଥିଲେ ପରବର୍ତ୍ତୀ ଆଶ୍ରୟସ୍ଥଳ ନିଜ ବଡ଼ପୁଅ ଘରକୁ। ସନ୍ଧ୍ୟା ପୂର୍ବରୁ ପହଞ୍ଚି ଦେଖିଲେ ବଡ଼ପୁଅର ଘରେ ତାଲା ପଡ଼ିଛି। ପୁଅବୋହୂ ବାହାରକୁ ଯାଇଥିବେ ଓ ଫେରିଆସିବେ ଭାବି ଘର ବାରଣ୍ଡାରେ ଅପେକ୍ଷା କରି ବସି ରହିଲେ। ମାତ୍ର ସେମାନଙ୍କର ଫେରିବାର ନ ଥିଲା। ମଶାକାମୁଡ଼ାର ଯନ୍ତ୍ରଣା ସହି ଘର ବାରଣ୍ଡାରେ ଭୋକଉପାସରେ ରାତି ପାହିଗଲା। ପରଦିନ ପ୍ରଭାତରେ ଗାଁ ଲୋକେ ବୁଢ଼ାବୁଢ଼ୀଙ୍କ ଦୟନୀୟ ଅବସ୍ଥା ଦେଖି ବଡ଼ପୁଅକୁ ଫୋନ କରି ଖବର ଦେଲେ। ମାତ୍ର ସେଆଡୁ ଖବର ଆସିଲା, ସେମାନଙ୍କର ଆସିବା ବିଳମ୍ବ ହେବ କେଇଦିନ ପାଇଁ। ଅବଶ୍ୟ ଏ କଥା କହିଲେ ନାହିଁ ଯେ ଏହା ସେମାନଙ୍କର ଇଚ୍ଛାକୃତ ବିଳମ୍ବ ବୋଲି।

ସଦ୍ୟ ପାଳି ସରିଥିବା ମଝିଆ ପୁଅକୁ ଗାଁ ଲୋକେ ଫୋନ କଲେ। ବୋଝମୁକ୍ତିର ଆନନ୍ଦ ଉପଭୋଗ କରୁଥିବା ମଝିଆ ପୁଅ ସ୍ପଷ୍ଟ ମନା କରିଦେଲା। ଅସହାୟ ବୃଦ୍ଧ ଦମ୍ପତିଙ୍କ କରୁଣ କାନ୍ଦ ଗାଁ ଲୋକଙ୍କୁ ବିବଶ କଲା ସବା ସାନ ପୁଅ ସହ ଯୋଗାଯୋଗ କରିବାକୁ। ତା' ସହ ମୂଲଚାଲ ପରେ ସ୍ଥିର ହେଲା, ଯେତେଦିନ ଯାଏ ବଡ ପୁଅ ତା' ଘରକୁ ଫେରିନାହିଁ ସେତେଦିନ ବାପମା'ଙ୍କୁ ସାନପୁଅ ରଖିବ ଓ ସେ ବାବଦ ଖର୍ଚ୍ଚ ବଡ଼ପୁଅ ଫେରିଲା ପରେ ତା'ଠାରୁ ଆଦାୟ କରାଯିବ। ଆପାତତଃ ସମସ୍ୟାର ସମାଧାନ ହେଲା ବେଳକୁ ଗାଁର ମୁରବି ମନ୍ତବ୍ୟ ଦେଲେ, "ଏମିତି କେତେ ଦହଗଞ୍ଜ ହେଉଥିବ। ଥାନାରେ ଯାଇ ପୁଅଙ୍କ ବିରୋଧରେ ଅଭିଯୋଗ କରୁନ କାହିଁକି?" ଏମନ୍ତ ଟିପ୍ପଣୀ ଶୁଣି ମାଆ ଚିତ୍କାର କରି କାନ୍ଦିବାକୁ ଆରମ୍ଭ କଲାରୁ ବାପା ନିଜ ଆଖିର ଲୁହ ପୋଛି ମନ୍ତବ୍ୟ ଦେଲେ, "ଆମେ କ'ଣ ଥାନାରେ ଫେରାଦ ହେବୁ? ତିନି ବୋହୂ ପରା ଆମକୁ ଜେଲରେ ପୂରାଇବାକୁ କେଇବାର ଧମକ ଦେଇ ସାରିଲେଣି। ଆଇନ କାଳେ ତାଙ୍କ ସପକ୍ଷରେ ଯିବ ବୋଲି ଶୁଣିଲା ପରେ ଆମକୁ ଯେତେ ନିର୍ଯାତନା ଦେଲେ ବି ଚୁପଚାପ ସବୁ ସହିନେଇ ପଡିରହୁଛୁ। ଆଇନକାନୁନ, କୋର୍ଟକଚେରି ସବୁ ତାଙ୍କ ପାଇଁ। ଆମ ପାଇଁ କେବଳ ହରିଭରସା!"

ପ୍ରକୃତରେ ଯେତେବେଳେ ବ୍ୟାଧି ବା ବାର୍ଦ୍ଧକ୍ୟ ମଣିଷକୁ କଲବଲ କରେ, ଯେତେବେଳେ ଅସହାୟ ଅବସ୍ଥାରେ ଆହା କହି ସାହା ହେବାକୁ ସାଙ୍ଗରେ କେହି ନ ଥାନ୍ତି, ଯେତେବେଳେ ପୁତ୍ରକନ୍ୟାମାନେ ନିଜ ନିଜର ବର୍ତ୍ତମାନ ସହ ବ୍ୟସ୍ତ ରହି ଭବିଷ୍ୟତ ଗଢିବା ଆଳରେ ଅତୀତକୁ ବିସ୍ମରିଯାଆନ୍ତି; ସେତେବେଳେ ରକ୍ଷାକବଚ ସାଜିବାକୁ ଆଇନକାନୁନ ଅପେକ୍ଷା ବେଶି ଲୋଡ଼ା ପଡନ୍ତି ସେଇ 'ହରି' ନାମଧାରୀ ଅଦୃଶ୍ୟ ରହସ୍ୟମୟ ଶକ୍ତି। ବୟସ ଯେତେ ଯେତେ ଆଗକୁ ବଢିଥାଏ, ବାର୍ଦ୍ଧକ୍ୟ ଯେତେ ଯେତେ ଶକ୍ତି ହରଣ କରି ନେଉଥାଏ, ସେତେ ସେତେ ସେଇ ଅଦୃଷ୍ଟ ଈଶ୍ୱରଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ବଢି ବଢି ଚାଲୁଥାଏ।

ମାତ୍ର ଯୌବନର କଥା ନିଆରା। ଜ୍ୱଳନ୍ତ ଯୌବନର ଉଦ୍ଦାମତା ଧର୍ମ, ଅଧର୍ମ, ପାପପୁଣ୍ୟର ପ୍ରଭେଦ ଦେଖିପାରେନା। ଆଜିର ପୁଅ କାଲି ବାପା ହେବ ବା ଆଜିର ବୋହୂ କାଲି ଶାଶୁ ହେବ, ଏ କଥା ମନରେ ହେଜେନା। କେଇବର୍ଷ ତଳେ ରାଜ୍ୟର ଜଣେ ଜନନେତ୍ରୀ ଯୌତୁକ ଜୁଇରେ ଜଳି ଯାଉଥିବା ନିରୀହ ନବବଧୂମାନଙ୍କୁ ଲକ୍ଷ୍ୟ କରି ଯୌତୁକଲୋଭୀ ଶାଶୁଶ୍ୱଶୁରଙ୍କୁ ବୋହୂମାନେ ମାଡମାରିବାକୁ ଆହ୍ୱାନ ଦେଇଥିଲେ। ଅବଶ୍ୟ ଏହା ଅନସ୍ୱୀକାର୍ଯ୍ୟ ଯେ ସେତେବେଳେ ଯୌତୁକରାକ୍ଷସର ଆସୁରିକ ପ୍ରଭାବରେ କେତେକ ଅର୍ଥମୋହଗ୍ରସ୍ତ ଶାଶୁଶ୍ୱଶୁର ସେମାନଙ୍କ ବୋହୂମାନଙ୍କୁ ବାରମ୍ବାର ଅକଥନୀୟ ନିର୍ଯାତନା ଦେଇ ଚାଲିଥିଲେ। ଏମାନଙ୍କ କରାଳ କୋପରୁ ମୁକ୍ତି ପାଇବା ପାଇଁ କପାଳରେ ସଧବା ସିନ୍ଦୂର ପିନ୍ଧି ଏକ ନୂଆ ଜୀବନର ସ୍ୱପ୍ନ ଦେଖୁଥିବା ଶହ ଶହ ନିରିମାଖି ଯୁବବଧୂ ନିଜ ଜୀବନର ଯବନିକା ଟାଣୁଥିଲେ ତ ଅନ୍ୟ କେଉଁଠି ଅପେକ୍ଷାକୃତ ଦୃଢ଼ମନା ବୋହୂମାନେ ସେମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ମୁକାବିଲା କରିବାକୁ ଯାଇ ଅକାଳରେ ଜଳି ଯାଉଥିଲେ। ଏସବୁ ସାମାଜିକ କଳଙ୍କର ଯଥାଯଥ ପ୍ରତିରୋଧ ପାଇଁ ସେତେବେଳେ ମହିଳା କମିଶନର ହସ୍ତକ୍ଷେପ ବା ପୋଲିସ ଆଇନ ବ୍ୟବସ୍ଥାର ୪୯୮ ଧାରା ପ୍ରୟୋଗ କରି କୁତ୍ସିତ ମାନସିକତାର ଅଧିକାରିଣୀ କେଇଜଣ ଉଦଣ୍ଡୀ ଶାଶୁଙ୍କ ହାତରେ କଡି ଓ ଅଣ୍ଟାରେ ବେଡି ପକାଇ ରାଜରାସ୍ତାରେ ଚଲାଇ ନିଆଯାଉଥିବାର ଦୃଶ୍ୟ ସଇତାନର ଶିକ୍ଷା ହୋଇ ଉଭା ହେଉଥିଲା। ଆଖି ଆଗରେ ନିଜ ସମଗୋତ୍ରୀ ଶାଶୁମାନଙ୍କର ପରାଭବ ଦେଖି ମଧ୍ୟ ପରିତାପରେ ଯାହାର ଅନ୍ତର ଶିହରି ନ ଉଠିଲା, ତାକୁ ଯେ କୌଣସି ପରାକ୍ରମୀ ବୋହୂର ମାଡ ଯେ ପରିବର୍ତ୍ତନ କରିପାରନ୍ତା, ଏ କଥା ସହଜରେ ବିଶ୍ୱାସ କରିହୁଏନା!

ସେଦିନରୁ ଆଜି ଯାଏ ଶାଶୁବୋହୂ ହାତାହାତି ଇତିହାସରେ ବୋହୂ ଉପରେ ଶାଶୁର ମାଡ ଅତ୍ୟନ୍ତ ବିରଳ ଘଟଣା ଭାବେ ଗୃହୀତ ହେଲେ ମଧ୍ୟ ଶାଶୁଙ୍କୁ ବୋହୂର ମାଡ ଆଉ ବିରଳ ଘଟଣା ହୋଇ ରହିନାହିଁ। ଅଳ୍ପଦିନ ତଳେ ଜଣେ ଅଶୀତିପର ଶାଶୁବୁଢ଼ୀଙ୍କୁ ଅତ୍ୟନ୍ତ ନିର୍ମମ ଭାବରେ ରାସ୍ତା ଉପରେ ଘୋଷାଡି ଘୋଷାଡି ମାରିବାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଖେଳି ବୁଲୁଥିଲା। ପୁଣି ଟିଭି ସମାଚାରରେ ଦେଖିବାକୁ ମିଳିଥିଲା ଆଉ ଏକ ଅଭାବିତ ଦୃଶ୍ୟ। ଚାନ୍ଦବାଲି ସହରର ଆହାର କେନ୍ଦ୍ର ନିକଟରେ ଜଣେ ନବେବର୍ଷୀୟା ଅନ୍ଧୁଣୀଙ୍କୁ ଛାଡିଦେଇ ନିରୁଦ୍ଦିଷ୍ଟ ହୋଇ ଯାଇଥିଲା ତା'ର ଯୋଗ୍ୟ ସନ୍ତାନ, ଯିଏ ନିଜ ବୁଢୀମାଆ ଉପରେ ସ୍ତ୍ରୀଙ୍କ ନିତିଦିନର ନିର୍ଯାତନା ସହି ନ ପାରି ଏମିତି ଏକ ନିଷ୍ଠୁର ନିଷ୍ପତ୍ତି ନେଇଥିଲା ବୋଲି ପୋଲିସ ଅନୁସନ୍ଧାନରୁ ଜଣାପଡିଥିଲା।

ପୂର୍ବରୁ ବୋହୂ ଉପରେ ଶାଶୁଶ୍ୱଶୁର ଓ ନଣନ୍ଦଙ୍କ ଅତ୍ୟାଚାରକୁ କଠୋର ହସ୍ତରେ ଦମନ କରିବା ପାଇଁ ଆମ ପ୍ରଶାସନ ଆଇନ ପ୍ରକରଣରେ ଯୋଡ଼ି ଦେଇଥିଲେ କଠୋରରୁ କଠୋରତମ ଦଣ୍ଡର ବ୍ୟବସ୍ଥା। ଅଥଚ ଶାଶୁଙ୍କ ଉପରେ ଅବା ଶାଶୁଶ୍ୱଶୁର ଉଭୟଙ୍କୁ ମାନସିକ ତଥା ଶାରୀରିକ ନିର୍ଯାତନା ଦେଉଥିବା ବୋହୂଙ୍କ ପାଇଁ ଆମ ଆଇନ ବ୍ୟବସ୍ଥାରେ ସେମିତି କିଛି ସ୍ୱତନ୍ତ୍ର ପ୍ରକରଣ ନ ଥିବା ତଥା ବୋହୂମାନେ ନିଜେ ଯୌତୁକ ଯାତନା ଭଳି ଏକ ଅମୋଘ ଅସ୍ତ୍ରରେ ସଜ୍ଜିତ ହୋଇଥିବା ହେତୁ ନିଃଶବ୍ଦରେ ମିଳାଇ ଯାଉଛି ନିର୍ଯାତିତ ଶାଶୁଶ୍ୱଶୁରଙ୍କ ହାହାକାରର ଦୀର୍ଘଶ୍ୱାସ। ହତଭାଗ୍ୟ ଶାଶୁଶ୍ୱଶୁରମାନେ ଏ ଦୁର୍ଭାଗ୍ୟକୁ କିପରି ବା ସାମ୍ନା କରିପାରନ୍ତେ! ସେମାନଙ୍କ ପାଇଁ ନା ମହିଳା କମିଶନ ବା ବୃଦ୍ଧବୃଦ୍ଧା କମିଶନ ଅଛି ନା ସେମାନଙ୍କ ସୁରକ୍ଷାର ବ୍ୟବସ୍ଥା ପାଇଁ ପେନାଲ କୋଡରେ ୪୯୮ ଧାରା ଅଛି! ଶାରୀରିକ ନିର୍ଯାତନା ଭୋଗୁଥିବା ବୋହୂମାନଙ୍କ ପୀଡ଼ାକୁ କୋର୍ଟକଚେରିରେ ପ୍ରମାଣ କରିହେବ ସିନା, ଶାଶୁଶ୍ୱଶୁରଙ୍କ ମାନସିକ ନିର୍ଯାତନାର ଅଦୃଶ୍ୟ ରକ୍ତକ୍ଷରଣ କାହାକୁ ଦେଖାଇଦେଲା ଭଳି ଚିଜ ନୁହେଁ। ସୁତରାଂ ନିଜ ଆଖିଲୁହକୁ ଆଖିରେ ମାରି ଗୋଟିଏ ପଟେ ବୋହୂର ତାଡନା ଯାତନା ଏବଂ ଅନ୍ୟପଟେ ଅଦୃଷ୍ଟ ଈଶ୍ୱରଙ୍କ କରୁଣା ପାଖରେ ନିଜକୁ ସମର୍ପଣ କରିବା ବ୍ୟତୀତ ସେମାନେ ଆଉ ଅଧିକ କ'ଣ କରିପାରନ୍ତେ!

ଦଶମାସ ଗର୍ଭରେ ଧରି, ନିଜ ବୁକୁରୁ ରକ୍ତ ନିଗାଡି ପରମ ଯତ୍ନରେ ଯେଉଁ ପୁଅଟିକୁ ମା' ପାଳନ କରିଥାଏ, ଯାହାର ମଙ୍ଗଳ କାମନା ବିନା ତା'ର ଗୋଟିଏ ମୁହୂର୍ତ୍ତ ବି ବିତିଯାଏନା, ସେଇ ପୁଅଟି ଦିନେ ବାହା ହୋଇ ବୋହୂଟିଏ ଘରକୁ ଆଣେ। ପୁଅ ସହିତ ମା'ଟି ମଧ୍ୟ ଜୀବନର ଏକ ସ୍ୱତନ୍ତ୍ର ସୋପାନରେ ପାଦ ଥାପେ। ମାଆରୁ ଶାଶୁ ବନିଯିବାର ଅଭିନବ ରୋମାଞ୍ଚ ମଧ୍ୟରେ ସେ ଏକ ନୂଆ ଦୁନିଆର ସ୍ୱପ୍ନ ଦେଖେ। ସାଂସାରିକ ଜଞ୍ଜାଳରେ ଏ ଯାଏ ଘାଣ୍ଟି ହୋଇ ଆସିଥିବା ତା'ର ଅବସନ୍ନ ମନ ଓ ଶରୀର ଅଭୀଷ୍ଟ ଅବସରର ଆଶା ରଖେ। ମାତ୍ର ସେ ନିରାଶ ହୁଏ। ନୂଆ ବୋହୂଟି ପୁରୁଣା ହେଉ ହେଉ କେବଳ ନିଜ ସ୍ୱାମୀ ଉପରେ ନୁହେଁ, ସମଗ୍ର ପରିବାର ଉପରେ ପ୍ରଭୁତ୍ୱ ଜାହିର କରେ। ନାରୀର ସହଜାତ ଗୁଣ କୋମଳତା ଓ ସହିଷ୍ଣୁତା ବଦଳରେ ତା' ପାଖରେ ପ୍ରକଟିତ ହୁଏ ରଣଚଣ୍ଡୀର ଭୈରବ ହୁଙ୍କାର। ତା'ର ଏମନ୍ତ ଆଚରଣ ପ୍ରତିକ୍ଷଣରେ ପରିବାରର ଅନ୍ୟମାନଙ୍କୁ ଆବୃତ୍ତ କରୁଥିଲେ ମଧ୍ୟ ସେଥିକୁ ସେ ଖାତିର କରେନା। ଶାଶୁଶ୍ୱଶୁର ଦୁହିଁଙ୍କୁ ସେ ନିଜ ମୁଣ୍ଡ ଉପରେ ଓଜନଦାର ବୋଝ ସଦୃଶ ମନେକରେ। ଯେମିତି କି ଏ ଦୁହେଁ ତା'ର କେହି ନୁହନ୍ତି। କେବଳ ସେ ଓ ତା'ର ସ୍ୱାମୀ, ଯିଏ କେବଳ ତା'ରି ପାଇଁ ଆକାଶରୁ ଖସିପଡିଛି, ଯିଏ କେବେ ବି କୌଣସି ମାତୃଗର୍ଭରୁ ଜନ୍ମ ନେଇ ନାହିଁ କି ମା' ବୋଲି ଜୀବଟି ପାଇଁ ଯାହାର କିଛି ବି କର୍ତ୍ତବ୍ୟ ଅବା ଦାୟିତ୍ୱ ନାହିଁ!

କେଇବର୍ଷ ପୂର୍ବରୁ ବୋହୂମାନଙ୍କ ଉପରେ ଉଦଣ୍ଡୀ ଶାଶୁମାନଙ୍କ ନିର୍ଯାତନା ଯେତିକି ଉତ୍କଟ ହୋଇ ନ ଥିଲା, ତାହାଠୁଁ ଢେର ଅଧିକ ଉତ୍କଟ ହେଲାଣି ବୁଢ଼ୀ ଶାଶୁ ଓ ସ୍ଥଳ ବିଶେଷରେ ଉଭୟ ଶାଶୁଶ୍ୱଶୁରଙ୍କ ଉପରେ ଉଦଣ୍ଡୀ ବୋହୂମାନଙ୍କ ଉତ୍ପାତ। ପୂର୍ବରୁ ନିରୀହା ନବବଧୂଙ୍କ ନିର୍ଯାତନାର କରୁଣ କାହାଣୀ ସମାଜର ବିବେକ ଉପରେ ଏକ ପ୍ରଶ୍ନଚିହ୍ନ ଆଙ୍କିଦେଲା ପରେ ସରକାରୀ ସ୍ତରରେ ଏହାକୁ ନେଇ ତତ୍ପରତା ପ୍ରକାଶ ପାଇଲା ଓ କଠୋର ଆଇନକାନୁନ ପ୍ରଣୟନ ସହ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରି ନିରିମାଖି ବୋହୂଙ୍କ ଅଶ୍ରୁଧାରକୁ ରୋକାଯାଇ ପାରିଲା। ମାତ୍ର ଏବେ ଚକର ଅଖ ଘୂରିଯାଇଛି। ପ୍ରତି ମୁହୂର୍ତ୍ତରେ ବୋହୂର ଅତ୍ୟାଚାରରେ ଆହତ ହୋଇ ନିଜ ପୁଅର ନିଷ୍କ୍ରିୟତାକୁ ଅଭିଶାପ ଦେବା ସହ ଚରମ ଅସହାୟତା ଓ ଦାରୁଣ ହତାଶା ମଧ୍ୟରେ ଦୀର୍ଘଶ୍ୱାସ ଛାଡୁଥିବା ଶାଶୁଶ୍ୱଶୁରଙ୍କ ଅନ୍ତରର କୋହ ନିର୍ଯାତିତା ବୋହୂମାନଙ୍କ ଆଖିର ଲୁହ ପରି ସମପରିମାଣ ସମ୍ବେଦନା ସହ ସାମାଜିକ ଓ ପ୍ରଶାସନିକ ସ୍ତରରେ ସୁଚିନ୍ତିତ ଅନୁଶୀଳନ, ମାନସ ମନ୍ଥନ ଓ ବିଚାର ବିଶ୍ଳେଷଣର ଯେ ଅପେକ୍ଷା ରଖେ, ଏ କଥା ଭୁଲିଯିବା ଉଚିତ ନୁହେଁ।

ଚକେଇସିହାଣୀ, ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫



ସୁଧାକର ଦାସ

# ବାବୁ... ପଇସାଟିଏ ଦିଅ

ଆଜି ସକାଳୁ ପରିବା ବ୍ୟାଗ ଧରି ବାହାରିଲି ବଜାରକୁ। ପୁଅ କହିଲା, ବାପା ମାସ୍କ ପିନ୍ଧି ଯାଅ। ପତ୍ନୀ କହିଲା, ହୁସିଆର୍! ସମସ୍ତଙ୍କଠୁ ଦୂରେଇ ଦୂରେଇ ରହିବ, ସାଙ୍ଗ ସାଥୀ କେହି ଦେଖାହେଲେ ଦୂରରୁ ନମସ୍କାର କରି ହାତ ହଲେଇ ଚାଲି ଆସିବ। ମୁଁ ହଁ ହଁ କହି ଘରୁ ବାହାରିଗଲି। ମୋ ଅନୁମାନ ପୂରା ଠିକ୍ ଥିଲା। ବଜାରଟା ଖାଁ ଖାଁ। ଭିଡଭାଡ ନାହିଁ। ପରିବା ବିକାଳିଙ୍କ ମୁହଁରେ ରୁମାଲ ଓ ଗାମୁଛାର ମାସ୍କ। ଘରୁ ଅର୍ଡର ଥିଲା ପୋଟଳ ନେବା ପାଇଁ। ମୁଁ ପୋଟଳ ବାଛିବାକୁ ହାତ ବଢେଇଲାବେଳକୁ ପରିବାବାଲା ପାଟି କଲା, ହାଁ ହାଁ, ଛୁଅଁନ୍ତୁନି। ଆମେ ଏବେ କାହାକୁ ପରିବା ଛୁଇଁବାକୁ ବି ଦଉନୁ। ବାର ପ୍ରକାର ଲୋକ ହାତ ମାରିଲେ କାହା ହାତରୁ ଯେ କରୋନା ଭୂତାଣୁ ପୋଟଳକୁ ସଂକ୍ରମିତ ନ ହେଇଯିବ କିଏ କହିବ? ପରିବା ବିକାଳି କଥା ଶୁଣି ଯେତିକି ଖୁସି ଲାଗିଲା ତା'ଠୁ ଅଧିକ ମୁଁ ଆଶ୍ୱସ୍ତ ହେଲି ଯେ ଅତି କମ୍‌ରେ ମୁଁ ଯୋଉ ପୋଟଳ ଏବେ ଘରକୁ ନେଇଯିବି ସେଥିରେ କରୋନା ଭାଇରସ୍ ନାହିଁ। ତା' ପରେ ପରିବା ବିକାଳି ପୁଣି କହିଲା, ଆପଣମାନଙ୍କ ଭଲ ପାଇଁ ଆମେ ସମସ୍ତେ ଏମିତି କରୁଛୁ। ମୁଁ ବି ଦେଖିଲି ଆଖପାଖ ସବୁ ଦୋକାନରେ ସମାନ ଅବସ୍ଥା। ମୁଁ ସାମାନ୍ୟ ହସି କହିଲି, ସେକଥା ଠିକ୍ ଯେ କିନ୍ତୁ ତମେ ଏବେ ପଇସା ନବ କେମିତି? ପରିବା ବିକାଳି କହିଲା, ଆପଣ ଫୋନ୍‌ରେ ପଇସା ପଠେଇ ଦେଇପାରିବେ। ମୁଁ କହିଲି, ଆରେ ବାବୁ ସେସବୁ ବ୍ୟବସ୍ଥା ତ ମୋ ଫୋନ୍‌ରେ ନାହିଁ। କିନ୍ତୁ ମୋ କଥାକୁ ଧ୍ୟାନ ନ ଦେଇ ମୋ'ଠୁ ଦୁଇ ମିଟର ଦୂରରେ ଠିଆ ହୋଇ ଆଉଜଣେ ଭଦ୍ରଲୋକ ଯିଏ କି ଆଳୁ ବାଛିବାକୁ ଯାଉଥିଲେ, ତାଙ୍କ ଉଦ୍ଦେଶ୍ୟରେ ବଡ ପାଟି କରି ପରିବା ବିକାଳି କହିଲା, ଆରେ ଭାଇ ଛୁଅଁନ୍ତୁନି ଛୁଅଁନ୍ତୁନି। ଯାହା ଦରକାର ମୁଁ ଦେଇଦେବି। ଖାଲି ଏତିକି ମତେ କୁହନ୍ତୁ ଆପଣ ଯାହା ନେବେ ତା' ପାଇଁ ଫୋନ୍‌ରେ ପଇସା ଦେଇପାରିବେ ତ? ଲୋକଟି ହଁ ହଁ କହି ମୋ ଆଡେ ଚାହିଁଲା। ମୁଁ ଚିହ୍ନି ପକେଇଲି। ଲୋକଟି ମୋ ଶଳାର ସଢୁ 'ବିରଞ୍ଚି'। ବିରଞ୍ଚି ମତେ ନମସ୍କାର କଲା ଆଉ ପରିବା ବିକାଳି ତା' ପାଇଁ ଆଳୁ ଓଜନ କରିବା ଭିତରେ ଆମେ ଟିକେ ସୁଖଦୁଃଖରେ ମାତିଗଲୁ। ସୁଖଦୁଃଖ ମାନେ ଏଇ କରୋନା କଥା। ଜନଜୀବନ ଅସ୍ତବ୍ୟସ୍ତ, ସାମାଜିକ ଜୀବନ ବିପର୍ଯ୍ୟସ୍ତ। ସବୁଆଡେ କେମିତି ଭୟ ଓ ଆତଙ୍କର ରାଜୁତି। ପରିବା ବିକାଳି ବିରଞ୍ଚିର କହିବା ମୁତାବକ ସବୁ ପରିବା ବାନ୍ଧିସାରିବା ପରେ ମତେ ଅନେଇ କହିଲା, ଆଜ୍ଞା ପୋଟଳ ଦେଢକିଲୋ ଦେଲି। ଆଉ କ'ଣ ନେବେ? ମୁଁ କହିଲି, ନା ନା ତମକୁ ତ ପଇସା ଦବାର ସୁବିଧା ମୋ ପାଖରେ ନାହିଁ। ଥାଉ, ମୁଁ ପୁଅକୁ ପଠେଇବି ସେ ସବୁ ପରିବା ଆସି ତମଠୁ ନେଇଯିବ। ଏସବୁ ଶୁଣି ବିରଞ୍ଚି ସୌଜନ୍ୟ ଦୃଷ୍ଟିରୁ କହିଲା, ନା ମ' ଭାଇ, ଯାହା ନବା କଥା ନିଅନ୍ତୁ ନା... ମୁଁ ମୋ ଫୋନ୍‌ରୁ ତାଙ୍କୁ ପଇସା ଦେଇଦେବି। ମତେ ଟିକେ ଅସହଜ ଲାଗିଲା। କିନ୍ତୁ ମୁଁ କିଛି କହିବା ଆଗରୁ ସାମାନ୍ୟ ଦୂରତାରେ ଠିଆ ହେଇ ରହିଥିବା ବିରଞ୍ଚି ମତେ ହାତ ଯୋଡି କହିଲା, ଇଏ ଗୋଟେ କଥା ନା ଭାଇ, ପ୍ଲିଜ୍ ଆପଣ ମନା କରନ୍ତୁନି। ଉତ୍ତରରେ ମୁଁ ମୋ ମୁହଁରେ ଯେଉଁ ସ୍ମିତ ହସଟି ଖେଳାଇଲି, ସେଥିରେ ଥିଲା କୃତଜ୍ଞତା ଆଉ ଧନ୍ୟବାଦର ଆଭାସ। ବିରଞ୍ଚି ପରିବା ପୁଟୁଳି ଧରି ତା' ବାଇକ୍ ପାଖକୁ ଚାଲିଗଲା। ମୁଁ ବାହାରିଲି ଆଗକୁ। ହଠାତ୍ ମୋ ମନକୁ ଗୋଟେ ଭାବନା ଆସିଲା ଯେ ଦେଢକିଲୋ ପୋଟଳର ପଇସା ମୁଁ ବିରଞ୍ଚିକୁ ଦେଇଦେଲେ ଅସୁବିଧା କ'ଣ ହବ? ମୁଁ ଫେରିପଡି ଡାକିଲି, ବିରଞ୍ଚି ରୁହ ରୁହ ଗୋଟେ ମିନିଟ୍ କହୁ କହୁ ମୁଁ ପହଞ୍ଚିଗଲି ବିରଞ୍ଚିର ବାଇକ୍ ପାଖରେ। ମୁଁ ବିରଞ୍ଚିର ନିକଟତର ହେଉଥିବାବେଳେ ସେ ମତେ କହିଲା, ଭାଇ ପ୍ଲିଜ୍ ଗୋଟେ ମିଟର ଦୂରତାରେ ରୁହନ୍ତୁ। ମତେ ଜମା ଆଶ୍ଚର୍ଯ୍ୟ ଲାଗିଲାନି। ବରଂ ବିରଞ୍ଚିର ସଚେତନ ମନୋଭାବକୁ ମୁଁ ମନେ ମନେ ପ୍ରଶଂସା କଲି। ଆଉ କିଛି ନ କହି ମୁଁ ପକେଟରୁ ପର୍ସ ବାହାର କଲି। ବିରଞ୍ଚି ବୋଧେ ବୁଝିପାରିଲା। ମତେ କହିଲା, ଭାଇ ପରିବାବାଲା ପଇସା ନେଉନି ପରା... ମୁଁ କେମିତି ନେବି? ତା'ପରେ ସାମାନ୍ୟ ହସି ପୁଣି କହିଲା, ଭାଇ ଆମର ବିଚାରଧାରା ହେଲା କୌଣସି ବିପତ୍ତିକୁ ମୁକାବିଲା କରିବାକୁ ଆମେ ଏକାଠି ହେବା ଉଚିତ। ଯଦି ଏମିତି ନ କରିବା ତେବେ ଆମ ପତନ ସୁନିଶ୍ଚିତ। କିନ୍ତୁ ଏବେର ସମୟକୁ ମୁକାବିଲା କରିବା ପାଇଁ ଏଇ ବିଚାରଧାରାକୁ ସଂପୂର୍ଣ୍ଣ ବଦଳେଇବାକୁ ପଡୁଛି। ମାନେ, ଏବେ ଏକତ୍ରିତ ହେଲେ ବିପର୍ଯ୍ୟୟ। ଅଲଗା ଅଲଗା ରହିଲେ ଜୀବନ ନିରାପଦ ଆଉ ଦେଶ ବି ସୁରକ୍ଷିତ। ମୁଁ କହିଲି ନା ନା ଏକତାର ସବୁବେଳେ ଜୟ। ଏବେ ଆମେ ସମସ୍ତେ ମନରେ ଏକ ରହିବା ଜରୁରୀ। ମାନେ, ଏ ବିପର୍ଯ୍ୟୟକୁ ମୁକାବିଲା କରିବାକୁ ଆମେ ସମସ୍ତେ ସଜାଗ ସଚେତନ ହେଲେ, ସମଭାବାପନ୍ନ ହେଲେ କରୋନା ସଂକ୍ରମଣ ବ୍ୟାପିବା ପ୍ରତିହତ ହୋଇପାରିବ। ବିରଞ୍ଚି ତା' ବାଇକ୍ ଷ୍ଟାର୍ଟ ମାରି କହିଲା, ହଁ ହଁ ଏଇଟା ତ ପୂରା ପକ୍କା କଥା ଭାଇ। ମୁଁ କାହିଁକି କେଜାଣି ଅଜାଣତରେ ଚାହିଁଦେଲି ପରିବା ବିକାଳିର ମୁହଁକୁ। ସେ ବି ହସୁ ହସୁ କହିଲା, ଏକତା ନ ଥିଲେ କ'ଣ କିଛି ହୁଏ ଆଜ୍ଞା! ମୁଁ କହିଲି, ବହୁତ ଭଲ, ହେଲେ ମୋ ପର୍ସରେ ଯୋଉ ଦେଢ ଦି' ହଜାର ଟଙ୍କା ଅଛି ତାକୁ ଦେବି ମୁଁ କାହାକୁ? ଆଉ ନବ କିଏ? ଠିକ୍ ଏତିକିବେଳେ ଜଣେ ଭିକାରି ତା' ରସ ଗିନାରେ ପଡିଥିବା ଖୁଚୁରା ପଇସାକୁ ଝଣ ଝଣ କରି କହିଲା, ବାବୁ... ପଇସାଟିଏ ଦିଅ। ମୁଁ ସ୍ତବ୍ଧ ହେଇଯାଇ ଟିକେ ଭାବିଲି- ପରିବାବାଲା, ସାଙ୍ଗସାଥୀ କରୋନା ଭୟରେ ମୋ ପର୍ସରୁ ପଇସା ନବାକୁ ଇଚ୍ଛା କରୁ ନ ଥିବାବେଳେ ନିରୀହ ଭିକାରି ଜଣଙ୍କୁ ସେଥିରୁ କିଛି ପଇସା ଦେବା ଉଚିତ ହେବ ତ? ଆମ ଜୀବନ ଜୀବନ, ତା' ଜୀବନ କ'ଣ ଜୀବନ ନୁହେଁ? କିନ୍ତୁ ପୁଣି ଭାବିଲି, ବିନା ଭିକ ଓ ବିନା ଖାଦ୍ୟରେ ତା' ପରି ଭିକାରିମାନେ ବଞ୍ଚିବେ କେମିତି?

ସ୍ୱାହା, କେନାଲ ରୋଡ୍, ଛତ୍ର ବଜାର, କଟକ,
ମୋ-୯୪୩୭୨୭୪୮୫୭

## ଏଇ ଭାରତରେ

କରୋନା ସଂକ୍ରମଣକୁ ନେଇ ସାରା ଦେଶ ଚିନ୍ତିତ ଥିବାବେଳେ ମହାରାଷ୍ଟ୍ରରେ ଏହା ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। କିନ୍ତୁ ମୁମ୍ବାଇର ଶିଶିର ଜୋଷୀ ସଂକ୍ରମଣ ରୋକିବାକୁ ଘରେ କ୍ୱାରାଣ୍ଟାଇନ୍‌ରେ ଥିବା ଲୋକମାନଙ୍କୁ ତେଜରାତି ଜିନିଷଠାରୁ ଆରମ୍ଭ କରି ଔଷଧ ଆଦି ଯୋଗାଇ ଦେଉଛନ୍ତି। ସଂକ୍ରମଣ ରୋକିବା ଲାଗି ଜିନିଷ ବାବଦରେ ଅର୍ଥ ଅନ୍‌ଲାଇନ ପେମେଣ୍ଟ ଜରିଆରେ ଗ୍ରହଣ କରୁଛନ୍ତି। କିନ୍ତୁ ଡେଲିଭରି ବାବଦରେ ସେ କାହାଠାରୁ ଟଙ୍କାଟିଏ ବି ନେଉନାହାନ୍ତି। ଏଭଳି ସଂକଟମୟ ସମୟରେ ଲୋକମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ସେ ସ୍ୱେଚ୍ଛାସେବୀମାନଙ୍କ ସହ ଆଗକୁ ଆସିଛନ୍ତି ବୋଲି କୁହନ୍ତି ପ୍ରୋଜେକ୍ଟ ମୁମ୍ବାଇ ଏନ୍‌ଜିଓର କାର୍ଯ୍ୟନିର୍ବାହୀ ଶିଶିର। ମୁମ୍ବାଇ କମିଶନରଙ୍କ ଟାସ୍କ ଫୋର୍ସ ଏ କ୍ଷେତ୍ରରେ ଅନେକ ଅଞ୍ଚଳରେ କାର୍ଯ୍ୟ କରୁଥିଲେ ବି ସେମାନଙ୍କ ସହ ମିଶି ଶିଶିର ଓ ତାଙ୍କ ଟିମ୍ ଏହି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିପାରିଛନ୍ତି। କେବଳ କ୍ୱାରାଣ୍ଟାଇନରେ ଥିବା ବ୍ୟକ୍ତି ନୁହନ୍ତି, ଘରେ ଏକୁଟିଆ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ମଧ୍ୟ ଶିଶିରଙ୍କ ଟିମ୍ ରାଶନ ସାମଗ୍ରୀ ସମେତ ଔଷଧ ଯୋଗାଇଦେଉଛନ୍ତି। ଯେଉଁମାନେ ସେଲ୍ଫ କ୍ୱାରାଣ୍ଟାଇନରେ ରହିଛନ୍ତି ସେମାନେ ସେମାନଙ୍କ ଚିଠି ଓ ଷ୍ଟାମ୍ପର ଛବି ହ୍ୱାଟ୍ସଆପ୍‌ରେ ତାଙ୍କ ପାଖକୁ ପଠାଇବା ପରେ ଏହା ଉପରେ ଅନୁଧ୍ୟାନ କରାଯାଇ ଜିନିଷ ଯୋଗାଇ ଦିଆଯାଉଛି। ଔଷଧ ଯୋଗାଇବା ଲାଗି ଶିଶିରଙ୍କୁ ଏକ ଇ-ଫାର୍ମା ରିଟେଲର ସାହାଯ୍ୟ କରିବାକୁ ଆଗେଇ ଆସିଛି। ଶିଶିର ଓ ତାଙ୍କ ଟିମ୍‌ର ଏହି କାର୍ଯ୍ୟକୁ ସବୁଆଡୁ ପ୍ରଶଂସା କରାଯାଉଛି। ଏହି କାର୍ଯ୍ୟରେ ଅଧିକ ସ୍ୱେଚ୍ଛାସେବୀ ତାଙ୍କ ସହ ଯୋଡିହେବା ଲାଗି ସେ ଆଶା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ମାର୍ଚ୍ଚ ୧୯୯୫**

- ଶ୍ରୀଲଙ୍କା ରାଷ୍ଟ୍ରପତି ଚନ୍ଦ୍ରିକା କୁମାର ତୁଙ୍ଗା ୩ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି।
- ବିଶିଷ୍ଟ ବଙ୍ଗଳା ସାହିତ୍ୟିକ ଶକ୍ତି ଚଟ୍ଟୋପାଧ୍ୟାୟଙ୍କ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ସହରର ମେଳା

ମହାଶୟ,

ପ୍ରତିବର୍ଷ ସମ୍ବଲପୁର ତଥା ଅନ୍ୟାନ୍ୟ ସହରରେ ଅନେକ ମେଳାର ଆୟୋଜନ କରାଯାଉଛି ଯଥା- ପଲ୍ଲିଶ୍ରୀମେଳା, ପୁସ୍ତକ ମେଳା, ଲୋକ ମହୋତ୍ସବ, ବାଣିଜ୍ୟମେଳା ଓ ଅନ୍ୟାନ୍ୟ ମହୋତ୍ସବ। ରାଜ୍ୟ ଭିତରୁ ଓ ବାହାରୁ ଅନେକ ବେପାରୀ ଯୋଗଦାନ କରନ୍ତି। ସେମାନଙ୍କୁ ଷ୍ଟଲ ଯୋଗାଇ ଦିଆଯାଏ। ଗୋଟିଏ ସାଧାରଣ ଷ୍ଟଲର ଆକାର ୧୦ ଫୁଟx୧୦ ଫୁଟ ପ୍ରାୟ। ଏହି ଷ୍ଟଲର ଭଡା ବାବଦରେ ଆୟୋଜନକାରୀ ଯେତେ ଟଙ୍କା ନିଅନ୍ତି ତାହା ଅନେକେ ଜାଣି ନ ଥିବେ। ବୁଝାବୁଝି କଲା ପରେ ଜଣାପଡିଲା ବେପାରୀମାନେ ଗୋଟିଏ ଷ୍ଟଲ ପାଇଁ ଦିନକୁ ଏକହଜାର ଟଙ୍କାରୁ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଭଡା ଦିଅନ୍ତି। ବେପାରୀମାନେ ନିଶ୍ଚୟ ଏହି ଟଙ୍କା ଗ୍ରାହକମାନଙ୍କଠାରୁ ଅସୁଲ କରୁଥିବେ। ଏଣୁ ମେଳାମାନଙ୍କରେ ଜିନିଷସବୁ ପ୍ରାୟ ମହଙ୍ଗା। ଏହି ଭଡା ଟଙ୍କା ପାଇଁ ଆୟୋଜକମାନେ କୌଣସି ରସିଦ ଦିଅନ୍ତି ନାହିଁ। ଏଣୁ କେତେ ରୋଜଗାର ହୁଏ ତାହାର କୌଣସି ହିସାବ ନାହିଁ। ଆୟୋଜକମାନଙ୍କ ନାମ, ଠିକଣା ଓ ସେମାନଙ୍କ ଆୟ ଇତ୍ୟାଦି ଲୋକଙ୍କୁ ଜଣାଇବା ଉଚିତ।

ସଦାନନ୍ଦ ଭୋଇ, ବୁଢାରଜା, ସମ୍ବଲପୁର


### ସମ୍ଭାବ୍ୟ ଜଳାଭାବର ଭୟାବହତା


ମାନବ ସମାଜ ପ୍ରାକୃତିକ ପରିବେଶରୁ ସକଳ ପ୍ରକାର ଆବଶ୍ୟକ ପଦାର୍ଥ ସଂଗ୍ରହ କରିପାରୁଛି। କିନ୍ତୁ ଲୋକେ ସରଳ ଜୀବନ ଛାଡ଼ି ସୁଖସମ୍ଭୋଗରେ ଜୀବନ ବିତାଇବା ପାଇଁ ଆବଶ୍ୟକତାଠାରୁ ଅଧିକ ଜିନିଷ ପାଇବା ଲାଗି ପରିବେଶକୁ ଧ୍ୱଂସ କରିଚାଲିଛନ୍ତି। ବର୍ତ୍ତମାନ ଶୁଣିବାକୁ ମିଳିଲାଣି ଯେ ଜଳାଭାବ ଯୋଗୁ ତୃତୀୟ ମହାସମର ହେବ। ସର୍ବତ୍ର କୋଠାବାଡି ଓ ପକ୍କା ରାସ୍ତା ନିର୍ମାଣ ଦ୍ୱାରା ବର୍ଷାଜଳ ମାଟି ଭିତରକୁ ଯାଇ ନ ପାରି ନାଳନର୍ଦ୍ଦମାରେ ବୋହିଯାଉଛି। ତେଣୁ ଭୂଗର୍ଭସ୍ଥ ଜଳସ୍ତର କମିଯାଉଛି। ବର୍ଷାଜଳକୁ ସଞ୍ଚୟ କରି ନ ରଖିଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ।

ଲୋକନାଥ ରଥ, ହିଲପାଟଣା, ବ୍ରହ୍ମପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମଣିପୁର ଯୁବତୀଙ୍କୁ କରୋନା କହି ଛେପ ପକାଇଲେ





**ନୂଆଦିଲ୍ଲୀ, ୨୩।୩:** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କରୋନାକୁ ମହାମାରୀ ଘୋଷଣା କରିଥିବା ବେଳେ ଏ ପର୍ଯ୍ୟନ୍ତ ଏଥିପାଇଁ ଭାକସିନ୍ ବାହାରି ପାରିନାହିଁ। କେବଳ ସଚେତନତା ଓ ସତର୍କତା ମାଧ୍ୟମରେ ହିଁ ଏହାର ସଂକ୍ରମଣକୁ ପ୍ରତିହତ କରିହେବ। ହେଲେ ସଚେତନ ରହିବା ବଦଳରେ କରୋନାକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ଲଜ୍ଜାଜନକ ଘଟଣା ଘଟୁଥିବା ନଜରକୁ ଆସୁଛି। କିଛିଦିନ ତଳେ ନର୍ଥ-ଇଷ୍ଟର ଛାତ୍ରମାନଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏଥିରେ ସେମାନେ କହିଥିଲେ, ଲୋକମାନେ ଆମକୁ ଚିଙ୍କି, ନେପାଳି, ଚାଇନିଜ୍ କହୁଥିବା ବେଳେ ଏବେ କରୋନା ଡାକିବା ଆରମ୍ଭ କଲେଣି। ଆମମାନଙ୍କୁ କରୋନା କହିବା ବନ୍ଦ କରାଯାଉ। ଉକ୍ତ ଭିଡିଓ ପଞ୍ଜାବର ଚୁନ୍ନୀକଲାଂ ଗ୍ରାମରୁ ରେକର୍ଡ କରାଯାଇଥିଲା। ଏହିଭଳି ଆଉ ଏକ ଘଟଣା ଘଟିଛି ରାଜଧାନୀ ଦିଲ୍ଲୀରେ। ମଣିପୁରର ଜଣେ ଯୁବତୀଙ୍କୁ କରୋନା କହି ଛେପ ପକାଇଛନ୍ତି ଜଣେ ବ୍ୟକ୍ତି। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକମାନେ ଏଥିରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଦିଲ୍ଲୀ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଛି। ଟୁଇଟର ୟୁଜର ଅଖୁଚା ଯୁବତୀଙ୍କ ଫଟୋ ଶେୟାର କରି ଲେଖିଛନ୍ତି, ଦିଲ୍ଲୀର ବିଜୟନଗରଠାରେ ଜଣେ ବ୍ୟକ୍ତି ମଣିପୁରର ଜଣେ ଯୁବତୀଙ୍କୁ କରୋନା କହିବା ପରେ ପାନ ଛେପ ପକାଇ ଏକ ଧଳା ସ୍କୁଟିରେ ପଳାଇଥିଲେ। ସିସିଟିଭି ଫୁଟେଜରେ ସ୍କୁଟି ନମ୍ବର ଦେଖାଯାଉଥିବା ବେଳେ ଟୁଇଟର ପୋଷ୍ଟ ଆଧାରରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଛି। ରିପୋର୍ଟ ଲେଖା ହେବା ବେଳକୁ ଅଖୁଚାଙ୍କ ପୋଷ୍ଟକୁ ୩ହଜାରରୁ ଊର୍ଦ୍ଧ୍ୱ ଲାଇକ୍ ମିଳିଥିବା ବେଳେ ୨ ହଜାରରୁ ଅଧିକ ରି-ଟୁଇଟ୍ କରାଯାଇଛି। ଅନେକ ଟୁଇଟର ୟୁଜର ଏହାକୁ ଲଜ୍ଜାଜନକ ଘଟଣା କହିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଚାଇନାରୁ ସୃଷ୍ଟ କରୋନା ଭାଇରସ୍ ସଂକ୍ରମଣ ବିଶ୍ୱର ପ୍ରାୟ ୧୯୩ ଦେଶକୁ ବ୍ୟାପି ସାରିଛି। ଏଥିରେ ୩ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଥିବା ବେଳେ ୧୫ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏଥିପାଇଁ ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ୍ କରାଯାଇଛି।

## କରୋନା ଟେଷ୍ଟ ପାଇଁ ଶସ୍ତା କିଟ୍

**ନୂଆଦିଲ୍ଲୀ, ୨୩।୩**



### ଆଇଆଇଟି ଦିଲ୍ଲୀକୁ ସଫଳତା

ଭାଇରସ୍ ଏବେ ସମଗ୍ର ବିଶ୍ୱରେ କାୟା ମେଲାଇଛି। ଚାଇନା ସତର୍କତା ଓ ସଚେତନାର ସହ ଏହାକୁ ପ୍ରତିହତ କରିବାରେ ଅନେକାଂଶରେ ସଫଳ ହୋଇଥିବାବେଳେ ଅନ୍ୟ ପ୍ରଭାବିତ ଦେଶରେ ଏବେ ବି ସ୍ଥିତି ଗମ୍ଭୀର ରହିଛି। ଏହି ଭୂତାଣୁର ପ୍ରତିଷେଧକ ବାହାର କରିବାକୁ ବିଭିନ୍ନ ଦେଶର ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି। ହେଲେ କରୋନା ଭୂତାଣୁ ଚିହ୍ନଟ ପାଇଁ ହେଉଥିବା ଟେଷ୍ଟର ମୂଲ୍ୟ ଅଧିକ ରହିଛି। ତେଣୁ ସଂକ୍ରମଣକୁ ରୋକିବା ଏବଂ କମ୍ ଟଙ୍କାରେ କିପରି ଏହି ମହାମାରୀ ଭୂତାଣୁର ଚିହ୍ନଟ କରାଯାଇପାରିବ, ସେ ଦିଗରେ ଦିଲ୍ଲୀସ୍ଥିତ ଆଇଆଇଟି(ଇଣ୍ଡିଆନ୍ ଇନ୍ସ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି) ପକ୍ଷରୁ ପ୍ରଚେଷ୍ଟା ଜାରି ରହିଥିଲା। ଏବେ ଏଥିରେ ସଫଳତା ମିଳିଥିବା ଜଣାପଡ଼ିଛି। ସୂଚନା ମୁତାବକ ଆଇଆଇଟି ଟିମ୍ ଏକ ଶସ୍ତା କିଟ୍ ପ୍ରସ୍ତୁତ କରିଛନ୍ତି। ଏହାଦ୍ୱାରା କମ୍ ଖର୍ଚ୍ଚରେ ଏବଂ ଶୀଘ୍ର କୋଭିଡ୍-୧୯କୁ ଚିହ୍ନଟ କରାଯାଇପାରିବ। ଖୁବ୍‌ଶୀଘ୍ର ଏହି କିଟ୍‌ର କ୍ଲିନିକାଲ୍ ଟେଷ୍ଟ ମଧ୍ୟ କରାଯାଇପାରେ। ଏଥିପାଇଁ ଏନ୍‌ଆଇଭି ପୁଣେରେ ମଞ୍ଜୁରୀକୁ ଅପେକ୍ଷା ରହିଛି। ମଞ୍ଜୁରୀ ମିଳିବା ପରେ ଆଇଆଇଟି ଦିଲ୍ଲୀ ପକ୍ଷରୁ ଏହାର ଘୋଷଣା ସମ୍ଭାବନା ରହିଛି। ଉଲ୍ଲେଖଯୋଗ୍ୟ, ଏବେ ସରକାରଙ୍କ ଦ୍ୱାରା କରୋନା ଭାଇରସ୍ ଟେଷ୍ଟ କିଟ୍‌ର ମୂଲ୍ୟ ପ୍ରାୟ ୪୫୦୦ ଟଙ୍କା ରଖାଯାଇଛି। ହେଲେ ଆଇଆଇଟି ଦିଲ୍ଲୀ ଦ୍ୱାରା ତିଆରି ନୂତନ କିଟ୍‌ର ମୂଲ୍ୟ ଏହାଠାରୁ ଯଥେଷ୍ଟ କମ୍ ରହିବ ବୋଲି ଜଣାପଡ଼ିଛି। ନୂତନ କିଟ୍ ତିଆରି କରିଥିବା ଟିମ୍‌ର କହିବା ପ୍ରକାରେ ଏବେ ଉପଲବ୍ଧ ଥିବା କିଟ୍‌ର ମୂଲ୍ୟ ଅଧିକ କାରଣ ସେଥିରେ ଅଧିକ 'ପ୍ରୋବ୍'ର ବ୍ୟବହାର ଅଧିକ ହୋଇଥାଏ। ଏହି ଖର୍ଚ୍ଚ କମାଇବା ପାଇଁ ଆଇଆଇଟି ଦ୍ୱାରା ପ୍ରସ୍ତୁତ କିଟ୍‌ରେ ଏହାର ବହୁତ କମ୍ ବ୍ୟବହାର କରାଯାଉଛି। ନୂତନ କିଟ୍‌ର ଲ୍ୟାବ୍ ଟେଷ୍ଟ ସଫଳତାର ସହ ସରିଛି। ହେଲେ ବଡ଼ସ୍ତରରେ ଏହାର ପ୍ରୟୋଗ କରାଯିବା ବାକି ରହିଛି ବୋଲି କୁହାଯାଇଛି। ଏହି କିଟ୍‌କୁ ଶସ୍ତା ଏବଂ ଦ୍ରୁତ କରିବା ପାଇଁ ରାଇବୋନ୍ୟୁକ୍ଲିକ୍ ଏସିଡ୍(ଆର୍‌ଏନ୍‌ଏ)କୁ ଡିଏନ୍‌ଏରେ ପରିବର୍ତ୍ତିତ କରିବା ପରେ ଇସିଆର୍ ଜରିଆରେ ଭୂତାଣୁ ଚିହ୍ନଟର ଟେକ୍ନୋଲୋଜି ବିକାଶ କରିଛନ୍ତି। ଏହା କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଦେଢ଼ କୋଟି ମୋବାଇଲ୍ ୟୁଜର ଗାଏବ



**ବେଜିଂ, ୨୩।୩:** ଚାଇନାରେ କରୋନା ସଂକ୍ରମଣ ଯୋଗୁ ମୃତ୍ୟୁ ସଂଖ୍ୟା ୩,୨୬୮ ବୋଲି ସରକାରୀ ରିପୋର୍ଟରେ ଦର୍ଶାଯାଇଛି। ତେବେ କେତେକ ତଥ୍ୟ ଅନୁସାରେ ଚାଇନା ସରକାର ମିଛ କହୁଥିବା ଅନୁମାନ କରାଯାଉଛି। ଏନେଇ ଏବେ ଚର୍ଚ୍ଚା ଆରମ୍ଭ ହେଉଛି। ଚାଇନାରେ କରୋନା ସଂକ୍ରମଣ ଆରମ୍ଭ ହେବାଠାରୁ ଇତିମଧ୍ୟରେ କୋଟିଏ ୫୦ଲକ୍ଷ ମୋବାଇଲ୍ ୟୁଜର ହଠାତ୍ ନୀରବ ହୋଇଯାଇଛନ୍ତି। ସେମାନେ ନିୟମିତଭାବେ ନେଟ୍‌ୱାର୍କ ସହିତ ଜଡ଼ିତ ରହିଥିଲେ। କାହିଁକି ସେମାନେ ମୋବାଇଲ ବ୍ୟବହାର ବନ୍ଦ କରିଛନ୍ତି ଏନେଇ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ସେମାନଙ୍କ ପାଖକୁ କଲ୍ କରାଯିବା ପରେ ମଧ୍ୟ କୌଣସି ଉତ୍ତର ନ ମିଳିବା ଅବା ମୋବାଇଲ ନ ଉଠାଯିବାରୁ ସନ୍ଦେହ ବଢ଼ିବାରେ ଲାଗିଛି। ଏସବୁ ୟୁଜରମାନଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ଟେଲିକମ୍ ଅପରେଟରମାନେ ଅନୁମାନ କରୁଛନ୍ତି। ସେହିପରି ରାତିରେ ଉହାନର ବହୁ ଘରେ ଆଲୋକ ନ ଜଳିବା ଘଟଣା ସ୍ଥିତିକୁ ଅଧିକ ରହସ୍ୟମୟ କରି ଗଢ଼ି ତୋଳୁଛି। ଏସବୁ ଘଟଣାକୁ ଅନୁଧ୍ୟାନ କଲେ ଚାଇନା ସରକାର ମୃତକଙ୍କୁ ନେଇ ଦେଇଥିବା ରିପୋର୍ଟ ସତ୍ୟଭଳି ମନେ ହେଉନାହିଁ। ତେବେ ଏନେଇ ବିଭିନ୍ନ ସଂସ୍ଥା ପକ୍ଷରୁ ସତ୍ୟ ଉନ୍ମୋଚନ ପାଇଁ ଉଦ୍ୟମ ଜାରି ରହିଛି।

## ହାତ ଧୁଅନ୍ତୁ, କରୋନାଠୁ ଦୂରେଇ ରୁହନ୍ତୁ

**ୱାଶିଂଟନ, ୨୩।୩:** କରୋନା ଭାଇରସ ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟି ଯାଇଥିବା ବେଳେ କିଛିଦିନ ତଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲୁ.ଏଚ୍.ଓ.)କହିଥିଲା ବାରମ୍ବାର ହାତ ଧୋଇଲେ କରୋନାଠାରୁ ଅନେକାଂଶରେ ଦୂରେଇ ରହିପାରିବା। ମାତ୍ର ହାତ ଧୋଇବା ସମୟରେ କେତେକ ଦିଗ ପ୍ରତି ଧ୍ୟାନ ନ ଦେଲେ ଏହା କରୋନାକୁ ଦୂରେଇବାରେ ଆଦୌ ସହାୟକ ହେବ ନାହିଁ।



ଡବ୍ଲୁ.ଏଚ୍.ଓ. ସୂଚନା ଅନୁଯାୟୀ, ଥଣ୍ଡା ପାଣି ଅପେକ୍ଷା ଉଷୁମ ପାଣିରେ ହାତ ଧୋଇବା ସହ ସାବୁନ ବା ସାନିଟାଇଜର ବ୍ୟବହାର କରିବା ଆବଶ୍ୟକ। ହାତ ଧୋଇବା ବେଳେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଆଙ୍ଗୁଳି ମଝିକୁ ଭଲଭାବେ ଘଷି ଧୋଇବା ଦରକାର। ହାତ ଧୋଇ ସାରିବା ପରେ ଏକ ସଫା ତଉଲିଆରେ ଏହାକୁ ପୋଛିନେବା ଭଲ। ନାକ, ଆଖିରେ ହାତ ମାରିବା, ଛିଙ୍କିବା, କୌଣସି ଅଜଣା ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବା ପରେ ତୁରନ୍ତ ହାତ ଧୋଇବା ଜରୁରୀ। ହାତ ଧୋଇବା ପରେ ସିଧାସଳଖ କବାଟ ଖୋଲିବା ବା କୌଣସି ବସ୍ତୁକୁ ସ୍ପର୍ଶ କରିବା ଠିକ୍ ନୁହେଁ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## କରୋନା ସଂକ୍ରମିତଙ୍କ ଘରେ ପୋଷ୍ଟର ଲଗାଇଲେ ଦିଲ୍ଲୀ ସରକାର

### ଦୂରେଇ ରହିବାକୁ ପରାମର୍ଶ




**ନୂଆଦିଲ୍ଲୀ, ୨୩।୩:** କରୋନା ସଂକ୍ରମଣ ରୋକିବା ଲାଗି ଦିଲ୍ଲୀ ସରକାର ସଂକ୍ରମିତଙ୍କ ଘରେ ପୋଷ୍ଟର ଲଗାଯାଇଛି। ଅନ୍ୟ ଲୋକଙ୍କୁ ଏଭଳି ଘରଠାରୁ ଦୂରେଇ ରହିବା ପାଇଁ ପୋଷ୍ଟରରେ ପରାମର୍ଶ ଦିଆଯାଇଛି। ନିର୍ଦ୍ଦେଶ ଅନୁସାରେ ଜିଲ୍ଲା ପ୍ରଶାସନ ଏବଂ ଦିଲ୍ଲୀ ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ପୋଷ୍ଟରରେ ପରିବାର ସଦସ୍ୟ ସଂଖ୍ୟା ଏବଂ କ୍ୱାରାଣ୍ଟାଇନ୍ ସମୟ ସୀମା ଉଲ୍ଲେଖ କରାଯାଇଛି। ପୋଷ୍ଟରରେ ଘର ମାଲିକଙ୍କ ନାମ ଓ ଠିକଣା ଲେଖାଯାଇଛି। ଗତ ୩ ଦିନ ମଧ୍ୟରେ ଦିଲ୍ଲୀରେ ସଂକ୍ରମିତଙ୍କ ସଂଖ୍ୟା ୫୦ ପ୍ରତିଶତ ବୃଦ୍ଧି ପାଇଥିବାରୁ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଉଛି। ରବିବାର ଉତ୍ତର ପଶ୍ଚିମ ଦିଲ୍ଲୀର ଅଶୋକ ବିହାର ଅଞ୍ଚଳରେ କିଛି ଘର ଆଗରେ ଏଭଳି ପୋଷ୍ଟର ଲଗାଯାଇଛି। ବର୍ତ୍ତମାନ ସୁଦ୍ଧା ୧୧ ହଜାର ଘରକୁ ଏଭଳି କ୍ୱାରାଣ୍ଟାଇନ୍ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଏନେଇ ଭୟଭୀତ ହେବାର କୌଣସି କାରଣ ନାହିଁ। ସମ୍ପୃକ୍ତ ଘରର ସଦସ୍ୟମାନଙ୍କୁ ୧୫ ଦିନ ପାଇଁ କ୍ୱାରାଣ୍ଟାଇନ୍ କରାଯାଇଛି। ଏହା ପରେ ସେମାନେ ସ୍ୱାଭାବିକ ଭାବେ ଅନ୍ୟମାନଙ୍କ ସହିତ ମିଳାମିଶା କରିପାରିବେ।

## ଖୋଲାରେ ଛିଙ୍କିଲେ ବାୟୁମଣ୍ଡଳରେ ମିଶିଥାଏ ୩ ହଜାର କ୍ଷୁଦ୍ର ଜଳକଣିକା

**ୱାଶିଂଟନ, ୨୩।୩:** କରୋନା ମହାମାରୀ ବେଲଗାମ୍ ହେବାରେ ଲାଗିଛି। ଇତିମଧ୍ୟରେ ମୃତ୍ୟୁ ସଂଖ୍ୟା ୧୪ ହଜାର ଟପିଛି। କରୋନା ଭୂତାଣୁ ସଂକ୍ରମଣଠାରୁ ଦୂରେଇ ରହିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ( ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି ହୋଇଛି। ଛିଙ୍କିବା ସମୟରେ ହାତଦେବା ଆବଶ୍ୟକ। କାରଣ ଜଣେ ଛିଙ୍କିବା ସମୟରେ ତାଙ୍କଠାରୁ ୩,୦୦୦ରୁ ଅଧିକ କ୍ଷୁଦ୍ର ଜଳକଣିକା ବାୟୁମଣ୍ଡଳରେ ମିଶିଥାଏ। ଏହା ଭାସି ଭାସି ପ୍ରାୟ ୬ ମିଟର ପର୍ଯ୍ୟନ୍ତ ଦୂରତା ଅତିକ୍ରମ କରିପାରେ। ଯଦି କରୋନା ସଂକ୍ରମିତ ଏଭଳି କରନ୍ତି ତେବେ ତାଙ୍କ ନିକଟରେ ଥିବା ବ୍ୟକ୍ତିବିଶେଷ ଅବା ଜିନିଷ ପତ୍ରରେ ଛିଙ୍କରେ ବାହାରିଥିବା କ୍ଷୁଦ୍ର ଜଳକଣିକା ଲାଗିରୁହେ। ପରବର୍ତ୍ତୀ ସମୟରେ ଏହାଦ୍ୱାରା ସଂକ୍ରମଣର ଆଶଙ୍କା ରହିଥାଏ। କିନ୍ତୁ ମୁହଁରେ ହାତଦେଇ କିମ୍ବା ରୁମାଲ ରଖି ଛିଙ୍କିଲେ ସଂକ୍ରମଣ ହେବା ଆଶଙ୍କା ଦୂରହୋଇପାରେ ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକାରେ ପ୍ରକାଶ ପାଇଛି।

## କରୋନା ସଂକ୍ରମିତଙ୍କ ଆଣ୍ଟିବଡିରୁ ଜାପାନ ପ୍ରସ୍ତୁତ କଲା ଟିଏକେ-୮୮୮ ଔଷଧ

**ଟୋକିଓ, ୨୩।୩:** କରୋନା ସଂକ୍ରମଣ ଯୋଗୁ ସାରା ଦୁନିଆରେ ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି। ଏହାକୁ କିପରି ରୋକାଯିବ ସେ ନେଇ ଆମେରିକା ଏବଂ ଚାଇନା ଗବେଷଣା ଜାରି ରଖିଛନ୍ତି। ଆମେରିକା ପ୍ରତିଷେଧକ ଟିକା ପ୍ରସ୍ତୁତି ନେଇ ଉଦ୍ୟମ ଅବ୍ୟାହତ ରଖିଛି। ସେହିପରି ଚାଇନା ଗତ ଫେବୃୟାରୀଠାରୁ ଏନେଇ ନାନା ପରୀକ୍ଷା କରୁଛି। ଏପରିସ୍ଥଳେ ସୁସ୍ଥ ହୋଇଥିବା କରୋନା ସଂକ୍ରମିତଙ୍କ ଆଣ୍ଟିବଡିରୁ ଔଷଧ ପ୍ରସ୍ତୁତ କରିବା ଲାଗି ଜାପାନ ଅଣ୍ଟା ଭିଡ଼ିଛି। ଏହାର ନାମ ଟିଏକେ-୮୮୮ ରଖାଯାଇଛି। ଏହା ଅନ୍ୟ ସଂକ୍ରମିତଙ୍କୁ ସୁସ୍ଥ କରିବାରେ ବେଶ୍ ସହାୟକ ହେବ ବୋଲି ଔଷଧ କମ୍ପାନୀ ଟାକେଡା ଫାର୍ମା ପକ୍ଷରୁ ସୂଚନା ଦିଆଯାଇଛି। ସୁସ୍ଥ ହୋଇଥିବା ସଂକ୍ରମିତଙ୍କ ସିରମ୍ ଅର୍ଥାତ୍ ବ୍ଲଡ୍ ପ୍ଲାଜ୍‌ମାରୁ ଆଣ୍ଟିବଡି ସଂଗ୍ରହ କରାଯାଇ ଏହି ଔଷଧ ପ୍ରସ୍ତୁତ ହୋଇଛି। ଇତିମଧ୍ୟରେ କମ୍ପାନୀ ପକ୍ଷରୁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା ଔଷଧ ପ୍ରସ୍ତୁତି ଶେଷ ହୋଇଛି। ଏହାକୁ ଇଣ୍ଟ୍ରାଭେନସ ହିମୋଗ୍ଲୋବିନ୍ ଭାବେ ନାମିତ କରାଯାଇଛି। ଏହାର ପ୍ରସ୍ତୁତିରେ ମଧ୍ୟ ସୁସ୍ଥ ଲୋକଙ୍କ ଆଣ୍ଟିବଡିର ବ୍ୟବହାର କରାଯାଇଥିବା କମ୍ପାନୀ କହିଛି।

## ଋତୁ ପରିବର୍ତ୍ତନରେ ବଦଳିବନି ସଂକ୍ରମଣ

**ୱାଶିଂଟନ, ୨୩।୩:** କରୋନା ମହାମାରୀ ଯୋଗୁ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ତେବେ ଏହା କିପରି ବ୍ୟାପୁଛି ସେ ନେଇ ବହୁ ଗୁଜବ ମଧ୍ୟ ଶୁଣାଯାଉଛି। କେହି କେହି କରୋନା ଭୂତାଣୁ ଖରାଦିନ ଆସିଲେ ବାୟୁମଣ୍ଡଳର ଉତ୍ତାପରେ ନଷ୍ଟ ହୋଇଯିବ ବୋଲି କହୁଛନ୍ତି। ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏଭଳି ଯୁକ୍ତିକୁ ମିଥ୍ୟା ବୋଲି କୁହାଯାଇଛି। ଏପର୍ଯ୍ୟନ୍ତ



କରୋନା ଭୂତାଣୁ ନେଇ ଠିକ୍ ଭାବେ କୌଣସି ତଥ୍ୟ ସଂଗୃହୀତ ହୋଇନାହିଁ। ତେବେ ଏଭଳି ଭୂତାଣୁ ପ୍ରାୟତଃ ୬୦ରୁ ୭୦ ଡିଗ୍ରୀ ତାପମାତ୍ରାରେ ନଷ୍ଟ ହୋଯାଇଥାନ୍ତି। କିନ୍ତୁ ପୃଥିବୀର କୌଣସି ସ୍ଥାନରେ ଏଭଳି ତାପମାତ୍ରା ଅନୁଭୂତ ହୁଏନାହିଁ। ସେହିପରି ଗରମପାଣି ପିଇବା ସହ ଉଷୁମପାଣିରେ ଗାଧୋଇବା ଏବଂ ଘରର ତାପମାତ୍ରାକୁ ଅପେକ୍ଷାକୃତ ଗରମ ରଖିବା ଉପରେ କେତେକେ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଏହାଦ୍ୱାରା କରୋନା ଭୂତାଣୁ ସଂକ୍ରମଣ ଯେ ନ ହେବ ତାହା କହିବା ଠିକ୍ ହେବ ନାହିଁ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି।

DSPL-322

ଓଡ଼ିଶା ଶାସନ

# ବିଶ୍ୱ ଯକ୍ଷ୍ମା ଦିବସ

୨୪ ମାର୍ଚ୍ଚ, ୨୦୨୦

ଡଟ୍‌ସ
ସମ୍ପୂର୍ଣ୍ଣ କୋର୍ସ । ସୁନିଶ୍ଚିତ ଆରୋଗ୍ୟ

"ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଏହା ହିଁ ହେଉଛି ସଠିକ୍ ସମୟ"

- ବିନାମୂଲ୍ୟରେ ଅତ୍ୟାଧୁନିକ CBNAAT ଯନ୍ତ୍ର ଦ୍ୱାରା ୨ଘଣ୍ଟାରେ ଯକ୍ଷ୍ମାରୋଗୀଙ୍କର ଚିହ୍ନଟ ବ୍ୟବସ୍ଥା କରାଯାଇଛି ।
- ଚିକିତ୍ସା ଅବଧିକାଳରେ ପ୍ରତ୍ୟେକ ଯକ୍ଷ୍ମା ରୋଗୀଙ୍କ ପାଇଁ ବିନାମୂଲ୍ୟରେ ପୋଷଣ ବ୍ୟବସ୍ଥା କରଯାଇଛି ।
- ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯକ୍ଷ୍ମା ଚିକିତ୍ସାପାଇଁ ଆର୍ଥିକ ସହାୟତାର ବ୍ୟବସ୍ଥା କରାଯାଇଛି ।
- ଯକ୍ଷ୍ମା ରୋଗୀଙ୍କର ସଅଳ ଚିହ୍ନଟ ପାଇଁ ପ୍ରତ୍ୟକ୍ଷ ସର୍ବେକ୍ଷଣ ସଙ୍ଗେସଙ୍ଗେ ଚିକିତ୍ସା ଚାଲୁ ରହିଛି ।
- ସାଧାରଣ ଯକ୍ଷ୍ମା ସଙ୍ଗେ ସଙ୍ଗେ ଔଷଧ ପ୍ରତିରୋଧୀ ଯକ୍ଷ୍ମା ଓ ଏଚ.ଆଇ.ଭି. ସଂକ୍ରମଣର ଚିହ୍ନଟ ଓ ଚିକିତ୍ସା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।
- ଦୈନିକ ଡଟ୍‌ସ ପଦ୍ଧତିରେ ସମ୍ପୂର୍ଣ୍ଣ ଚିକିତ୍ସା ବିନାମୂଲ୍ୟରେ ଉପଲବ୍ଧ ।

ଆସନ୍ତୁ, ସମସ୍ତେ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ସାମିଲ୍ ହୋଇ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମାମୁକ୍ତ ଓଡିଶା ଗଠନ ପାଇଁ ସଂକଳ୍ପ ନେବା ।

ଭାରତ ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସମସ୍ତ ସରକାରୀ / ବେସରକାରୀ ବ୍ୟକ୍ତି, ସଂସ୍ଥା ତଥା ପାଥୋଲୋଜି ଲାବୋରୋଟାରୀ ଦ୍ୱାରା ଚିହ୍ନିତ କିମ୍ବା ଚିକିତ୍ସିତ ହେଉଥିବା ଯକ୍ଷ୍ମାରୋଗୀଙ୍କ ସମ୍ବନ୍ଧରେ ସବିଶେଷ ବିବରଣୀ ସଂପୃକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ/ଜିଲ୍ଲା ଯକ୍ଷ୍ମାଧିକାରୀଙ୍କୁ ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ ।

OIPR- 10003/13/0125/1920

facebook.com/HFWOdisha http:www.health.odisha.gov.in @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

## ମୃତକଙ୍କୁ ଦେଖିବା ପାଇଁ ଭୟ କରୁଛନ୍ତି ପରିବାର ଲୋକ

**ରୋମ, ୨୩।୩**



କରୋନା ଭାଇରସ। ଏତିକି ଶୁଣିଲେ ସମସ୍ତଙ୍କ ମନରେ ଉଙ୍କି ମାରୁଛି ଭୟ। କାରଣ ଏବେ କରୋନା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟି ଯାଇଛି। ଚାଇନାରୁ ଆରମ୍ଭ ହୋଇଥିବା ଏହି କରୋନା ଭାଇରସ ଏବେ ସାରା ବିଶ୍ୱରେ ୧୪ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇ ସାରିଲାଣି। ଏତିକିରେ ବି ଥମି ନାହିଁ କରୋନା। ଏହାର କୌଣସି ଠିକ୍ ଔଷଧ ନ ଥିବାରୁ ଚିକିତ୍ସକଙ୍କ ପାଇଁ ଏବେ ଏହା ଚ୍ୟାଲେଞ୍ଜ ହୋଇଯାଇଛି। ଚାଇନାରେ କରୋନାରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ଏବେ ଏହାର ରେକର୍ଡ ଭାଙ୍ଗିଛି ଇଟାଲି। ଇଟାଲିରେ ଏବେସୁଦ୍ଧା ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ଏଥିଯୋଗୁ ମୃତ୍ୟୁ ହୋଇଥିବା ଜଣାପଡିଛି। ଯାହା ଏବେ ଇଟାଲି ସରକାରଙ୍କୁ ଚିନ୍ତାରେ ପକାଇଛି। ଅପରପକ୍ଷେ ଏହି ମୃତକଙ୍କର ଶେଷ ସଂସ୍କାର ବି ଇଟାଲି ସରକାରଙ୍କ ପାଇଁ ଆଉ ଏକ ସମସ୍ୟା ହୋଇ ଠିଆ ହୋଇଛି। ଇଟାଲିରେ ବ୍ୟବଚ୍ଛେଦ ଗୃହରେ ପଡିରହିଥିବା ମୃତଦେହଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରାଯାଇ ସଂସ୍କାର କରାଯିବା ପରେ ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇ ଦିଆଯାଉଛି। ଏସବୁ ସଂସ୍କାର ନିର୍ଦ୍ଦିଷ୍ଟ କେତେକ ସଂସ୍ଥା ଦ୍ୱାରା କରାଯାଉଛି। ମାର୍ଚ୍ଚ ୮ରୁ ଇଟାଲିରେ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାରୁ କରୋନାରେ ଯେଉଁମାନଙ୍କ ମୃତ୍ୟୁ ହେଉଛି ସେମାନଙ୍କୁ ବଡି ବ୍ୟାଗ୍‌ରେ ଭର୍ତ୍ତି କରାଯାଇ ହସ୍ପିଟାଲରୁ ତୁରନ୍ତ ସଂସ୍କାର ସ୍ଥଳକୁ ପଠାଇ ଦିଆଯାଉଛି। ସେହିପରି ଅଲ୍ ଜଜିରାର ଏକ ରିପୋର୍ଟ ଅନୁଯାୟୀ ଅଧିକାଂଶ ସ୍ଥାନରେ ଲୋକେ ମୃତକଙ୍କ ସଂସ୍କାର ପାଇଁ ଭୟ କରୁଥିବାରୁ ଯେଉଁ ସଂସ୍ଥା ସଂସ୍କାର କରୁଛି ସେ ଭିଡିଓ କଲ୍ ମାଧ୍ୟମରେ ମୃତକଙ୍କ ପରିବାରକୁ ଶେଷ ଦର୍ଶନ କରାଇ ସଂସ୍କାର କାମ ଶେଷ କରୁଥିବା ସୂଚିତ କରାଯାଇଛି। ସେନା ସହାୟତାରେ ମୃତକଙ୍କର ସଂସ୍କାର କରାଯାଉଛି। ଆୟର୍ଲ୍ୟାଣ୍ଡରେ କରୋନା ମୃତକଙ୍କ ସଂସ୍କାର ପାଇଁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ସେଠାରେ ମୃତକଙ୍କ ଶରୀରକୁ ଛୁଇଁବା, ଆଲିଙ୍ଗନ କରିବା, ଚୁମ୍ବନ ଦେବା ଏମିତିକି ବିନା ବଡି ବ୍ୟାଗ୍‌ରେ ଦେଖିବାକୁ ବାରଣ କରାଯାଇଛି। ଏହାକୁ ଦେଖି କରୋନା ମୃତକଙ୍କ ପରିବାର ସେମାନଙ୍କ ପ୍ରିୟଜନଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବାକୁ ଭୟ କରୁଛନ୍ତି ବୋଲି କୁହାଯାଉଛି।

# ବିନା ପାସ୍‌ରେ ଗଡ଼ିବନି ଗାଡ଼ି

**ଭୁବନେଶ୍ୱର, ୨୩।୩ (ବ୍ୟୁରୋ)**

ଜନତା କର୍ଫ୍ୟୁର ଗୋଟିଏ ଦିନ ପରେ ରାଜଧାନୀର ରାଜପଥରେ ଅନେକ ଯାନବାହନର ଭିଡ଼ ଦେଖିବାକୁ ମିଳିଥିଲା। ଯାଞ୍ଚ ସମୟରେ ପୋଲିସ ପାଇଁ ଏହା ସମସ୍ୟା ସୃଷ୍ଟି ହୋଇଥିଲା। ଏପରିକି ଭୁବନେଶ୍ୱରରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ଅନେକ ଦପ୍ତର ରହିଛି। ଏହା ବ୍ୟତୀତ ୬ଶହ ବ୍ୟାଙ୍କର ବ୍ରାଞ୍ଚ ମଧ୍ୟ ରହିଛି। ଲକ୍‌ଡାଉନର ଦ୍ୱିତୀୟ ଦିନରେ ସମସ୍ତ କର୍ମଚାରୀଙ୍କୁ ଯାଞ୍ଚ କରି ଛାଡ଼ିବାରେ ବିଭିନ୍ନ ସମସ୍ୟା ଉପୁଜିଥିଲା। ଏହାକୁ ଦୃଷ୍ଟିରେ ରଖି ଘରୋଇ ଗାଡ଼ି ଚଳାଚଳ ଉପରେ ପୋଲିସ କଟକଣା ଲଗାଇଛି। ଏଣିକି ଗାଡ଼ି ଯାତାୟାତ ପାଇଁ ଥାନାରୁ ଆଣିବାକୁ ପଡ଼ିବ ପାସ୍। ଯେଉଁମାନଙ୍କୁ ଯିବାର ନିହାତି ଆବଶ୍ୟକ ସେମାନଙ୍କୁ ପାସ୍ ଦିଆଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ପାସ୍ ଆବେଦନ କରୁଥିବା ବ୍ୟକ୍ତି ନିଜର ପରିଚୟ ପତ୍ର ସହ କେଉଁଠୁ କେଉଁଯାଏ ଏବଂ କେଉଁ ଗାଡ଼ିରେ ଯିବେ ତାହା ଉଲ୍ଲେଖ କରିବେ। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ପାସ୍ ଥାନାରୁ ଆଣିବା ପାଇଁ ନିୟମ ଜାରି କରାଯାଇଛି। ନିୟମ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ନିଜର ସୁରକ୍ଷା ଓ ସମାଜର ସୁରକ୍ଷା ପାଇଁ ଦାୟିତ୍ୱବାନ ହେବାକୁ କହିଛନ୍ତି ପୋଲିସ କମିଶନର।

### ଘରୋଇ ଗାଡ଼ି ଚଳାଚଳ ଉପରେ ଲଗାମ

## ପାସ୍ ପାଇଁ ଥାନାରେ ଅସମ୍ଭାଳ ଭିଡ଼



ପୋଲିସ କମିଶନର ପାସ୍ ପାଇଁ ନିର୍ଦ୍ଦେଶ ଦେବା ପରେ ଥାନାରେ ପାସ୍ ନେବା ପାଇଁ ଲୋକଙ୍କ ମଧ୍ୟରେ ଭିଡ଼ ଦେଖିବାକୁ ମିଳିଛି। ଏକାଧିକ ଲୋକ ପାସ୍ ପାଇବା ପାଇଁ ଥାନା ଆଗରେ ଧାଡ଼ିରେ ରହୁଥିବା ଦେଖିବାକୁ ମିଳୁଛି। କେଉଁ କାରଣ ପାଇଁ ପାସ୍ ନେବେ, କେଉଁଠାରୁ କେଉଁଠିକୁ ଯିବେ ତାହା ପଚାରି ପଚାରି ଥାନା ଅଧିକାରୀ ନୟାନ୍ତ ହୋଇପଡୁଛନ୍ତି। ବିଭିନ୍ନ ଥାନରେ କାର୍ଯ୍ୟରତ ଡିସିଓଙ୍କ ଚାରିପଟେ ଲୋକେ ଘେରିଯାଉଥିବାର ଦୃଶ୍ୟ ଦେଖବାକୁ ମିଳିଥିଲା। ଯାହାକି ଲୋକଙ୍କ ସଚେତନତାକୁ ନେଇ ପ୍ରଶ୍ନ ଉଠିଥିଲା। ତୁରନ୍ତ ପାସ୍ ପ୍ରଦାନ କରିବାକୁ ଅନେକ ପୋଲିସ ସହ ଯୁକ୍ତି ତର୍କ କରିବାକୁ ପଛାଉନଥିଲେ। ସନ୍ଧ୍ୟାସୁଦ୍ଧା ମଞ୍ଚେଶ୍ୱର, ଖଣ୍ଡଗିରି, ନୟାପଲ୍ଲୀ ପରି ଅନେକ ଥାନାରେ ପାସ୍ ସରିଯାଇଥିବା ସହ ଯାଞ୍ଚ ପରେ ଲୋକଙ୍କୁ ପାସ୍ ମଙ୍ଗଳବାର ଦିଆଯିବ ବୋଲି ପରାମର୍ଶ ଦିଆଯାଇଥିଲା। ଆବଶ୍ୟକତା ନ ଥାଇ ଥାନାରେ ଗହଳି କରୁଥିବା ଲୋକଙ୍କୁ ପୋଲିସ ବୁଝାସୁଝା କରି ପଠାଇଥିଲା। ମାତ୍ର ଏବେ ଗଣମାଧ୍ୟମକୁ ପାସ୍ ଦେବାକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟକରୁଥିବା ଏକାଧିକ କର୍ମଚାରୀଙ୍କୁ କିଭଳି ପାସ୍ ଦେବ ତାହାକୁ ନେଇ ପୋଲିସ ଚିନ୍ତାରେ ପଡ଼ିଛି। କାରଣ ଏତେ ଗୁଡ଼ିକ ପାସ୍ ଦେବାରେ ସମସ୍ୟା ସୃଷ୍ଟିହେବ। ତେଣୁ ଯେଉଁମାନେ ଅଫିସ ଯାଉଛନ୍ତି ସେମାନେ ଆଇକାର୍ଡ ଦେଖାଇ ଯାତାୟାତ କରିପାରିବେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ୪ ମୃତ, ୫ ଗୁରୁତର

**ବାଲେଶ୍ୱର ଅଫିସ, ୨୩।୩:** ପଶ୍ଚିମବଙ୍ଗକୁ ଯାଇଥିବା ବାଲେଶ୍ୱର ଜିଲା ଖଇରା ଓ ସିମୁଳିଆ ଅଞ୍ଚଳର ୧୦ଜଣ ଲୋକ ଜାଇଲୋ କାର୍‌ରେ ୬୦ନଂ. ଜାତୀୟ ରାଜପଥରେ ଫେରୁଥିବାବେଳେ ଏକ ଟ୍ରକ ଧକ୍କା ଦେବାରୁ ୪ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୫ଜଣ ଗୁରୁତର ଆହତ ହୋଇଛନ୍ତି। ସୋମବାର ପୂର୍ବାହ୍ନ ୧୧ଟାରେ ପଶ୍ଚିମବଙ୍ଗ ଦାନ୍ତୁନ ଥାନା ଅନ୍ତର୍ଗତ ନେକୁରସୁନି ନିକଟରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଆହତମାନଙ୍କୁ ସ୍ଥାନୀୟ ବେଲ୍‌ଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦାନ୍ତୁନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଜାଇଲୋ ଡ୍ରାଇଭରଙ୍କ ପତ୍ତା ମିଳୁ ନ ଥିବାବେଳେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି। ପ୍ରାଥମିକ ତଦନ୍ତରୁ ମିଳିଥିବା ସୂଚନା ଅନୁଯାୟୀ, ମୃତାହତ ଲୋକମାନେ କୋଲକାତାକୁ ଏକ ରୋଷେଇ କାର୍ଯ୍ୟ କରିବାକୁ ଯାଇ ଜାଇଲୋ ଗାଡ଼ିରେ ଫେରୁଥିଲେ। ସେଥିରେ ଡ୍ରାଇଭରଙ୍କ ସମେତ ୧୦ଜଣ ଥିଲେ। ଜାତୀୟ ରାଜପଥରେ ନେକୁରସୁନି ନିକଟରେ ଏକ ଟ୍ରକ୍ ଏହି ଗାଡ଼ିକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୪ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ସମେତ ଆହତମାନଙ୍କୁ ଉଦ୍ଧାର କରି ବେଲ୍‌ଦା ଡାକ୍ତରଖାନା ପଠାଯାଇଥିବା ଜାଣିବାପରେ ସେମାନଙ୍କ ପରିବାରର ସଦସ୍ୟମାନେ ସେଠାକୁ ଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଅଧିକ ସୂଚନା ମିଳିପାରିନାହିଁ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଳି ଠକ ଠକ ଭଜନ ଟାଣ**
**ବଡ଼ ଭୋକ କଲା ବେଇଗି ଆଣ ।**

ନାମକୁ ମାତ୍ର ଈଶ୍ୱର ଆରାଧନା ଅଥଚ ମନ ଯାଇ ଖାଦ୍ୟ ପାଖରେ। ଭକ୍ତିମାର୍ଗରେ ଚାଲୁଥିବା ବ୍ୟକ୍ତିଙ୍କ ପକ୍ଷରେ କୌଣସି ପ୍ରକାରର କାମନା, ବାସନା, ଲାଳସା ଗ୍ରହଣୀୟ ହୋଇ ନ ଥାଏ। ଖାଦ୍ୟଲୋଭୀ ବ୍ୟକ୍ତିଙ୍କ ଲୋକଦେଖାଣିଆ ଭକ୍ତିଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମହାଦେବଙ୍କର ଖାଏ**
**ସହଦେବଙ୍କର ଗାଏ ।**

ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥପୂରଣ ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି। ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ୍ୟ ପର କରି ଦେଇପାରନ୍ତି। ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେ ପଶ୍ଚାତ୍‌ପଦ ହୋଇ ନ ଥାନ୍ତି। ଜଣଙ୍କର ଖାଇ ଅନ୍ୟଜଣଙ୍କର ଗୁଣଗାନ କରିବା ବେଇମାନି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଏମ୍‌ଏଲ୍‌ଏ ଲ୍ୟାଡ୍ ଫଣ୍ଡରେ ସାମିଲ ହେଲା କରୋନା ପ୍ରତିକାର ପ୍ରକଳ୍ପ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ):** କରୋନାର ଭୟାବହତାକୁ ଦେଖି ଏମ୍‌ଏଲ୍‌ଏ ଲ୍ୟାଡ ଫଣ୍ଡରେ କରୋନା ପ୍ରତିକାର ପ୍ରକଳ୍ପକୁ ସାମିଲ କରାଯାଇଛି। କୋଭିଡ-୧୯ର ପ୍ରତିକାର ପାଇଁ ଆବଶ୍ୟକ କର୍ମଚାରୀ, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଆବଶ୍ୟକ ଉପକରଣ, ପାଇଖାନା, ରୋଗୀଙ୍କୁ ନେବା ଲାଗି ଆମ୍ବୁଲାନ୍ସ, ଅଧିଗ୍ରହଣ, ଖାଦ୍ୟ, ପାନୀୟ ଜଳ, ସଫେଇ, ଜଗୁଆଳି ନିଯୁକ୍ତି, ଆଇସୋଲେଶନ ସେଣ୍ଟର ଆଦି ପ୍ରକଳ୍ପକୁ ସାମିଲ କରାଯାଇଛି। ଜିଲାପାଳ ସ୍ଥାନୀୟ ବିଧାୟକଙ୍କ ସହିତ ଆଲୋଚନା କରି ଏଥିପାଇଁ ଆବଶ୍ୟକ ଅର୍ଥ ବରାଦ କରିପାରିବେ। ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏ ନେଇ ସୋମବାର ଜିଲାପାଳମାନଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି।

## ଗଞ୍ଜାମ ଫେରିଲେ ୩୯୫୦ ଦାଦନ

**ରେଳଷ୍ଟେଶନରେ ପଞ୍ଜୀକରଣ**



**ବ୍ରହ୍ମପୁର ଅଫିସ, ୨୩।୩**

କରୋନା ସଂକ୍ରମଣ ମହାମାରୀର ପ୍ରକୋପ ଏବେ ଭାରତ ଉପରେ ବଢ଼ିବାରେ ଲାଗିଛି। ସମସ୍ତ ରୁଟରେ ଟ୍ରେନ ଚଳାଚଳ ସୋମବାରରୁ ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିଲେ। ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଦାଦନ ଖଟିବା ପାଇଁ ବାହାର ରାଜ୍ୟରେ ରହୁଥିଲେ। ଶନିବାରରୁ ସେମାନେ ଟ୍ରେନରେ ବ୍ରହ୍ମପୁର ଯାତ୍ରା କରି ରବିବାର ବିଳମ୍ବିତ ରାତିରେ ବ୍ରହ୍ମପୁର ଷ୍ଟେଶନରେ ପହଞ୍ଚିଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ଅନ୍ୟ ଅଧିକାରୀ ଓ ୮ ଡାକ୍ତରୀ ଦଳ ବ୍ରହ୍ମପୁର ରେଳଷ୍ଟେଶନରେ ଟ୍ରେନଗୁଡ଼ିକୁ ଅପେକ୍ଷା କରିଥିଲେ। ରବିବାର ରାତି ପ୍ରାୟ ସାଢ଼େ ଗୋଟାଏ ବେଳେ ବିଭିନ୍ନ ଟ୍ରେନ୍‌ରେ ଆସିଥିବା ୩୯୫୦ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ନାମ ପଞ୍ଜୀକରଣ କରାଯାଇଥିଲା। ସୋମବାର ସେମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ଘରକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

**NOTIFIED AREA COUNCIL, PURUSHOTTAMPUR (GM.)**
Email ID: purushottampurnac@gmail.com, Ph. No. 06811-275333
Letter No. 434/NAC Dated: 23.03.2020
**CORRIGENDUM**
Tender Reference No. PUR-NAC-05/2019-20
In view of endemic situation on nCOVID-19 spread throughout the Country and Luck down declared by the Odisha Govt. from 22nd March, 2020 to 29th March, 2020, the e-Procurement Notice published on 16th March, 2020 with reference to this office L. No.: 409/NAC, Dated: 15.03.2020, published in Odia Newspaper SAMAJ, DHARITRI & PRAGATIBADI for inviting of e-tender website of the Govt. for this NAC is hereby cancelled.
*Sd/- Executive Officer, N.A.C., Purushottampur (Gm.)*

## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଅଧିସୂଚନା**

**No. RDM-LAA-MBJ-0036-2019/24231 R&DM, Dated 17.08.2019**

**No. XXI-95:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲର ବାଘବସା ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ମସରଢ଼ା, ଥାନା- ବେତନଟୀ ନଂ.୯୯, ତହସିଲ-ମୋରଡ଼ା, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ ଏ.୧୧.୨୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:-**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲର ବାଘବସା ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ-ଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ମୋରଡ଼ା | ମସରଢ଼ା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୫୯.୫୪ | ଏ.୧୧.୨୩ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏକର ୦.୩୮ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.-୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./- ଅତିରିକ୍ତ ଶାସନ ସଚିବ**

**ଭୂମି ଅନୁସୂଚୀ**

ଭୂ-ଅର୍ଜନ ମାମଲା ସଂଖ୍ୟା- ୬୮/୨୦୧୮/ଏ.୧୧.୨୩ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ବାଘବସା ମାଇନର ନିମନ୍ତେ ମୌଜା- ମସରଦା, ଥାନା- ବେତନଟୀ, ନଂ.୯୯, ତହସିଲ- ମୋରଡ଼ା, ଜିଲ୍ଲା- ମୟୂରଭଞ୍ଜ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୱାଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୬ | ୧୩୮ | ୧.୦୭ | ୦.୦୩ | ଶାରଦ ଦୁଇ | କନ୍ଦର୍ପ ମାଝୀ, ଖାପଟା ମାଝୀ, ପି: ସାଧୁ ମାଝୀ, ଲକ୍ଷ୍ମୀଧର ମାଝୀ, ପି: ସୁବଳ ମାଝୀ, ଜାଗେନ ମାଝୀ, ଲକ୍ଷ୍ମୀରାମ ମାଝୀ, ସାଧ ମାଝୀ, ରୁପାୟ ମାଝୀ, ପି: ବୁଧିଆ ମାଝୀ, ଜା: ସାନ୍ତାଳ, ବା: ଭୋଲଘାଟି |
| ୭ | ୫୪ | ୧.୪୩ | ୦.୪୬ | ଶାରଦ ତିନି | କମଳଲୋଚନ ମହାନ୍ତ, ଉମେଶ ମହାନ୍ତ, ଉଗ୍ରେସନ ମହାନ୍ତ, ପି: ମୌତିରାମ ମହାନ୍ତ, ଜା: କୁଡୁମି, ବା: ପୁରିନ୍ଦା |
| ୮ | ୩୮ | ୦.୨୭ | ୦.୨୪ | ଶାରଦ ତିନି | କାନ୍ତିରାମ ମହାନ୍ତ, ପି: ସୁକୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୩୯ | ୦.୩୦ | ୦.୦୧ | ଶାରଦ ତିନି | |
| ୧୨ | ୫ | ୦.୧୪ | ୦.୦୪ | ଶାରଦ ଦୁଇ | କାଳିଚରଣ ମହାନ୍ତ, ନରହରି ମହାନ୍ତ, ସମ୍ବାରି ମହାନ୍ତ, କୋଇଲି ମହାନ୍ତ, ପି: ବାହାଦୁର ମହାନ୍ତ, ଶଶଧର ମହାନ୍ତ, ପାର୍ବତୀ ମହାନ୍ତ, ପି: ଦୁଃଖୁ ମହାନ୍ତ, ସାର ମହାନ୍ତ, ସ୍ୱା: ଦୁଃଖୁ ମହାନ୍ତ, ରଥୁ ମହାନ୍ତ, ଧୃନ୍ଦି ମହାନ୍ତ, ପି: ହରମୋହନ ମହାନ୍ତ, ଶୁକ ମହାନ୍ତ, ସ୍ୱା: ହରମୋହନ ମହାନ୍ତ, ଭାକୁଡ ମହାନ୍ତ, ପି: ଶ୍ରୀଧର ମହାନ୍ତ, ଦୁର ମହାନ୍ତ, ସ୍ୱା: ଶ୍ରୀଧର ମହାନ୍ତ, ମୁନସି ମହାନ୍ତ, ସିପାହି ମହାନ୍ତ, ଲଳିତା ମହାନ୍ତ, ପି: ସନା ମହାନ୍ତ, ମଲ୍ଲୀ ମହାନ୍ତ, ସ୍ୱା: ସନା ମହାନ୍ତ, ଚୁଡ଼ା ମହାନ୍ତ, ପି: ରଇଲା ମହାନ୍ତ, ଶୁକ୍ରିୟା ମହାନ୍ତ, ସ୍ୱା: ରଇଲା ମହାନ୍ତ, ରୁହି ମହାନ୍ତ, ପି: ମହନା ମହାନ୍ତ, ଜା: କୁଡୁମି, ବା: ପୁରିନ୍ଦା |
| | ୭ | ୦.୩୩ | ୦.୦୩ | ଶାରଦ ଦୁଇ | |
| | ୬ | ୦.୩୧ | ୦.୩୧ | ଶାରଦ ଦୁଇ | |
| ୧୩ | ୩୧୯ | ୦.୨୨ | ୦.୦୨ | ଶାରଦ ଦୁଇ | କାଳି ଚରଣ ମହାନ୍ତ, ଶ୍ରୀକାନ୍ତ ମହାନ୍ତ, ଗୌରମୋହନ ମହାନ୍ତ, ଯାତ୍ରୀ ମହାନ୍ତ, ମଙ୍ଗଳା ମହାନ୍ତ, ପୁରସ୍ତମ ମହାନ୍ତ, ପି: ବୁକା ମହାନ୍ତ, ଅକାଳି ମହାନ୍ତ, ସ୍ୱା: ମଙ୍ଗଳା ମହାନ୍ତ, ସୁଗା ମହାନ୍ତ, ସ୍ୱା: ବୁକା ମହାନ୍ତ, ଜା: କୁଡୁମି, ବା: ନିଜଗାଁ, ସୁଗା ମହାନ୍ତ ଅଂଶ ପକ୍ଷେ ଖରିଦସୂତ୍ରେ ଦଖଲ, ବା: ରାମଚନ୍ଦ୍ର ମହାନ୍ତ,, ମହେଶ୍ୱର ମହାନ୍ତ, ଲକ୍ଷ୍ମୀକାନ୍ତ ମହାନ୍ତ, ପି: ଫକିର ମହାନ୍ତ, କାଳିଚରଣ ମହାନ୍ତ, ପି: ବୁକା ମହାନ୍ତ, ଜା: କୁଡୁମି, ବା: ନିଜଗାଁ, ରେଜେଷ୍ଟ୍ରି ଦଲିଲ ନମ୍ବର ୪୦୩୬, ତା୨୦।୦୭।୫୯, ଜରସମନ ଟ.୧୭୦୦.୦୦ |
| | ୩୨୦ | ୦.୭୪ | ୦.୨୨ | ଶାରଦ ଦୁଇ | |
| | ୩୨୧ | ୦.୨୮ | ୦.୦୫ | ଶାରଦ ତିନି | |
| ୧୪ | ୨୭ | ୧.୯୫ | ୦.୫୪ | ଶାରଦ ଦୁଇ | କୈଳାସ ଚନ୍ଦ୍ର ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ଛୁଟୁ ମହାନ୍ତ, ଚିତୁ ମହାନ୍ତ, ପି: କାଳିଚରଣ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୦ | ୧୩୯ | ୦.୮୫ | ୦.୦୫ | ଶାରଦ ଦୁଇ | ଗଣେଶ୍ୱର ମହାନ୍ତ, କାର୍ତ୍ତିକ ମହାନ୍ତ, ଦ୍ରୌପଦୀ ମହାନ୍ତ, ଶାନ୍ତି ମହାନ୍ତ, ପି: ପ୍ରଭାକର ମହାନ୍ତ, ଯାତ୍ରୀ ମହାନ୍ତ, ସ୍ୱା: ପ୍ରଭାକର ମହାନ୍ତ, ପରମାନନ୍ଦ ମହାନ୍ତ, ଧରମୁଧର ମହାନ୍ତ, ପି: ଗୋରାଚାନ୍ଦ ମହାନ୍ତ, ଜା: କୁଡୁମି, ବା: ମାକନ୍ଦ |
| ୩୩ | ୩୨୨ | ୦.୧୯ | ୦.୧୬ | ଶାରଦ ତିନି | ତରଣୀ ମହାନ୍ତ, ରଜନୀ ମହାନ୍ତ, କଦମ୍ବ ମହାନ୍ତ, ପୂର୍ଣ୍ଣମୀ ମହାନ୍ତ, ପି: ଲାଲମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୩୭ | ୫୫ | ୧.୧୪ | ୦.୧୪ | ଶାରଦ ତିନି | ଦୁଃଖୀ ମାଝୀ, ପି: ଠୁଲୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୩୮ | ୧୯ | ୧.୫୯ | ୦.୧୩ | ଶାରଦ ଦୁଇ | ଦୁର୍ଗାଚରଣ ମହାନ୍ତ, ପି: ଗୋବିନ୍ଦ ମହାନ୍ତ, ଜା: କୁଡୁମି, ବା: ମାକନ୍ଦ |
| ୪୩ | ୧୧୩ | ୦.୬୦ | ୦.୧୭ | ଶାରଦ ଦୁଇ | ନକୁଳ ମହାନ୍ତ, ସହଦେବ ମହାନ୍ତ, କାଳିପ୍ରସାଦ ମହାନ୍ତ, ପି: ଚୈତନ୍ୟ ମହାନ୍ତ, ଜା: କୁଡୁମି, ବା: ମାକୁନ୍ଦ |
| | ୧୫୦ | ୨.୭୬ | ୦.୦୭ | ଶାରଦ ଦୁଇ | |
| ୪୪ | ୩୨୩ | ୦.୪୦ | ୦.୧୦ | ଶାରଦ ତିନି | ନଙ୍ଗା ମାଝୀ, ମୁନୁ ମାଝୀ, ଚାନ୍ଦ୍ରା ମାଝୀ, ପି: ଲଦ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୩୨୪ | ୦.୩୭ | ୦.୧୨ | ଶାରଦ ତିନି | |
| | ୩୨୫ | ୦.୨୦ | ୦.୦୫ | ଶାରଦ ତିନି | |
| | ୩୨୬ | ୦.୨୫ | ୦.୧୦ | ଶାରଦ ତିନି | |
| | ୩୨୭ | ୦.୫୫ | ୦.୧୪ | ଶାରଦ ତିନି | |
| | ୩୩୦ | ୦.୨୮ | ୦.୦୨ | ଶାରଦ ତିନି | |
| | ୩୩୧ | ୦.୪୦ | ୦.୧୭ | ଶାରଦ ତିନି | |
| | ୩୩୨ | ୦.୦୭ | ୦.୦୭ | ଶାରଦ ତିନି | |
| | ୩୩୩ | ୦.୪୩ | ୦.୦୪ | ଶାରଦ ତିନି | |
| | ୩୩୫ | ୦.୪୬ | ୦.୧୫ | ଶାରଦ ତିନି | |
| | ୩୩୬ | ୦.୩୩ | ୦.୦୬ | ଶାରଦ ତିନି | |
| | ୧୮୪ | ୦.୮୭ | ୦.୨୪ | ଶାରଦ ତିନି | |
| ୪୫ | ୧୪ | ୦.୬୦ | ୦.୦୪ | ଶାରଦ ଦୁଇ | ନବିନ ମହାନ୍ତ, କୁଶ ମହାନ୍ତ, ଗୌର ମହାନ୍ତ, ରାମଚନ୍ଦ୍ର ମହାନ୍ତ, ପାର୍ବତୀ ମହାନ୍ତ, ସାରଥି ମହାନ୍ତ, ଭାରତୀ ମହାନ୍ତ, ପି: ଭଜହରି ମହାନ୍ତ, କଙ୍କି ମହାନ୍ତ, ସ୍ୱା: ଭଜହରି ମହାନ୍ତ, ଜା: କୁଡୁମି, ବା: ପୁରିନ୍ଦା |
| ୪୮ | ୨୬ | ୦.୩୨ | ୦.୦୨ | ଶାରଦ ଦୁଇ | ପ୍ରତାପ ମହାନ୍ତ, ରତିକାନ୍ତ ମହାନ୍ତ, ଗୌରି ମହାନ୍ତ, ଝୁନପୁକି ମହାନ୍ତ, ପିକ ମହାନ୍ତ, ପି: ଶତ୍ରୁଘ୍ନ ମହାନ୍ତ, ସାଇ ମହାନ୍ତ, ସ୍ୱା: ଶତ୍ରୁଘ୍ନ ମହାନ୍ତ, ରୁକ ମହାନ୍ତ, ସ୍ୱା: ହୁକା ମହାନ୍ତ, ମୋହନ ମହାନ୍ତ, ପି: ଦୁଃଖନ ମହାନ୍ତି, ଜା: କୁଡୁମି, ବା: ନିଜଗାଁ |
| | ୧୧୪ | ୦.୬୫ | ୦.୧୭ | ଶାରଦ ଦୁଇ | |
| | ୧୪୦ | ୦.୬୪ | ୦.୧୧ | ଶାରଦ ଦୁଇ | |
| ୫୫ | ୬୧୪ | ୨.୧୦ | ୦.୪୫ | ଶାରଦ ଦୁଇ | ବୁଧିଆ ମାଝୀ, କାନ୍ଦରା ମାଝୀ, ପି: ରଇବୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୬୧୫ | ୨.୧୭ | ୦.୩୨ | ଶାରଦ ଦୁଇ | |
| ୫୯ | ୨୧୧ | ୦.୪୮ | ୦.୧୮ | ଶାରଦ ତିନି | ଶ୍ରୀ କଖାରୁଆ ବୈଦ୍ୟନାଥ ମହାଦେବ ବିଜେ ନିଜଗାଁ, ମାର୍ଫତ୍ ବା: ଭୋଳାନାଥ ଚୈବେ, ପି: ରାମନାଥ ଚୈବେ, ଜା: ବ୍ରାହ୍ମଣ, ବା: ଛାତନା |
| ୬୧ | ୧୭୮ | ୦.୦୭ | ୦.୦୧ | ଶାରଦ ତିନି | ରାଘବ ମହାନ୍ତ, ପି: ମଥୁରୀ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୧୭୯ | ୦.୨୦ | ୦.୦୯ | ଶାରଦ ତିନି | |
| ୭୩ | ୨୦୩ | ୩.୦୫ | ୦.୧୫ | ଶାରଦ ଦୁଇ | ରାମଚନ୍ଦ୍ର ମହାନ୍ତ, ମହେଶ୍ୱର ମହାନ୍ତ, ଲକ୍ଷ୍ମୀକାନ୍ତ ମହାନ୍ତ, ରାସମଣୀ ମହାନ୍ତ, ପୂର୍ଣ୍ଣମୀ ମହାନ୍ତ, ମେନକା ମହାନ୍ତ, ପି: ଫକିର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୨୧୨ | ୦.୮୬ | ୦.୦୧ | ଶାରଦ ଦୁଇ | |
| | ୩୧୪ | ୨.୨୦ | ୦.୨୪ | ଶାରଦ ଦୁଇ | |
| | ୬୪୪ | ୧.୮୪ | ୦.୫୯ | ଶାରଦ ଦୁଇ | |
| | ୩୩୭ | ୦.୨୭ | ୦.୦୬ | ଶାରଦ ତିନି | |
| ୭୫ | ୨ | ୦.୬୨ | ୦.୦୧ | ଶାରଦ ଦୁଇ | ସାନରୁଟୁ ମହାନ୍ତ, ପି: ଫକିର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୭୯ | ୨୦୪ | ୧.୦୪ | ୦.୩୦ | ଶାରଦ ଦୁଇ | ଲକ୍ଷ୍ମୀଧର ମହାନ୍ତ, ପି: ବାବୁରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୮୨ | ୬୪୭ | ୦.୦୮ | ୦.୦୨ | ଶାରଦ ଦୁଇ | ଲୋକନାଥ ମହାନ୍ତ, ପି: ଫାଗୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୮୩ | ୬୫୬ | ୦.୦୬ | ୦.୦୧ | ଶାରଦ ଦୁଇ | ଲୋକନାଥ ମହାନ୍ତ, ଦଶରଥ ମହାନ୍ତ, ପି: ଫାଗୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୬୫୮ | ୦.୮୭ | ୦.୧୦ | ଶାରଦ ଦୁଇ | |
| | ୬୬୦ | ୦.୮୯ | ୦.୧୪ | ଶାରଦ ଦୁଇ | |
| | ୬୬୧ | ୧.୩୧ | ୦.୦୮ | ଶାରଦ ଦୁଇ | |
| | ୬୫୧ | ୦.୬୦ | ୦.୧୪ | ଶାରଦ ତିନି | |
| | ୬୫୨ | ୦.୨୦ | ୦.୧୬ | ଶାରଦ ତିନି | |
| | ୬୫୩ | ୦.୦୫ | ୦.୦୧ | ଶାରଦ ତିନି | |
| ୮୪ | ୧୧୫ | ୦.୧୮ | ୦.୦୬ | ଶାରଦ ଦୁଇ | ଶତ୍ରୁଘ୍ନ ମହାନ୍ତ, ପି: ହୁନ୍ଦା ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୧୫୯ | ୦.୨୭ | ୦.୦୬ | ଶାରଦ ଦୁଇ | |
| ୮୬ | ୪୪ | ୩.୫୬ | ୦.୧୦ | ଶାରଦ ଦୁଇ | ସମ୍ବାରି ମହାନ୍ତ, ସ୍ୱା: କାନ୍ତିରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୪୨ | ୦.୩୦ | ୦.୦୧ | ଶାରଦ ତିନି | |
| | ୪୩ | ୦.୬୮ | ୦.୨୩ | ଶାରଦ ତିନି | |
| ୯୫ | ୮ | ୧.୩୯ | ୦.୫୭ | ଶାରଦ ଦୁଇ | ଶ୍ୟାମସୁନ୍ଦର ମହାନ୍ତ, ପି: ବୈଷ୍ଣବ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୦୫ | ୧୨୪ | ୨.୬୮ | ୦.୧୮ | ଶାରଦ ଦୁଇ | ହରମୋହନ ମହାନ୍ତ, ରମାକାନ୍ତ ମହାନ୍ତ, ପି: ନୀଳକଣ୍ଠ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୦୯ | ୬୪୧ | ୨.୩୨ | ୦.୨୬ | ଶାରଦ ଦୁଇ | ହରିହର ମହାନ୍ତ, ବୈଦ୍ୟନାଥ ମହାନ୍ତ, ପି: ଶୁଖୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୬୪୫ | ୦.୧୭ | ୦.୧୨ | ଶାରଦ ଦୁଇ | |
| | ୬୪୬ | ୦.୭୪ | ୦.୨୨ | ଶାରଦ ଦୁଇ | |
| ୧୧୦ | ୬୫୭ | ୦.୦୬ | ୦.୦୬ | ଶାରଦ ଦୁଇ | ହରିଶ୍ଚନ୍ଦ୍ର ମହାନ୍ତ, ରଙ୍ଗଲାଲ ମହାନ୍ତ, ପି: ଶଙ୍କରୁ ମହାନ୍ତ, ଜା: କୁଡୁମି, ବା: ମାକନ୍ଦ |
| ୧୧୨ | ୧୧୬ | ୧.୩୮ | ୦.୦୮ | ଶାରଦ ଦୁଇ | ବିମଳା ମହାନ୍ତ, ପି: ଶରତ ଚନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୧୬୫ | ୦.୩୦ | ୦.୦୫ | ଶାରଦ ଦୁଇ | |
| ୧୧୩ | ୧୧ | ୦.୫୪ | ୦.୦୬ | ଶାରଦ ଦୁଇ | ହର୍ଷମଣି ମହାନ୍ତ, ସମ୍ବରୀ ମହାନ୍ତ, ମଶୁରି ମହାନ୍ତ, ପି: ଚୁନାରାମ ମହାନ୍ତ, ପୁଟି ମହାନ୍ତ, ସ୍ୱା: ଚୁନାରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୧୨ | ୦.୧୯ | ୦.୧୪ | ଶାରଦ ଦୁଇ | |
| | ୧୩ | ୦.୩୮ | ୦.୨୬ | ଶାରଦ ଦୁଇ | |
| | ୧୫ | ୧.୧୦ | ୦.୧୮ | ଶାରଦ ଦୁଇ | |
| | ୧୬ | ୦.୭୨ | ୦.୩୦ | ଶାରଦ ଦୁଇ | |
| ୧୧୫/୩ | ୬୪୨/୭୨୨ | ୦.୩୫ | ୦.୦୫ | ଶାରଦ ଦୁଇ | ବିଶ୍ୱନାଥ ମହାନ୍ତ, ପି. ଘାସିରାମ ମହାନ୍ତ, ଜା: କୁଡୁମି, ବା: ମାକନ୍ଦ |
| ୧୧୫/୨୮ | ୧୨୫/୬୭୨ | ୦.୧୧ | ୦.୦୮ | ଶାରଦ ଦୁଇ | ରମାକାନ୍ତ ମହାନ୍ତ, ପି: ନିଳକଣ୍ଠ ମହାନ୍ତ, ଜା: କୁଡୁମି, ବା: ମସରଦା |
| ୧୧୫/୨୯ | ୨୧ | ୦.୫୨ | ୦.୨୦ | ଶାରଦ ତିନି | ସୁବାଷ ଚନ୍ଦ୍ର ମହାନ୍ତ, କୈଳାସ ଚନ୍ଦ୍ର ମହାନ୍ତ, ପି: ହେମେନ୍ଦ୍ର ନାଥ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୧୫/୩୨ | ୧୦୫/୭୫୩ | ୦.୨୪ | ୦.୦୮ | ଶାରଦ ଦୁଇ | ମନୋଜ କୁମାର ମହାନ୍ତ, ପି: ନରେନ୍ଦ୍ର ମୋହନ ମହାନ୍ତ,, ଜା: କୁର୍ମୀ କ୍ଷତ୍ରୀୟ, ବା: ମସରଦା |
| ୧୧୫/୩୩ | ୧୩୯/୭୫୯ | ୦.୧୮ | ୦.୦୩ | ଶାରଦ ଦୁଇ | ରମାକାନ୍ତ ମହାନ୍ତ, ପି: ନିଳକଣ୍ଠ ମହାନ୍ତ, ଜା: କୁଡୁମି, ବା: ମସରଦା |
| ୧୧୫/୪୪ | ୧୫୭ | ୦.୩୯ | ୦.୦୫ | ଶାରଦ ଦୁଇ | ଗଣେଶ୍ୱର ମହାନ୍ତ, କାର୍ତ୍ତିକ ଚନ୍ଦ୍ର ମହାନ୍ତ, ପି: ପ୍ରଭାକର ମହାନ୍ତ, ଜା: କୁଡୁମି, ବା: ଅଙ୍ଗାରିଆ |
| | ୧୫୮ | ୦.୩୫ | ୦.୦୨ | ଶାରଦ ଦୁଇ | |
| | ୧୬୨ | ୦.୨୯ | ୦.୦୬ | ଶାରଦ ଦୁଇ | |
| ସମପରିମାଣ ଗୋଚର ପ୍ରତିବଦଳୀ | | | | | |
| ୭ | ୫୪ | ୧.୪୩ | ୦.୩୮ | ଶାରଦ ତିନି | କମଳଲୋଚନ ମହାନ୍ତ, ଉମେଶ ମହାନ୍ତ, ଉଗ୍ରେସନ ମହାନ୍ତ, ପି: ମୌତିରାମ ମହାନ୍ତ, ଜା: କୁଡୁମି, ବା: ପୁରିନ୍ଦା |
| ମୋଟ | ୭୯ ପ୍ଲଟ୍ | ଏ.୫୯.୫୪ ଡେ.ମି. | ଏ.୧୧.୨୩ ଡେ.ମି. | | |

OIPR-24001/14/0357/1920



" କରୋନାର ପ୍ରଭାବ, ଆର୍‌ବିଆଇର ପଦକ୍ଷେପ ଏବଂ ଶିଳ୍ପ ଓ ବାଣିଜ୍ୟ ଲାଗି ସରକାର କିଭଳି ପଦକ୍ଷେପ ନେଉଛନ୍ତି ସେ ଉପରେ ବର୍ତ୍ତମାନ ଶେୟାର ବଜାର ନିବେଶକଙ୍କ ଧ୍ୟାନ ରହିବ।

– ବିନୋଦ ନାୟାର, ଶେୟାର ବଜାର ବିଶେଷଜ୍ଞ



" ଅର୍ଥ ବ୍ୟବସ୍ଥା ଉପରେ କରୋନାର ପ୍ରଭାବକୁ କମାଇବା ଲାଗି ସରକାର ଆର୍ଥିକ ପ୍ୟାକେଜ ପ୍ରଦାନ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

– ବିମଲ ଜଲାନ, ପୂର୍ବତନ ଗଭର୍ନର, ରିଜର୍ଭ ବ୍ୟାଙ୍କ

# ଖୋଲା ରହିବ ବଛା ବଛା ବ୍ୟାଙ୍କ ଶାଖା

ନୂଆଦିଲ୍ଲୀ, ୨୩–୩

କରୋନା ଲାଗି ବର୍ତ୍ତମାନ ସାରା ଦେଶର ବିଭିନ୍ନ ସ୍ଥାନରେ ଲକ୍‌ଡାଉନ ଘୋଷଣା କରାଯାଇଛି। ଏହି ସ୍ଥାନଗୁଡିକରେ କେତେକ ବଛା ବଛା ଶାଖା ଖୋଲା ରଖିବାକୁ ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ(ଆଇବିଏ) ବ୍ୟାଙ୍କଗୁଡିକୁ କହିଛି। ବ୍ୟାଙ୍କଗୁଡିକ ଏହି ସମୟରେ ଜରୁରୀ ସେବା ପ୍ରଦାନ କରିବେ ବୋଲି ଜଣାପଡିଛି। ନିକଟରେ ବ୍ୟାଙ୍କଗୁଡିକର ମୁଖ୍ୟମାନଙ୍କ ଏ ନେଇ ଆଇବିଏ ପକ୍ଷରୁ ଅବଗତ କରାଯାଇଛି। ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି(ଏସ୍‌ଏଲ୍‌ବିସି)ର କନଭେନର ଏବଂ ଲିଡ ଡିଷ୍ଟ୍ରିକ୍ଟ ମ୍ୟାନେଜରଙ୍କୁ ଆଇବିଏ ଏ ନେଇ ନିବେଦନ କରିଛି। ବ୍ୟାଙ୍କଗୁଡିକର ବିଜନେସ କଣ୍ଟିନ୍ୟୁଇଟି ପ୍ଲାନ (ବିସିପି) ନେଇ ପଦକ୍ଷେପ ନେବାକୁ ରାଜ୍ୟ ପ୍ରଶାସନ ସହ ମିଳିତ ହୋଇ କାମ କରିବା ଲାଗି ଆଇବିଏ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଅର୍ଥାତ ନିର୍ଦ୍ଧାରିତ ବ୍ୟାଙ୍କଗୁଡିକର କାମ କିଭଳି ଚାଲିପାରିବ ସେ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ସ୍ଥାନୀୟ ରାଜ୍ୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷାକରିବେ।

ରବିବାର କରୋନା ଯୋଗୁ ଅଧିକ ୩ ଜଣ ଲୋକ ମୃତ୍ୟୁ ମୁଖରେ ପଡିଛନ୍ତି। ବିହାର ଏବଂ ଗୁଜରାଟ ଭଳି ରାଜ୍ୟରେ ପ୍ରଥମ କାଜୁଆଲ୍‌ଟି ଦେଖାଯାଇଛି। ଏବେ ଦେଶରେ କୋଭିଡ–୧୯ରେ ପ୍ରାୟ ୩୬୦ ଲୋକ ଆକ୍ରାନ୍ତ ହୋଇଛନ୍ତି। ସାରା ଦେଶରେ ଟ୍ରେନ ଚଳାଚଳକୁ ବାତିଲ କରାଯାଇଥିବା ବେଳେ ଆନ୍ତଃ ରାଜ୍ୟ ବସ୍ ଚଳାଚଳକୁ ମାର୍ଚ୍ଚ ୩୧ ଯାଏ ବନ୍ଦ ରଖାଯାଇଛି। କରୋନା ବ୍ୟାପିବାକୁ ରୋକିବା ଲାଗି ଅନିର୍ଦ୍ଧିଷ୍ଟ ସମୟ ଯାଏ କଟକଣା ଲଗାଇଛନ୍ତି। ଏଣୁ ବ୍ୟାଙ୍କଗୁଡିକ ଏଭଳି ସ୍ଥିତିକୁ ନଜରରେ ରଖି ପଦକ୍ଷେପ ଗ୍ରହଣ କରିଛନ୍ତି। ବ୍ୟାଙ୍କଗୁଡିକର ଆଞ୍ଚଳିକ କାର୍ଯ୍ୟାଳୟ, ଜୋନାଲ ଅଫିସ ଏବଂ ସର୍କଲ ମୁଖ୍ୟ ମାନଙ୍କୁ ଏ ଦିଗରେ ଠିକ୍ ଭାବେ ଅବଗତ କରାଇବା ଲାଗି ଆଇବିଏ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସିଇଓଙ୍କୁ କୁହାଯାଇଛି।

ବ୍ୟାଙ୍କଗୁଡିକ ପ୍ରସ୍ତୁତ କରିଥିବା ବିସିପି କିଭଳି ଠିକ୍ ଭାବେ କାର୍ଯ୍ୟ କରିବ ସେ ନେଇ ଏସ୍‌ଏଲ୍‌ବିସି କନଭେନର ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ସହ ମଧ ସମନ୍ୱୟ ରକ୍ଷା କରିବେ। ଏସ୍‌ଏଲ୍‌ବିସି କନଭେନର ବ୍ୟାଙ୍କଗୁଡିକର ଏମ୍‌ଡି ଏବଂ ସିଇଓ ମାନେ ଏ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବା ନେଇ ଆଇବିଏ ଆଶାବାଦୀ ରହିଛି। ଏହା ସହ ରାଜ୍ୟ ସ୍ତରରେ ମେମ୍ବର ବ୍ୟାଙ୍କ ମାନଙ୍କୁ ଯୋଜନା କିଭଳି ଠିକ୍ ଭାବେ କାର୍ଯ୍ୟ କରିବ ସେ ନେଇ ଧ୍ୟାନ ରଖିବାକୁ ଅବଗତ କରାଯାଇଛି। ସବୁ ବ୍ୟାଙ୍କ କୋଭିଡ–୧୯ ବିରୋଧରେ ଏକତ୍ର ହୋଇ ଲଢିବା ଲାଗି ଆଇବିଏ ନିବେଦନ କରିଛି। ବିକଳ୍ପ ପନ୍ଥା ଦ୍ୱାରା ବ୍ୟାଙ୍କିଙ୍ଗ ସେବା ଯୋଗାଣ ଏବଂ ଯେଭଳି ବ୍ୟାଙ୍କିଙ୍ଗ ସେବାରେ କୌଣସି ବାଧା ନ ଉପୁଜେ ତାକୁ ଧ୍ୟାନରେ ରଖିବା ଉପରେ ଆଇବିଏ ଗୁରୁତ୍ୱ ଦେଇଛି। ଆଇବିଏ ସୋମବାର ଗ୍ରାହକଙ୍କୁ ନିବେଦନରେ ଅନଲାଇନ ଏବଂ ଡିଜିଟାଲ ନେଣଦେଣ କରିବା ଲାଗି କହିଥିଲା। ଅତି ଆବଶ୍ୟକ ନ ହେଲେ ବ୍ୟାଙ୍କ ଶାଖା ନ ଯିବା, ଶାଖାରେ ଭିଡ ନ ଜବାଇବା, ନୋଟ ଛୁଇଁବା, ଗଣିବା ପରେ ହାତ ଧୋଇବା ଭଳି ବିଭିନ୍ନ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଏହାବାଦ କରୋନାରେ ଡରୋନା ଡିଜିଟାଲ କରୋନା କ୍ୟାମ୍ପେନ ଆରମ୍ଭ କରାଯାଇଛି।

## ଲକ୍‌ଡାଉନରେ କେବଳ ଜରୁରୀ ସେବା



# ନିବେଶକଙ୍କ ୧୪ ଲକ୍ଷ କୋଟି କ୍ଷତି

- ପୁଞ୍ଜି ବଜାରର ସର୍ବାଧିକ ଦୈନିକ କ୍ଷତି
- ୧୩.୧୫% ଖସିଗଲା ସେନ୍‌ସେକ୍ସ
- ୭୬୧୦ ପଏଣ୍ଟ ସ୍ତରରେ ନିଫ୍ଟି



ନୂଆଦିଲ୍ଲୀ, ୨୩–୩

କରୋନା ପ୍ରଭାବରେ ଭାରତୀୟ ପୁଞ୍ଜି ବଜାର କାରବାର ଲଗାତର ଭାବେ ଖସୁଥିବା ବେଳେ ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ନିବେଶକ ରେକର୍ଡ ସ୍ତରର କ୍ଷତି ହୋଇଛି। କରୋନା ଯୋଗୁ ଷ୍ଟକ ବଜାରକୁ ଝଟକା ଲାଗିବା ଫଳରେ ସେନ୍‌ସେକ୍ସ ୧୩.୧୫% ଖସିଯାଇଛି। ଏହା ଫଳରେ ନିବେଶକଙ୍କୁ ପ୍ରଥମ ଘଣ୍ଟା ଟ୍ରେଡରେ ୧୦ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। କରୋନାର ପ୍ରଭାବ ଭାରତୀୟ ବଜାର ଉପରେ ବଢି ଚାଲିଥିବା ଯୋଗୁ ଏହା ଫଳରେ ନିବେଶକଙ୍କ ମନୋଭାବ କ୍ଷତିଗ୍ରସ୍ତ ହୋଇଛି। ବିଏସ୍‌ଇର ସୂଚୀଭୁକ୍ତ କମ୍ପାନୀଗୁଡିକ ବଜାର ପୁଞ୍ଜୀକରଣ ୧୪ ଲକ୍ଷ କୋଟି କମିଯାଇଛି। କେବଳ ୪୫ ମିନିଟ ଟ୍ରେଡିଂରେ ସାଂଘାତିକ ସ୍ଥିତି ଉପୁଜିଥିବା ଜଣାପଡିଛି। ଏହି ସମୟ ମଧ୍ୟରେ ନିବେଶକଙ୍କ ୧୦ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଥିଲା। ସୋମବାର ସମୟରେ ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନସେକ୍ସ ୩୯୩୪.୭୨ ପଏଣ୍ଟ ବା ୧୩.୧୫% ଖସିଛି। ଫଳରେ ସେନ୍‌ସେକ୍ସ କାରବାର ୨୫,୯୮୧.୨୪ପଏଣ୍ଟକୁ ଖସିଛି। ଏହାକୁ ଲୋୟର ସର୍କିଟ ଲିମିଟ ବୋଲି କୁହାଯାଉଛି।

ସେହିଭଳି ନିଫ୍ଟି କାରବାର ୧,୧୩୫ ପଏଣ୍ଟ ୧୨.୯୮% ଖସିବା ଯୋଗୁ ଏହା ୭୬୧୦.୨୫ପଏଣ୍ଟସ୍ତରରେବନ୍ଦହୋଇଛି।

ସୋମବାର ଆକ୍ସିସ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଇଣ୍ଡସଇଣ୍ଡ ବ୍ୟାଙ୍କ, ବଜାଜ ଫାଇନାନ୍ସର ଶେୟାର କାରବାର ଅତ୍ୟଧିକ କ୍ଷତି ହୋଇଛି। ସେହିଭଳି ସମସ୍ତ ସେକ୍ଟରାଲ ସୂଚୀଗୁଡିକର କାରବାର ମଧ କ୍ଷତି ସହିଛନ୍ତି। ଏହି ବର୍ଗରେ ବ୍ୟାଙ୍କ, ରିୟଲିଟି ଏବଂ ଫାଇନାନ୍ସ ରହିଛନ୍ତି। ଏହି ସମୟରେ ଆରଆଇଏଲ୍ କାରବାର ୧୧.୫୭% ଖସିଥିବା ବେଳେ ଟିସିଏସ୍ କାରବାର ୫.୮୪% ଖସି ଯାଇଛି। କେବଳ ଭାରତୀୟ ବଜାର ନୁହେଁ ବିଶ୍ୱ ସ୍ତରର ଶେୟାର ବଜାରଗୁଡିକ ମଧ କରୋନା ଲାଗି କାରବାର ଗଭୀର କ୍ଷତିଗ୍ରସ୍ତ ହୋଇଛି। ବିଶ୍ୱ ସ୍ତରରେ ବିଭିନ୍ନ ଦେଶ ମଧ ଲକ୍‌ଡାଉନ ଘୋଷଣା କରିଛନ୍ତି। ଚାଇନା, ହଂକଂ ଏବଂ ଦକ୍ଷିଣ କୋରିଆର ଶେୟାର ବଜାର କାରବାର ୫% ଖସିଥିବା ଜଣାପଡିଛି ଯାହା ନିବେଶକଙ୍କୁ ପ୍ରଭାବିତ କରିଛି। ଏହାବାଦ ଜାପାନ ଶେୟାର ବଜାର କାରବାର ସକରାତ୍ମକ ରହିଥିବା ବେଳେ ୟୁରୋପ ବଜାରର କାରବାର ୪% ଖସି ଯାଇଛି। ଏହି ସମୟରେ ବ୍ରେଣ୍ଟ କ୍ରୁଡ ପ୍ରାୟ ୫.୩୦% ଖସିଥିବା ବେଳେ ଏହା ବ୍ୟାରେଲ ପିଛା ୨୫.୫୫ ଡଲାର ରହିଛି।

## ୭୬.୨୨ ସ୍ତରରେ ଟଙ୍କା


**ମୁମ୍ବାଇ, ୨୩–୩:** କରୋନା ପ୍ରଭାବରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବକାଳୀନ ନିମ୍ନ ସ୍ତରକୁ ଖସିଯାଇଛି। ଏହି ସମୟରେ ଟଙ୍କା ୧୦୨ ପଇସା ଖସିବା ଫଳରେ ଏହାର ମୂଲ୍ୟ ଡଲାର ତୁଳନାରେ ୭୬.୨୨ ସ୍ତର ଛୁଇଁଛି। ଭାରତରେ କରୋନା ମାମଲା ବଢି ଚାଲି ଥିବାରୁ ଶେୟାର ବଜାରରେ କ୍ଷତି ମଧ ବଢିଛି। ଇଣ୍ଟର ବ୍ୟାଙ୍କ ଫରେକ୍ସ ବଜାରରେ ଟଙ୍କା ୭୫.୯୦ ଟଙ୍କାରୁ ଆରମ୍ଭ ହୋଇଥିଲା। ମାତ୍ର କାରବାର ଶେଷ ବେଳକୁ ଟଙ୍କା ୧୦୨ ପଇସା ଖସି ୭୬.୨୨ ସ୍ତରରେ ରହିଛି। ଦିନ ମଧ୍ୟରେ ଟଙ୍କାର ଉଚ୍ଚ ସ୍ତର ୭୫.୮୬ ରହିଥିବା ବେଳେ ନିମ୍ନ ସ୍ତର ୭୬.୩୦ ଛୁଇଁଥିଲା। ଶୁକ୍ରବାର ଲୋକାଲ ୟୁନିଟ ଡଲାର ତୁଳନାରେ ୭୫.୨୦ ଟଙ୍କାରେ ବନ୍ଦ ହୋଇଥିଲା। ଡଲାର ଶକ୍ତିଶାଳି ହୋଇଥିବା ବେଳେ ଇକ୍ୱିଟି ଏବଂ ଡେଟ୍ ସେଗମେଣ୍ଟରୁ ବିଦେଶୀ ନିବେଶକମାନେ ପ୍ରାୟ ୧୧ ବିଲିୟନ ଡଲାର ପ୍ରତ୍ୟାହାର କରିନେଇଥିବା ଜଣାପଡିଛି।

# ଅଟୋମୋବାଇଲ ଉତ୍ପାଦନ ୟୁନିଟରେ ତାଲା

ନୂଆଦିଲ୍ଲୀ, ୨୩–୩

କରୋନା ବ୍ୟାପିବା ଯୋଗୁ ଦେଶର ବିଭିନ୍ନ ଅଟୋମୋବାଇଲ୍ ମାନୁଫାକଚରିଂ କମ୍ପାନୀଗୁଡିକ ସେମାନଙ୍କ ଉତ୍ପାଦନ ୟୁନିଟ ବନ୍ଦ ଘୋଷଣା କରିଛନ୍ତି। ଉତ୍ପାଦନ ବନ୍ଦ ରଖିବା ନେଇ ଅଟୋମୋବାଇଲ ମାନୁଫାକଚରିଂ ସଂଘ ସିଆମ୍ ପକ୍ଷରୁ ଏହାର ସଦସ୍ୟଙ୍କୁ ନିବେଦନ କରାଯାଇଛି। ମଙ୍ଗଳବାର ବଜାଜ ଅଟୋ ଉତ୍ପାଦନ ବନ୍ଦ କରିଦେଇଥିବା ଘୋଷଣା କରିଛି। କରୋନାକୁ ରୋକିବା ଲାଗି ସରକାରଙ୍କ ପଦକ୍ଷେପ ମୁତାବକ ଏଭଳି ସତର୍କତା ଗ୍ରହଣ କରାଯାଇଥିବା ବଜାଜ ପକ୍ଷରୁ ସୂଚନା ଦିଆଯାଇଛି। ଅଫିସରେ କାମ କରୁଥିବା କର୍ମଚାରୀଙ୍କ ଲାଗି ୱାର୍କ ଫ୍ରମ ହୋମ୍ ସିଷ୍ଟମ ଲାଗୁ କରାଯାଇଛି। କର୍ମଚାରୀଙ୍କ ଅନ୍ତର୍ଜାତୀୟ ଗସ୍ତ ଏବଂ ବୈଠକକୁ ବାତିଲ କରିଦିଆଯାଇଛି। ଚକନରେ ରହିଥିବା କମ୍ପାନୀ ଏହାର ଉତ୍ପାଦନ ୟୁନିଟକୁ ବନ୍ଦ କରି ଦେଇଛି ବୋଲି ବଜାଜ ଅଟୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାକେଶ ଶର୍ମା କହିଛନ୍ତି। ଜରୁରୀ ସେବା ପାଇଁ କମ୍ପାନୀ ମାତ୍ର କିଛି ଲୋକଙ୍କୁ ନିଜ ପାଖରେ ରଖିଛି। ସରକାରଙ୍କ ନିର୍ଦ୍ଦେଶାବଳୀକୁ କଠୋର ଭାବେ ପାଳନ କରାଯାଇଥିବା ସେ ମତ ପ୍ରକାଶ କରିଛନ୍ତି। ଚକନ ପ୍ଲାଣ୍ଟ ବାଦ ପୁଣେର ଅକରୁଡି, ଔରଙ୍ଗାବାଦର ୱାଲୁଜ ଏବଂ ଉତ୍ତରାଖଣ୍ଡର ପନ୍ତନଗର ମାନୁଫାକରିଂ ୟୁନିଟ ମଧ ବନ୍ଦ ରଖାଯାଇଛି।

## ଉତ୍ପାଦନ ବନ୍ଦ ରଖିବାକୁ ସିଆମର ନିବେଦନ



ଆନ୍ଧ୍ର ପ୍ରଦେଶର ହାଇଦ୍ରାବାଦରେ ରହିଥିବା ଉତ୍ପାଦନ ୟୁନିଟରୁ ମାନୁଫାକରିଂ ବନ୍ଦ କରାଯାଇଥିବା କିଆ ମୋଟର୍ସ ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ପୁନଶ୍ଚ ଅର୍ଡର ନ ଆସିବା ଯାଏ କମ୍ପାନୀର ଉତ୍ପାଦନ ଅନିର୍ଦ୍ଧିଷ୍ଟ କାଳ ଯାଏ ବନ୍ଦ ରହିବ ବୋଲି ଏହା ବିବୃତ୍ତିରେ କହିଛି। ହିରୋ ଗ୍ରୁପର ରକ୍‌ମ୍ୟାନ ଇଣ୍ଡଷ୍ଟ୍ରିଜ ପକ୍ଷରୁ ସୋମବାର ଏହାର ୭ ପ୍ଲାଣ୍ଟକୁ ବନ୍ଦ କରି ଦିଆଯାଇଛି। ମାର୍ଚ୍ଚ ଶେଷ ଯାଏ ଏହି ପ୍ଲାଣ୍ଟ ବନ୍ଦ ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଭିଇ କମର୍ସିଆଲ ଭେଇକିଲ ମଧ ମାର୍ଚ୍ଚ ଶେଷ ଯାଏ ଏହାର ଉତ୍ପାଦନକୁ ବନ୍ଦ କରି ଦେଇଥିବା ଜଣାପଡିଛି। ହ୍ୟୁଣ୍ଡାଇ ଏବଂ ଟୟୋଟା କିର୍ଲୋସ୍କାର ମୋଟର୍ସ ପକ୍ଷରୁ ଉତ୍ପାଦନ ବନ୍ଦ କରିବା ନେଇ ଘୋଷଣା କରାଯାଇଛି। ହ୍ୟୁଣ୍ଡାଇ ପକ୍ଷରୁ ଏହାର ଚେନ୍ନାଇ ପ୍ଲାଣ୍ଟ ଏବଂ ଟୟୋଟା ଏହାର କର୍ନାଟକର ବିଦାବି ପ୍ଲାଣ୍ଟରେ ରହିଥିବା ଫାସିଲିଟିରୁ ଉତ୍ପାଦନ ବନ୍ଦ କରିଛି। ମାର୍ଚ୍ଚ ୨୩ ରୁ ଆଗାମୀ ନୋଟିସ ଆସିବା ପର୍ଯ୍ୟନ୍ତ ଉତ୍ପାଦନ ବନ୍ଦ ରହିବ ବୋଲି ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ କୁହାଯାଇଛି।

ଏହାବାଦ କର୍ମଚାରୀଙ୍କ ନିରାପତ୍ତାକୁ ଆଧାର କରି କର୍ନାଟକ ପ୍ଲାଣ୍ଟରୁ ଉତ୍ପାଦନ ବନ୍ଦ ରଖାଯାଇଥିବା ଟୟୋଟା ସୂଚନା ଦେଇଛି। ରବିବାର ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ, ହୋଣ୍ଡା କାର୍‌ସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ ଫିଆଟ ଉତ୍ପାଦନକୁ ବନ୍ଦ କରିଥିଲେ। ସେହିଭଳି ୨ ଚକିଆ ଯାନ ନିର୍ମାତା ହିରୋ ମୋଟୋ କର୍ପ, ହୋଣ୍ଡା ମୋଟର ସାଇକେଲ, ସୁଜୁକି ମୋଟର ସାଇକେଲ ଇଣ୍ଡିଆ ମଧ ଉତ୍ପାଦନକୁ ବନ୍ଦ କରି ଦେଇଛନ୍ତି। ରେନୋ ଇଣ୍ଡିଆ ପକ୍ଷରୁ ଏହାର ଚେନ୍ନାଇ ଫାସିଲିଟିରୁ ଉତ୍ପାଦନକୁ ବନ୍ଦ ରଖାଯାଇଛି। ସରକାରଙ୍କ ଆଗାମୀ ନୋଟିଫିକେଶନକୁ ଅପେକ୍ଷା କରାଯିବା ସହ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରେନୋ ଇଣ୍ଡିଆ ଅପରେଶନର କଣ୍ଟ୍ରି ସିଇଓ ତଥା ଏମ୍‌ଡି ଭେଙ୍କଟରାମ ମାମିଲାପାଲେ କହିଛନ୍ତି। ଚେନ୍ନାଇ, ଗୁରଗାଓଁ, ମୁମ୍ବାଇ, କୋଲକାତା, ପୁଣେ ଭଳି ସ୍ଥାନରେ ରହିଥିବା କର୍ପୋରେଟ କାର୍ଯ୍ୟାଳୟ ଏବଂ ଆଞ୍ଚଳିକ କାର୍ଯ୍ୟାଳୟଗୁଡିକରୁ କର୍ମଚାରୀମାନେ ଘରୁ କାମ କରିବେ ବୋଲି ସେ ସୂଚନା ଦେଇଛନ୍ତି। ଏହାବାଦ ଟିଭିଏସ୍ ମୋଟର କମ୍ପାନୀ ମଧ ଏହାର ଭାରତ ଏବଂ ଇଣ୍ଡୋନେସିଆ ଫାସିଲିଟିରୁ ଉତ୍ପାଦନ ବନ୍ଦ କରିଛି। କର୍ମଚାରୀଙ୍କୁ ଘରୁ କାମ କରିବା ଲାଗି କମ୍ପାନୀ ପରାମର୍ଶ ଦେଇଛି।

# ଅଭିବୃଦ୍ଧି ପୂର୍ବାନୁମାନ କମାଇଲେ ୟୁବିଏସ୍, ଏସ୍ ଆଣ୍ଡ ପି



ନୂଆଦିଲ୍ଲୀ, ୨୩–୩

କରୋନା ଯୋଗୁ ଦେଶ ମଧ୍ୟରେ ବର୍ତ୍ତମାନ ଜଟିଳ ସ୍ଥିତି ଉପୁଜିଥିବା ବେଳେ ଘରୋଇ ଅର୍ଥ ବ୍ୟବସ୍ଥା ଉପରେ ଏହାର ନକରାତ୍ମକ ପ୍ରଭାବ ପରିଲକ୍ଷିତ ହୋଇଛି। ୨୦୨୦–୨୧ ଆର୍ଥିକ ବର୍ଷ ଲାଗି ଭାରତର ବିକାଶ ହାର ୪% ରହିବ ବୋଲି ୟୁବିଏସ୍ ପକ୍ଷରୁ କୁହାଯାଇଛି। ଏହି ସମୟରେ ଭାରତର ବିକାଶ ହାର ୫.୧% ରହିବ ବୋଲି ୟୁବିଏସ୍ ପୂର୍ବରୁ ପୂର୍ବାନୁମାନରେ କହିଥିଲା। ସେହିଭଳି ୨୦୧୯–୨୦ ଲାଗି ଭାରତର ବିକାଶ ହାର ଅନୁମାନକୁ ଏହା ୪.୮%କୁ ଖସାଇ ଦେଇଥିବା ଜଣାପଡିଛି। ସେହିଭଳି ୨୦୨୦–୨୧ରେ ଭାରତର ବିକାଶ ହାର ୫.୨% ରହିବା ନେଇ ଷ୍ଟାଣ୍ଡାର୍ଡ ଆଣ୍ଡ ପୁଅର୍ସ(ଏସ୍ ଆଣ୍ଡ ପି) ପକ୍ଷରୁ ଅନୁମାନରେ କୁହାଯାଇଛି। ଏହି ସମୟ ଅବଧିରେ ଭାରତର ବିକାଶ ୬.୫% ହେବ ବୋଲି ଏସ୍ ଆଣ୍ଡ ପି ପକ୍ଷରୁ ପୂର୍ବରୁ କୁହାଯାଇଥିଲା। କରୋନା ବ୍ୟାପିବା ଯୋଗୁ ବିଭିନ୍ନ ଅନ୍ତର୍ଜାତୀୟ ଏଜେନ୍ସି ଭାରତର ବିକାଶ ହାର ପୂର୍ବାନୁମାନ କମ୍ କରୁଥିବା ଜଣାପଡିଛି।

# ସିଷ୍ଟମକୁ ୧ ଲକ୍ଷ କୋଟି ଛାଡିବ ଆର୍‌ବିଆଇ

**ମୁମ୍ବାଇ, ୨୩–୩:** ଦେଶର ଫାଇନାନ୍ସିଆଲ ସିଷ୍ଟମକୁ ଅତିରିକ୍ତ ସହାୟତା କରିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ୧ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯିବ। କରୋନା ଯୋଗୁ ବଜାରରେ ଉପୁଜିଥିବା ସ୍ଥିତିକୁ ଧ୍ୟାନରେ ରଖି ରିଜର୍ଭ ବ୍ୟାଙ୍କ ଏଭଳି ବ୍ୟବସ୍ଥା ହାତକୁ ନେବ। ଟର୍ମ ରେପୋ ଅକ୍ସନ ଦ୍ୱାରା ଏଭଳି ବ୍ୟବସ୍ଥା କରିବା ନେଇ ଆର୍‌ବିଆଇ ନିଷ୍ପତ୍ତି ନେଇଛି। ସୋମବାର ପ୍ରଥମ ପର୍ଯ୍ୟାୟରେ ଟର୍ମ ରେପୋ ବାବଦ ୫୦ ହଜାର କୋଟି ବ୍ୟବସ୍ଥା କରାଯାଇଥିବା ବେଳେ ମଙ୍ଗଳବାର ୫୦ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯିବ।

# ମାସ୍କ ଉତ୍ପାଦନ ବଢାଇବ ରିଲାଏନ୍ସ

**ନୂଆଦିଲ୍ଲୀ, ୨୩–୩:** କରୋନା ବିରୋଧୀ ଲଢେଇ ଜୋରଦାର କରିବା ସ୍ୱରୂପ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଫେସ୍ ମାସ୍କ ଉତ୍ପାଦନ ବୃଦ୍ଧି କରିବା ନେଇ ସୋମବାର ଘୋଷଣା କରାଯାଇଛି। ଏହାବାଦ ଠିକା କର୍ମଚାରୀଙ୍କ ପ୍ରାପ୍ୟ ବନ୍ଦ କରାଯିବ ନାହିଁ ବୋଲି ଗ୍ରୁପ ପକ୍ଷରୁ ସୂଚନା ରହିଛି। କମ୍ପାନୀ ଦୈନିକ ୧ ଲକ୍ଷ ମାସ୍କ ଉତ୍ପାଦନ କରିବା ଲାଗି ଲକ୍ଷ୍ୟ ରଖିଛି। କରୋନା ପ୍ରଭାବିତଙ୍କ ଲାଗି ଏମର୍ଜେନ୍ସି ଯାନ, ବିଭିନ୍ନ ସହରରେ ଖାଦ୍ୟ ବ୍ୟବସ୍ଥା କରାଯିବା ନେଇ ସୂଚନା ରହିଛି। କୋଭିଡ ୧୯ ରୋଗୀଙ୍କ ଲାଗି ୧୦୦ ବେଡ୍ ଭିତ୍ତିକ ଫାସିଲିଟି, ଏମର୍ଜେନ୍ସି ସର୍ଭିସରେ ଥିବା ଯାନଗୁଡିକ ଲାଗି ମାଗଣା ଫୁଏଲ ବ୍ୟବସ୍ଥା ନେଇ ଗ୍ରୁପ ପକ୍ଷରୁ ପଦକ୍ଷେପ ନିଆଯାଇଛି।

## ସଂକ୍ଷେପରେ

- ରାଜ୍ୟ ସରକାରଗୁଡିକୁ ସାଓମି ପକ୍ଷରୁ ଏନ୍–୯୫ ମାସ୍କ ପ୍ରଦାନ କରାଯିବା ନେଇ ନିଷ୍ପତ୍ତି
- ମାର୍ଚ୍ଚ ୩୧ ଯାଏ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି) ପକ୍ଷରୁ ସାରା ଦେଶରେ ଏହାର ଶାଖାଗୁଡିକୁ ବନ୍ଦ ଘୋଷଣା ।
- ହୋମ କ୍ୱାରେନଷ୍ଟାଇନ ଷ୍ଟାମ୍ପ ଲାଗିଥିବା ବ୍ୟକ୍ତି ବିଶେଷଙ୍କୁ ବୋର୍ଡରେ ନ ନେବା ଲାଗି ଭାରତୀୟ ବିମାନ କମ୍ପାନୀଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶ।
- କରୋନା ପ୍ରତିରୋଧ କରିବା ଲାଗି ଆକ୍ସିସ ବ୍ୟାଙ୍କ ପକ୍ଷରୁ ୧୦୦ କୋଟିର ପାଣ୍ଠି ବ୍ୟବସ୍ଥା ।
- କ୍ୱାରେନଷ୍ଟାଇନ ରୋଗୀଙ୍କୁ ବୀମା କଭର ଦେବା ନେଇ ଏଡେଲୱିସ ଜେନେରାଲ ଇନସ୍ୟୁରାନ୍ସର ଘୋଷଣା।

# କର୍ମଚାରୀଙ୍କୁ ପୂର୍ଣ୍ଣ ବେତନ ଦେବ ଟାଟା ଗ୍ରୁପ

ନୂଆଦିଲ୍ଲୀ, ୨୩–୩

କରୋନା ଭୂତାଣୁ ସଙ୍କଟ ସମୟରେ କର୍ମଚାରୀଙ୍କୁ ପୂର୍ଣ୍ଣ ବେତନ ପ୍ରଦାନ କରାଯିବ ବୋଲି ଟାଟା ଗ୍ରୁପ ପକ୍ଷରୁ କୁହାଯାଇଛି। ଏ ନେଇ ସତର୍କତା ଅବଲମ୍ବନ କରିବାକୁ ଗ୍ରୁପର ସମସ୍ତ କମ୍ପାନୀକୁ କୁହାଯାଇଛି। କର୍ମଚାରୀଙ୍କ ଲାଗି ୱାର୍କ ଫ୍ରମ ହୋମ ବ୍ୟବସ୍ଥା ହାତକୁ ନିଆଯାଇଛି। ବୃହତ୍ତର ସାର୍ବଜନୀନ ସ୍ୱାର୍ଥ ଏବଂ କୌଣସି ଉତ୍ପାଦ କିମ୍ବା ସେବା ଡେଲିଭର କରିବାର ଥିଲେ ସେହି ମାମଲାଗୁଡିକରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ଗ୍ରୁପ ପକ୍ଷରୁ କୁହାଯାଇଛି। କମ୍ପାନୀର କାର୍ଯ୍ୟାଳୟ, ଦେଶର ବିଭିନ୍ନ ସାଇଟଗୁଡିକରେ କାର୍ଯ୍ୟ କରୁଥିବା କର୍ମଚାରୀ, ଅସ୍ଥାୟୀ କର୍ମଚାରୀଙ୍କୁ ଏବଂ ଦୈନିକ ମଜୁରି ଭିତ୍ତିରେ କାମ କରୁଥିବା ଲୋକମାନଙ୍କୁ ମାର୍ଚ୍ଚ ଏବଂ ଏପ୍ରିଲ ମାସର ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ଟାଟା ଗ୍ରୁପ ପକ୍ଷରୁ ସୂଚନା ଦିଆଯାଇଛି।

# ୧୦୦ କୋଟି ଟଙ୍କାର ପାଣ୍ଠି ଗଠନ କଲା ବେଦାନ୍ତ

**ନୂଆଦିଲ୍ଲୀ, ୨୩–୩:** କରୋନା ଦ୍ୱାରା ପ୍ରଭାବିତ ନିଷ୍ପେଷିତ ବର୍ଗର ବ୍ୟକ୍ତି ବିଶେଷଙ୍କ ସହାୟତା କରିବା ଲାଗି ବେଦାନ୍ତ ଗ୍ରୁପ ପକ୍ଷରୁ ୧୦୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରାଯାଇଛି। ସରକାରଙ୍କ କରୋନା ବିରୋଧୀ ପଦକ୍ଷେପ ଅନ୍ତର୍ଗତ ଯୋଗଦାନ ରଖିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଦୈନିକ ଭିତ୍ତିରେ କାମ କରୁଥିବା କର୍ମଚାରୀଙ୍କ ଜୀବନ ଜିବିକା, କର୍ମଚାରୀ ଏବଂ ଠିକା କର୍ମଚାରୀ,ପ୍ରତିଷେଧକ ଶିକ୍ଷା ବ୍ୟବସ୍ଥା ଗ୍ରହଣ ଦିଗରେ ଏହି ପାଣ୍ଠି ଖର୍ଚ୍ଚ ହେବ। କମ୍ପାନୀର ବିଭିନ୍ନ ପ୍ଲାଣ୍ଟ ଏବଂ ଲୋକେସନରେ କାମ କରୁଥିବା ବ୍ୟକ୍ତି ବିଶେଷଙ୍କ ମଙ୍ଗଳଲାଗି ଏହି ପାଣ୍ଠି ଖର୍ଚ୍ଚ ହେବ ବୋଲି ବେଦାନ୍ତ ରିସୋର୍ସେସର କାର୍ଯ୍ୟନିର୍ବାହୀ ଅଧକ୍ଷ ଅନିଲ ଅଗ୍ରୱାଲ ସୂଚନା ଦେଇଛନ୍ତି।

# ବିଭିନ୍ନ ସହରରେ ସ୍ପଟ୍ ଗୋଲ୍ଡ ମାର୍କେଟ ବନ୍ଦ

**ନୂଆଦିଲ୍ଲୀ, ୨୩–୩:** ଦେଶର ପ୍ରମୁଖ ସହରଗୁଡିକରେ କରୋନା ଜନିତ ଲକ୍‌ଡାଉନ ଯୋଗୁ ସ୍ପଟ୍ ଗୋଲ୍ଡ ମାର୍କେଟ ସୋମବାର ବନ୍ଦ ରହିଛି। ଏହି ସମୟରେ ସୁନା ଦର ପ୍ରାୟ ୪୦,୩୩୦ ଟଙ୍କା ରହିଛି। ଦିନ ମଧ୍ୟରେ ଟଙ୍କା ମୂଲ୍ୟରେ ବୃହତ୍ ପରିମାଣର ହ୍ରାସ ହୋଇଥିବା ଏଚ୍‌ଡିଏଫ୍‌ସି ସିକ୍ୟୁରିଟିର ସିନିୟର ଆନାଲିଷ୍ଟ ତପନ ପଟେଲ କହିଛନ୍ତି। ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ସୁନା ଦର ଫ୍ଲାଟ ୧୪୯୩ଡଲାର ରହିଥିବା ବେଳେ ରୁପାଦର ୧୨.୫୮ ଡଲାର ପ୍ରତି ଆଉନ୍ସ ରହିଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

MUDRA FINANCE
(Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

M GROUP FINANCE COMPANY
M GROUP ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜ୍‌ନେସ୍ ଲୋନ୍, ପ୍ରପର୍ଟି, ମାର୍କଶିଟ୍, ସାଲାରୀ ସ୍ଲିପ୍। ମହିଳାଙ୍କ ପାଇଁ 50% ରିହାତି।
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
9911417461
9911417764


ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

BUSINESS BUSINESS

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910


DHARITRI Career appointment Every Wednesday and Saturday

ହରପ୍ରୀତ କର୍ପୋରେଶନ୍ ଡିଜିଟାଲ କମ୍ପାନୀ
ଡିଜିଟାଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ ଛାତ/ କ୍ଷେତ ଆବଶ୍ୟକ + ଅଗ୍ରିମ 65 ଲକ୍ଷ + ଭଡ଼ା 45 ହଜାର
ଯୋଗାଯୋଗ:-
9811014559

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |



କରୋନା ଭାଇରସ୍ ହେଉଛି ତୃତୀୟ ବିଶ୍ୱଯୁଦ୍ଧ। ଯେଉଁ ବରିଷ୍ଠ ନାଗରିକମାନେ କରୋନା ଭାଇରସ୍ ସମ୍ପର୍କରେ ନ ବୁଝିପାରିବେ, ତାଙ୍କୁ ଏମିତି ଭାବେ ବୁଝାଇ ହେବ।


- ଅଲି ଫଜଲ, ବଲିଉଡ୍ ଅଭିନେତା



# ସଚେତନତା ହିଁ ଯକ୍ଷ୍ମା ସଂକ୍ରମଣ ରୋକିପାରିବ

ବିଶ୍ୱ ଯକ୍ଷ୍ମା ଦିବସ (ୱାର୍ଲ୍ଡ ଟ୍ୟୁବରକ୍ୟୁଲୋସିସ୍ ଡେ') ପ୍ରତିବର୍ଷ ୨୪ ମାର୍ଚ୍ଚରେ ପାଳନ କରାଯାଉଛି। ବିଶ୍ୱରେ ଯକ୍ଷ୍ମା ବା ଟିବି ସଂକ୍ରମଣ ରୋକିବାକୁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ଏହି ଦିବସ ପାଳନ କରାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ଦ୍ୱାରା ବିଶ୍ୱରେ ଚଳାଯାଉଥିବା ୭ଟି ସ୍ୱାସ୍ଥ୍ୟ ସମ୍ପର୍କିତ ଦିବସ ମଧ୍ୟରେ ବିଶ୍ୱ ଯକ୍ଷ୍ମା ଦିବସ ଅନ୍ୟତମ। ୧୮୮୨ରେ ୨୪

## ବିଶ୍ୱ ଯକ୍ଷ୍ମା ଦିବସ



ମାର୍ଚ୍ଚରେ ବର୍ଲିନ୍ ବିଶ୍ୱବିଦ୍ୟାଳୟର ଇନଷ୍ଟିଚ୍ୟୁଟ୍ ଅଫ୍ ହାଇଜିନ୍‌ରେ ଏକ ବୈଜ୍ଞାନିକ ଦଳକୁ ଡ. ରବର୍ଟ କୋଚ୍ ଟିବି କେଉଁ କାରଣରୁ ହେଉଛି ସେନେଇ ଆବିଷ୍କାର କରିବା ସହ ଏହାର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସେହି ସମୟରେ ୟୁରୋପ ଓ ଆମେରିକାରେ ଏହି ରୋଗ ଭୟଙ୍କର ରୂପ ନେଇଥିଲା ଓ ପ୍ରତି ୭ ଜଣରେ ଜଣଙ୍କର ମୃତ୍ୟୁ ହେଉଥିଲା। କୋଚ୍‌ଙ୍କ ଏହି ଯୁଗାନ୍ତକାରୀ ଆବିଷ୍କାର ଟିବିର ଚିକିତ୍ସା ଓ ଏଥିରୁ ଉପଶମ ପାଇବାର ପଥ ଦେଖାଇଥିଲା। କିନ୍ତୁ ଏହାର ଶହେ ବର୍ଷ ପରେ ଅର୍ଥାତ୍ ୧୯୮୨ରେ କୋଚ୍ ଟିବି ସମ୍ବନ୍ଧରେ ଉପସ୍ଥାନ କରିଥିବା ତଥ୍ୟର ଶତବାର୍ଷିକୀ ପାଳନ ଅବସରରେ ଦି ଇଣ୍ଟରନ୍ୟାଶନାଲ ୟୁନିୟନ ଏଗ୍ରେଷ୍ଟ ଟ୍ୟୁବରକ୍ୟୁଲୋସିସ୍ ଆଣ୍ଡ୍ ଲଙ୍ଗ୍ ଡିଜିଜ୍(ୟୁଏଟିଏଲ୍‌ଡି) ୨୪ ମାର୍ଚ୍ଚକୁ ବିଶ୍ୱ ଯକ୍ଷ୍ମା ଦିବସ ଭାବେ ଘୋଷଣା କରିବାକୁ ପ୍ରସ୍ତାବ ଦେଇଥିଲା। ବର୍ଷେବ୍ୟାପୀ ପାଳିତ ହୋଇଥିବା ଏହି ଶତବାର୍ଷିକୀ ଅବସରରେ ୟୁଏଟିଏଲ୍‌ଡି ଓ ଡବ୍ଲ୍ୟୁଏଚ୍‌ଓ ଦ୍ୱାରା 'ଟିବିକୁ ପରାସ୍ତ କର: ଏବେ ଓ ସବୁଦିନ ପାଇଁ' ଏହି ସ୍ଲୋଗାନରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଇଥିଲେ ବି ଏହାର ଦଶ ବର୍ଷ ଯାଏ ଜାତିସଂଘ ଓ ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ଏହାକୁ ପ୍ରତିବର୍ଷ ପାଳନ କରାଯିବା ପାଇଁ ସ୍ୱୀକୃତି ପ୍ରଦାନ କରାଯାଇ ନ ଥିଲା। କିନ୍ତୁ ପରେ ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ୍ ନେଇ ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇଆସୁଅଛି।

୨୦୧୨ରେ ବିଶ୍ୱରେ ୮.୬ ମିଲିୟନ ଲୋକ ଟିବି ବା ଯକ୍ଷ୍ମା ରୋଗରେ ପୀଡିତ ହୋଇଥିଲେ ଓ ଏମାନଙ୍କ ମଧ୍ୟରୁ ୧.୩ ମିଲିୟନ ମୃତ୍ୟୁମୁଖରେ ପଡିଥିଲେ। ବିଶେଷକରି ନିମ୍ନ ଓ ମଧ୍ୟମ ଆୟବର୍ଗର ଦେଶଗୁଡିକରେ ମୃତକଙ୍କ ସଂଖ୍ୟା ଅଧିକ ରହିଥିଲା। ଏହି ସଂଖ୍ୟା ହ୍ରାସ କରିବା ଲାଗି ସେବେଠାରୁ ବିଶ୍ୱରେ ଏହି ଦିବସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସୁଛି। ବିଶ୍ୱରେ ପ୍ରତିଦିନ ଏହି ରୋଗରେ ୪ ହଜାର ପୀଡିତଙ୍କ ମୃତ୍ୟୁ ହେଉଛି ଓ ୩୦ ହଜାର ବ୍ୟକ୍ତି ଏଥିରେ ପୀଡିତ ହେଉଛନ୍ତି। ୨୦୦୦ରୁ ୨୦୧୮ ମଧ୍ୟରେ ଯକ୍ଷ୍ମା କବଳରୁ ବିଶ୍ୱରେ ୫ କୋଟି ୮୦ ଲକ୍ଷ ଲୋକଙ୍କ ଜୀବନ ବଞ୍ଚାଯାଇପାରିଛି। କେବଳ ୨୦୧୮ରେ ୧ କୋଟି ଲୋକ ଏଥିରେ ପୀଡିତ ହୋଇଛନ୍ତି ଓ ଏମାନଙ୍କ ମଧ୍ୟରୁ ୧୫ ଲକ୍ଷଙ୍କ ମୃତ୍ୟୁ ଘଟିଛି। ଭାରତରେ ୨୦୦୬ରୁ ୨୦୧୪ ମଧ୍ୟରେ କରାଯାଇଥିବା ଏକ ସର୍ଭେରୁ ଜଣାପଡିଥିଲା ଯେ, ପ୍ରତିବର୍ଷ ଯକ୍ଷ୍ମାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ଘଟୁଥିଲା। କିନ୍ତୁ ୨୦୧୯ରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ଯେ, ଦେଶରେ୨୦୧୮ରେ କେବଳ ୨.୧୫ ମିଲିୟନ(୨୧.୫ ଲକ୍ଷ)ନୂଆ ଯକ୍ଷ୍ମା ରୋଗୀ ସାମ୍ନାକୁ ଆସିଛନ୍ତି। ସରକାର ଏହି ରୋଗକୁ ସଫଳତାର ସହ ମୁକାବିଲା କରିବାକୁ ଅଣ୍ଟାଭିଡିଛନ୍ତି ସତ, କିନ୍ତୁ ଏହାକୁ ସମୂଳେ ଧ୍ୱଂସ କରିବା ଲାଗି ଆମକୁ ଆହୁରି ପଦକ୍ଷେପ ନେବାକୁ ପଡିବ।


**ମୁମ୍ବାଇ:** ବଲିଉଡ୍ ସେଲିବ୍ରିଟିମାନେ ଏବେ କାମରୁ ସାମାନ୍ୟ ବିରତି ପାଇଛନ୍ତି। କରୋନା ଭାଇରସ ପାଇଁ ଏବେ ସମସ୍ତ ଶୁଟିଂ ବନ୍ଦ ଥିବାବେଳେ ଅଧିକାଂଶ ସେଲିବ୍ରିଟି ନିଜ ନିଜ ଘରେ ବନ୍ଦ ହୋଇ ରହିଛନ୍ତି। ଏହାସହ ସୋସିଆଲ ମିଡିଆରେ ଏମାନେ ତାଙ୍କ ଫ୍ୟାନମାନଙ୍କୁ ନିଜ ସମ୍ପର୍କରେ ଅପ୍‌ଡେଟ୍ ମଧ୍ୟ ଦେଉଛନ୍ତି। ଏହି କ୍ରମରେ ବଲିଉଡ୍ ଅଭିନେତା ରଣବୀର ସିଂ କହିଛନ୍ତି, ଖାଲି ସମୟରେ ଆମେ ସ୍ୱାମୀ-ସ୍ତ୍ରୀ ଖାଉଛୁ, ଶୋଉଛୁ, ବ୍ୟାୟାମ କରୁଛୁ ଇତ୍ୟାଦି। ସବୁଠାରୁ ବଡ କଥା ହେଲା ଏହି ସମୟରେ ଦୀପିକା ପିଆନୋ ବଜାଇବା ଅଭ୍ୟାସ କରୁଛନ୍ତି ବୋଲି ସେ କହିଛନ୍ତି। ଏହି ପୋଷ୍ଟ ସହ ରଣବୀର ଦୀପିକାଙ୍କର ଏକ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଫଟୋ ମଧ୍ୟ ଶେୟାର କରିଛନ୍ତି। ଏହା ପୂର୍ବରୁ ରଣବୀର ନିଜର ଏକ ଫନି ଫଟୋ ମଧ୍ୟ ଶେୟାର କରିଥିବା ଦେଖାଯାଇଥିଲା।

# ପିଆନୋ ଶିଖୁଛନ୍ତି ଦୀପିକା



କରୋନା ଭାଇରସ୍ ହେଉଛି ଈଶ୍ୱରଙ୍କ ସମାଜ ଉପରେ ଏକ ଦଣ୍ଡ। ଏକଥାର ପ୍ରମାଣ ବାଇବେଲରେ ରହିଛି ବୋଲି ଲେଖକ ବିଲୀ ପ୍ରିବିଟ୍ ଏହି ଦାବି କରିଛନ୍ତି। ଲେଖକ ଜଣକ ନିଜ ପୁସ୍ତକରେ ଇସ୍ରାଏଲରେ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ ସହିତ କରୋନା ଭାଇରସକୁ ତୁଳନା କରିଛନ୍ତି। ସେ କହିଛନ୍ତି, ଈଶ୍ୱର ଲୋକମାନଙ୍କୁ ଦଣ୍ଡ ଦେବା ପାଇଁ ୧୦ ପ୍ରକାରର ବିପର୍ଯ୍ୟୟ ସୃଷ୍ଟି କରନ୍ତି। ତେଣୁ ସେହି ବିପତ୍ତିସ୍ୱରୂପ ଈଶ୍ୱର ପୃଥିବୀପୃଷ୍ଠକୁ ଏବେ କରୋନା ଭାଇରସ୍ ପଠାଇଛନ୍ତି। କରୋନା ଭାଇରସ୍‌ର ସମସ୍ୟା ସମାଧାନ ବିଷୟରେ ସମସ୍ତଙ୍କୁ ଜଣାଥିଲେ ବି ଏହା କେହି କରିପାରୁନାହାନ୍ତି। ତେଣୁ ଏଭଳି ବିପର୍ଯ୍ୟୟକୁ କେବଳ ଈଶ୍ୱରଙ୍କ ଦଣ୍ଡ ହିଁ କୁହାଯାଇପାରିବ ବୋଲି ସେ କହିଛନ୍ତି। ବାଇବେଲ ଅନୁସାରେ ଯେଉଁଠାରେ ଭଲ ଲୋକଙ୍କ ଅଭାବ ହୁଏ ଓ ପାପ ଅଧିକ ହୋଇଥାଏ, ସେତେବେଳେ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼େ। ସେହିଭଳି ସାଧୁସନ୍ଥଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇଲେ ବି ପରମେଶ୍ୱର ଦଣ୍ଡ ବିଧାନ ସ୍ୱରୂପ ବିପର୍ଯ୍ୟୟ ପଠାଇଥାନ୍ତି ବୋଲି ପ୍ରିବିଟ୍ କହିଛନ୍ତି।


# ବାଇବେଲରେ କରୋନା





**ଅଗରତାଲା:** କଣ୍ଢେଇ ମାଧ୍ୟମରେ ଲୋକଙ୍କୁ କରୋନା ଭାଇରସ୍ ନେଇ ସଚେତନ କରାଯାଇଛି। ଏଭଳି ଭିନ୍ନ ଏକ ଉଦ୍ୟମ କରି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ତ୍ରିପୁରା ପପେଟ୍ ଥିଏଟର (ଟିପିଟି)। ୬୫ ବର୍ଷ ତଳର ଏହି ସାଂସ୍କୃତିକ ରଙ୍ଗମଞ୍ଚ ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଛି। ଲୋକଙ୍କୁ ସଚେତନ କରିବା ପାଇଁ କଣ୍ଢେଇ ନାଚ ମାଧ୍ୟମରେ ବାର୍ତ୍ତା ଦିଆଯାଉଛି। କଣ୍ଢେଇମାନେ ପ୍ରତୀକାତ୍ମକଭାବେ କରୋନା ଭାଇରସ୍‌ରୁ ରକ୍ଷା ପାଇବା ନିମନ୍ତେ କ'ଣ ସବୁ କରିବାକୁ ହେବ ଏବଂ କେଉଁ ସବୁ ଲକ୍ଷଣ ଥିଲେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ହେବ ସେସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି। ସୁନ୍ଦର କାହାଣୀ ମାଧ୍ୟମରେ କଣ୍ଢେଇ ନାଚରେ କରୋନା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଶେଷରେ କିପରି ଭାବେ ସଫା ରହିବାକୁ ହେବ ସେନେଇ ମଧ୍ୟ କଣ୍ଢେଇମାନେ ଲୋକଙ୍କୁ ବୁଝାଉଛନ୍ତି। ତେବେ ଲୋକଙ୍କ ଗହଳି ରୋକିବା ପାଇଁ ଏବେ ସରକାର ଏଭଳି କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ କଟକଣା ଲଗାଇଥିବାରୁ ଅନ୍‌ଲାଇନ ମାଧ୍ୟମରେ ଏହି କଣ୍ଢେଇ ନାଚ ପ୍ରଦର୍ଶନ କରାଯାଉଛି।

# କଣ୍ଢେଇ ମାଧ୍ୟମରେ କରୋନା ସଚେତନତା



# ମାସ୍କ ତିଆରି ଶିଖାଉଛନ୍ତି ଷଷ୍ଠ ଶ୍ରେଣୀ ଛାତ୍ରୀ

**ଜମ୍ମୁ:** କଥାରେ ଅଛି ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ। ଏହି ଉକ୍ତିକୁ ପ୍ରମାଣ କରିଛନ୍ତି ଶ୍ରୀନଗରର ପିରବାଗରେ ଥିବା କୁନି ଝିଅ ବାଲି ହୟାତ। ସେ ଶ୍ରୀନଗରର ଇସଲାମିଆ ସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ରୀ। ଏବେ କରୋନା ଭାଇରସ୍ ନେଇ ଲୋକଙ୍କୁ ସଚେତନ କରିବା ପାଇଁ ସେ ଆଗେଇ ଆସିଛନ୍ତି। ଖାଲି ସେତିକି ନୁହେଁ , ଏଇ ବୟସରେ ବି ସେ ଲୋକଙ୍କୁ ସଚେତନ କରିବା ସହିତ ମାସ୍କ ତିଆରି କରିବା ବି ଶିଖାଉଛନ୍ତି।

ଏବେ ଅଧିକାଂଶ ସ୍ଥାନରେ ମାସ୍କର ବହୁଳ ବ୍ୟବହାର ଫଳରେ ବଜାରରେ ଏହାର ଅଭାବ ଦେଖାଦେଇଛି। ତେଣୁ ଏଇ ସମସ୍ୟା ଦୂର କରିବା ପାଇଁ ହୟାତ ନିଜେ ନିଜେ ମାସ୍କ ତିଆରି କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଆଉ ପୁରୁଣା ମାସ୍କକୁ ଦେଖିବା ପରେ ସେ ନିଜେ ଘରେ ଥିବା ସୂତା କପଡାରେ ମାସ୍କ ତିଆରି କରିଥିଲେ। ହୟାତଙ୍କର ମାସ୍କ ଡବଲ ଲେୟାରରେ ବଜାରରେ ମିଳୁଥିବା ମାସ୍କ ଭଳି ହୋଇପାରିଛି। ଏବେ ସେ ଏହି ମାସ୍କ ତିଆରି କରି ପଡ଼ୋଶୀ ତଥା ବନ୍ଧୁମାନଙ୍କୁ ବାଣ୍ଟିବା ସହିତ ମାସ୍କ ତିଆରି କରିବା ବି ଶିଖାଉଛନ୍ତି। ହୟାତଙ୍କ ବାପା ତନବୀର ଜଣେ ଇଞ୍ଜିନିୟର ଏବଂ ମା ସୁଲତାନ ହୋମିଓପ୍ୟାଥି ଡାକ୍ତର। ତେଣୁ ଝିଅର ମାସ୍କ ବାଣ୍ଟିବା ଦେଖି ସେମାନେ ବହୁତ ଖୁସି ହୋଇଯାଇଛନ୍ତି। ହୟାତଙ୍କୁ ଏବେ ମାସ୍କ ତିଆରି କାମରେ ତାଙ୍କ ଭଉଣୀ ବି ସାହାଯ୍ୟ କରୁଛନ୍ତି। ହୟାତଙ୍କ କହିବା କଥା ସରକାର ସମସ୍ତଙ୍କୁ ମାସ୍କ ଯୋଗାଇବା ସମ୍ଭବ ନୁହେଁ। ତେଣୁ ସମସ୍ତେ ନିଜ ପାଇଁ ନିଜେ ମାସ୍କ ତିଆରି କରନ୍ତୁ।




କରୋନାରେ ପୀଡ଼ିତ ବା ସଂକ୍ରମିତ ଗର୍ଭବତୀଙ୍କଠାରୁ ଗର୍ଭସ୍ଥ ଭ୍ରୂଣକୁ ଭାଇରସ୍ ବ୍ୟାପେନାହିଁ। ନିକଟରେ ଚାଇନାରେ ହୋଇଥିବା ଏକ ଅନୁଧ୍ୟାନରୁ ଏହା ଜଣାପଡ଼ିଥିବା ସ୍ପଷ୍ଟ ହୋଇଛି। ଫ୍ରଣ୍ଟିୟର ଇନ୍ ପେଡିଆଟିକ୍ସରେ ପ୍ରକାଶିତ ଏହି ରିପୋର୍ଟରେ କୁହାଯାଇଛି ଯେ, ଚାଇନାର ଉହାନସ୍ଥିତ ହୁଜହୋଙ୍ଗ ୟୁନିଭରସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ବିଶେଷଜ୍ଞମାନେ ଏହି ଅଧ୍ୟୟନ କରିଥିଲେ। ଗୋଟିଏ ମାସ୍‌ରେ ଦୁଇ ଦୁଇଥର ଗବେଷଣା କରିବା ପରେ ଏହି ଭାଇରସ୍ ଗର୍ଭବତୀ ମହିଳାଙ୍କଠାରୁ ଗର୍ଭରେ ବଢୁଥିବା ସନ୍ତାନ ନିକଟରେ ପହଞ୍ଚେ ନାହିଁ ବୋଲି ଜାଣିବାକୁ ପାଇଥିଲେ।

କରୋନାର ଉତ୍ପତ୍ତିସ୍ଥଳ ଉହାନର ୪ଜଣ ଗର୍ଭବତୀଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଥିଲା। ସମ୍ପୃକ୍ତ ମହିଳାମାନେ ଉହାନର ୟୁନିୟନ ହସ୍ପିଟାଲରେ ତାଙ୍କ ଶିଶୁଙ୍କୁ ଜନ୍ମ ଦେଇଥିଲେ। ଏହାପରେ ନବଜାତକମାନଙ୍କୁ ତୁରନ୍ତ ନିୟୋନେଟଲ ୟୁଟିନ୍‌ରେ ରଖାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଥିଲା। ତେବେ କୌଣସି ଶିଶୁଙ୍କଠାରେ କରୋନା ଭାଇରସ୍ ସମ୍ପର୍କିତ ଲକ୍ଷଣମାନ ଦେଖାଯାଇ ନ ଥିଲା। ଏପରିକି ଜଣେ ଶିଶୁକୁ ବାଦ୍ ଦେଇ ଅନ୍ୟ ତିନିଜଣଙ୍କ ଗଳାରେ ଇନ୍ଫେକ୍ସନ ହୋଇଛି କି ନାହିଁ ତାହା ଜାଣିବା ପାଇଁ ପରୀକ୍ଷା ମଧ୍ୟ କରାଯାଇଥିଲା। ରିପୋର୍ଟ ଆସିବା ପରେ ଜଣାପଡ଼ିଥିଲା ଯେ, ଗୋଟିଏ ଶିଶୁର ଶ୍ୱାସକ୍ରିୟାରେ ସାମାନ୍ୟ ସମସ୍ୟା ଥିବାବେଳେ ଅନ୍ୟ ଦୁଇଜଣଙ୍କ ଶ୍ୱାସକ୍ରିୟା ସମସ୍ୟା କିଛି ସମୟ ପରେ ଠିକ୍ ହୋଇଯାଇଥିଲା ବୋଲି ଜଣେ ବିଶେଷଜ୍ଞ ୟେଲେନ ଲିଉ ଏକ ବୟାନରେ କହିଛନ୍ତି। ଅଧ୍ୟୟନକାରୀ ଟିମ୍ ପକ୍ଷରୁ କୁହାଯାଇଛି, ସମସ୍ତ ଶିଶୁ ଓ ସେମାନଙ୍କ ମା' ଏବେ ସୁସ୍ଥ ଅଛନ୍ତି। ଡାକ୍ତର ସତର୍କତାର ସହ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିଛନ୍ତି। ପ୍ରସବ କରିବାର କିଛି ସମୟ ପୂର୍ବରୁ ଯେଉଁ ଗର୍ଭବତୀମାନେ ଭାଇରସ୍ ସଂକ୍ରମିତ ହୋଇଥିଲେ, ସେମାନଙ୍କୁ ଏବେ ନବଜାତକଙ୍କଠାରୁ ଦୁଇ ସପ୍ତାହ ଅଲଗା ରଖାଯାଇଛି। ୟୁଏସ୍ ସେଣ୍ଟର୍ସ ଫର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ ଏପରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିବା ବେଳେ ବ୍ରିଟେନ କିନ୍ତୁ ଏଥିରେ ସହମତ ହୋଇନାହିଁ। ବିଶେଷଜ୍ଞ ଓ୍ୱବ୍ରିୟେନଙ୍କ ଟିମ୍ କହିଛନ୍ତି, ୟୁକେ ରୟାଲ କଲେଜ ଅଫ୍ ପେଡିଆଟ୍ରିକ୍ସ ଏବଂ ଚାଇଲ୍ଡ ହେଲ୍‌ଥ ଏଥିରେ ସହଯୋଗ କରୁଛି। ଯଦି ନବଜାତ ଶିଶୁଙ୍କୁ ସଂକ୍ରମିତ ମା'ଠାରୁ ଏପରି ଅବସ୍ଥାରେ ଅଲଗା ରଖାଯାଏ, ତେବେ ସ୍ତନ୍ୟପାନରୁ ମିଳୁଥିବା ସଂକ୍ରମଣ ପ୍ରତିରୋଧର ପ୍ରଚୁର ଶକ୍ତି ଶିଶୁ ପାଇପାରି ନ ଥାଏ। ସେହିପରି ଶିଶୁକୁ ପାଖରେ ରଖାଯାଇ ମା'ର ପ୍ରସବ ଆଘାତକୁ କିପରି କମାଯାଇପାରିବ ତାହା ଉପରେ ରୟାଲ କଲେଜ ଅଫ୍ ପେଡିଆଟ୍ରିକ୍ସ ଆଣ୍ଡ ଚାଇଲ୍ଡ ହେଲ୍‌ଥ ପକ୍ଷରୁ ଧ୍ୟାନ ଦିଆଯାଉଥିବା ଓ୍ୱବ୍ରିୟେନ୍ କହିଛନ୍ତି। ଏଥିସହ ପ୍ରାଥମିକ ରିପୋର୍ଟ ଅନୁସାରେ ସ୍ତନ୍ୟପାନ ଦ୍ୱାରା ମଧ୍ୟ ମା'ଠାରେ ଥିବା ଭାଇରସ୍ ଶିଶୁକୁ ସଂକ୍ରମିତ କରି ନ ଥାଏ। ତେବେ ସ୍ତନ୍ୟପାନ ବେଳେ ମା' ଅନ୍ୟ ସାବଧାନତା ଅବଲମ୍ବନ କରିବା ଉଚିତ। ମୁହଁରେ ମାସ୍କ ବ୍ୟବହାର କରିବା ଓ ଭଲ ଭାବେ ହାତ ଧୋଇବା ପରେ ଯାଇ ମା' ଶିଶୁକୁ ସ୍ତନ୍ୟପାନ କରାଇବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ଅଧିକାରୀମାନେ ପରାମର୍ଶ ଦେଉଛନ୍ତି। ତେବେ ଯେଉଁମାନେ ପ୍ରସବ ପୂର୍ବରୁ ଭାଇରସ୍‌ମୁକ୍ତ ହୋଇଛନ୍ତି, ସେମାନେ ନିଜ ଶିଶୁକୁ ଏହି ଭାଇରସ୍‌ରୁ କିଛିଟା ସୁରକ୍ଷା ଦେବା ପାଇଁ ନିର୍ବିଘ୍ନରେ ସ୍ତନ୍ୟପାନ କରାଇପାରିବେ ବୋଲି ଉକ୍ତ ରିପୋର୍ଟରେ ଦାବି କରାଯାଇଛି।

# ସଂକ୍ରମିତ ଗର୍ଭବତୀଙ୍କଠାରୁ ଭ୍ରୂଣକୁ ବ୍ୟାପେନି ଭାଇରସ୍

# କୋଭିଡ୍-୧୯: କରୋନା ଫେମିଲିର ୭ମ ଭାଇରସ୍



**ୱାଶିଂଟନ:** କରୋନା ଭାଇରସ୍‌କୁ ନେଇ ସାରା ଦୁନିଆରେ ସୃଷ୍ଟି ହୋଇଛି ହାହାକାର ପରିସ୍ଥିତି। ଭୂତାଣୁ ସଂକ୍ରମଣ ରୋକିବାକୁ ଲଗାଯାଇଥିବା ପ୍ରତିବନ୍ଧକ ସ୍ୱାଭାବିକ ଜୀବନଯାତ୍ରାକୁ ପ୍ରଭାବିତ କରିଛି। ଅଦ୍ୟାବଧି ୧୯୨ ଦେଶକୁ କବଳିତ କରିଥିବା ଏହି ମାରାତ୍ମକ ଭୂତାଣୁ କବଳରୁ ରକ୍ଷା ପାଇବାକୁ ବୈଜ୍ଞାନିକମାନେ ଆରମ୍ଭ କରିଛନ୍ତି କସରତ। ହେଲେ ଅଦ୍ୟାବଧି ଏହାର ପ୍ରତିଷେଧକ ବାହାରି ପାରିନାହିଁ। ଅନ୍ୟପଟେ ଭୂତାଣୁର ବ୍ୟବହାର, ପ୍ରକୃତି ଏବେ ବି ଅବୁଝା ରହିଛି। ତେଣୁ ସବୁଆଡ଼େ ସୃଷ୍ଟି ହୋଇଛି ଜଟିଳ ପରିସ୍ଥିତି। ତେବେ କେବଳ କୋଭିଡ-୧୯ ନୁହେଁ, ଏହାପୂର୍ବରୁ ଅନେକ ଭାଇରସ୍ ମାନବ ସଭ୍ୟତା ପ୍ରତି ସୃଷ୍ଟି କରିଛନ୍ତି ବିପଦ।

ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କୋଭିଡ୍-୧୯ ହେଉଛି କରୋନା ପରିବାରର ୭ମ ଭାଇରସ୍। ଏଥିପୂର୍ବରୁ ପୃଥିବୀବାସୀ ୬ ପ୍ରକାର ଭୂତାଣୁ ସହ ମୁହାଁମୁହିଁ ହୋଇଛନ୍ତି। ସେଥିମଧ୍ୟରୁ ଗୋଟିଏ ହେଉଛି 'ଏଚ୍‌ସିଓବି-୨୨୯ ଇ'। ଏହି ଭାଇରସ୍ ମନୁଷ୍ୟ ଏବଂ ଚେମିଣିଙ୍କୁ ସଂକ୍ରମିତ ହୋଇଥାଏ। ଅନ୍ୟ ଏକ ଭାଇରସ୍ ହେଲା 'ଏଚ୍‌ସିଓବି-ଏନ୍‌ଏଲ୍-୬୩'। ୨୦୦୪ରେ ଏହି ଭୂତାଣୁକୁ ଠାବ କରାଯାଇଥିଲା। 'ଏଚ୍‌ସିଓବି-ଓସି-୪୩' ହେଉଛି ଏକ ସାଧାରଣ ଭାଇରସ୍। ଏଥିରେ ସଂକ୍ରମିତ ହେଲେ ସାମାନ୍ୟ ସର୍ଦ୍ଦି, ଥଣ୍ଡା, କାଶ ଭଳି ରୋଗ ହୋଇଥାଏ। ଏଚ୍‌ସିଓବି-ଏଚ୍‌କେୟୁ-୧ ଭାଇରସ୍‌କୁ ୨୦୦୫ରେ ହଂକଂର ଜଣେ ୭୧ବର୍ଷୀୟ ବ୍ୟକ୍ତିଙ୍କ ନିକଟରେ ଠାବ କରାଯାଇଥିଲା। କରୋନା ପରିବାରର ଅନ୍ୟ ଏକ ଭାଇରସ୍ ହେଉଛି ସାର୍ସ। ୨୦୦୩ରେ ଏହି ଭୂତାଣୁ ଅନେକ ଜୀବନ ନେଇଥିଲା। ୨୦୧୨ରେ ମଧ୍ୟପ୍ରାଚ୍ୟରେ ମର୍ସର ଭୟଙ୍କର ପ୍ରକୋପ ଦେଖିବାକୁ ମିଳିଥିଲା। ସାଉଦୀ ଆରବରେ ଏହି ଭୂତାଣକୁ ପ୍ରଥମେ ଖୋଜାଯାଇଥିଲା।

ତେବେ କରୋନା ଅଦ୍ୟାବଧି ଠାବ କରାଯାଇଥିବା ସବୁଠାରୁ ଭୟଙ୍କର ଭାଇରସ୍ ବୋଲି ବିବେଚନା କରାଯାଉଛି। ଏହି ଭୂତାଣୁ ସଂକ୍ରମଣର ପ୍ରଥମ ମାମଲା ୨୦୧୯ ଡିସେମ୍ବର ମାସରେ ଚାଇନାର ଉହାନ ସହରରେ ସାମ୍ନାକୁ ଆସିଥିଲା। ତେବେ କୋଭିଡ୍-୧୯ର ସଂକ୍ରମଣ ସବୁଠାରୁ ଚିନ୍ତାଜନକ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏହାର କାରଣ ବୁଝାଇବାକୁ ଯାଇ ହଂକଂ ୟୁନିଭର୍ସିଟିର କ୍ଲିନିକାଲ ପ୍ରଫେସର ଜନ୍ ନିକୋଲାସ କହିଛନ୍ତି, କୋଭିଡ୍-୧୯ର ସଂକ୍ରମଣର ଲକ୍ଷଣ ବିଳମ୍ବରେ ଜଣାପଡୁଛି। ସଂକ୍ରମଣ ହେବାର ସପ୍ତାହେ ଦୁଇସପ୍ତାହ ପରେ ଏହା ପଦାକୁ ଆସୁଛି। ସେତେବେଳକୁ ଅନେକ ବ୍ୟକ୍ତି ସଂକ୍ରମଣର ଶିକାର ହୋଇସାରିଥାନ୍ତି। ଅନ୍ୟପଟେ ଏହି ଭାଇରସ ସିଧାସଳଖ ଶ୍ୱାସତନ୍ତ୍ରକୁ ଅକାମୀ କରିଦେଉଛି। କାଶ, ଛିଙ୍କ ଦ୍ୱାରା ଏହି ଭୂତାଣୁ ୬ ଫୁଟ ଯାଏ ପହଞ୍ଚିବା କ୍ଷମତା ରଖିଛି। ଏହି କାରଣରୁ ସଂକ୍ରମିତଙ୍କ ସଂଖ୍ୟା ଲକ୍ଷାଧିକ ଟପିଯାଇଥିବା ପ୍ରଫେସର ଜନ୍ ସୂଚନା ଦେଇଛନ୍ତି।



ସୌନ୍ଦର୍ଯ୍ୟ

# ଉଷୁମପାଣି ଓ ଉଜ୍ଜ୍ୱଳ ତ୍ୱଚା

ଉଷୁମପାଣି ପିଇବା ଶରୀର ଲାଗି ବେଶ୍ ଉପକାରୀ। ଏହା ମେଦ ହ୍ରାସ କରିବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାଠୁ ଦୂରେଇ ରଖିବାରେ ସାହାଯ୍ୟକରେ। ତେବେ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ଉଷୁମପାଣି ବରଦାନ ସଦୃଶ। ଆସନ୍ତୁ, ଜାଣିବା ସେ ସମ୍ପର୍କରେ...



➡ଦୈନିକ ଦୁଇରୁ ତିନି ଗ୍ଲାସ୍ ଉଷୁମପାଣି ପିଇଲେ ତ୍ୱଚାର ଜଳୀୟାଂଶ ଠିକ୍ ରହିଥାଏ। ଫଳରେ ତ୍ୱଚା ରୁକ୍ଷ ଲାଗି ନ ଲାଗି ଚିକ୍କଣ ଏବଂ ଉଜ୍ଜ୍ୱଳ ଲାଗିଥାଏ। ଉଷୁମପାଣିରେ ଅଳ୍ପ ଲେମ୍ବୁରସ କିମ୍ବା ମହୁ ମିଶାଇ ପିଇଲେ ଏହା ଅଧିକ ଲାଭଦାୟକ ହୋଇଥାଏ।

➡ବର୍ତ୍ତମାନ ଅନେକଙ୍କଠାରେ ବ୍ରଣ ସମସ୍ୟା ଦେଖାଯାଉଛି। ଯଦି ପ୍ରତିଦିନ ସକାଳେ ଖାଲିପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ୍ ଉଷୁମ ପାଣି ପିଇବେ ତେବେ ଏହି ସମସ୍ୟା ଦୂରହେବ।

➡ବର୍ତ୍ତମାନ ଅନେକଙ୍କଠାରେ ଅଳ୍ପ ବୟସରୁ ଏଜ୍ ଲାଇନ୍ ବା ରିଙ୍କଲ ମାର୍କ ଦେଖିବାକୁ ମିଳୁଛି। ଏହାକୁ ଦୂରକରିବାରେ ଦୈନିକ ୩ ଥର ଉଷୁମପାଣି ପିଇବା ବେଶ୍ ସହାୟକ। କାରଣ ଉଷୁମପାଣି ଶରୀର ଭିତରୁ ବିଷାକ୍ତ ପଦାର୍ଥ ବାହାର କରିବା ସହ ଏଜ୍ ଲାଇନ୍ ଦୂରକରିଥାଏ।

➡ଯେଉଁମାନଙ୍କଠାରେ ସ୍କିନ୍ ଇନ୍‌ଫେକ୍ସନ୍ ସମସ୍ୟା ରହିଛି, ସେମାନଙ୍କ ଲାଗି ଉଷୁମପାଣି ସବୁଠୁ ଉପକାରୀ। ଏହା ରକ୍ତ ସଫା କରିବା ସହ ତ୍ୱଚାରୁ ଇନ୍‌ଫେକ୍ସନ ସମସ୍ୟା ଦୂରକରି ସଫା ରଖିଥାଏ।

➡କେଶର ସୁରକ୍ଷା ଲାଗି ମଧ୍ୟ ଉଷୁମପାଣି ପିଇବା ଉପକାରୀ। ଏହାଦ୍ୱାରା କେଶ ନରମ ଏବଂ ଚିକ୍କଣ ରହିଥାଏ। ଏହା ରୂପି ସମସ୍ୟା ଦୂରକରିବା ସହ କେଶକୁ ମଜଭୁତ ରଖିବାରେ ବି ସାହାଯ୍ୟ କରିଥାଏ।

➡ଏହା ମେଦ ହ୍ରାସକରି ଆପଣଙ୍କ ଫିଗର ସୁନ୍ଦର ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ।

# ଗର୍ଭବତୀ ଓ କରୋନା ସତର୍କତା





ବର୍ତ୍ତମାନ ସମଗ୍ର ପୃଥିବୀବାସୀଙ୍କ ଚିନ୍ତାର କାରଣ ସାଜିଛି କରୋନା ଭାଇରସ୍। ସମସ୍ତଙ୍କ ଲାଗି ଏହି ରୋଗ ବିପଜ୍ଜନକ ହୋଇଥିଲେ ହେଁ ମଧୁମେହ ରୋଗୀ, ହୃଦ୍‌ରୋଗୀ, ଶ୍ୱାସରୋଗୀ, ବୃଦ୍ଧ ଓ ଛୋଟ ପିଲାମାନଙ୍କ ଠାରେ ଏହି ରୋଗ ହେବାର ଆଶଙ୍କା ବେଶି। ସର୍ବୋପରି ଗର୍ଭବତୀଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାରୁ ଏହି ରୋଗର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଏ ସମୟରେ ଉଭୟ ମା' ଏବଂ ଗର୍ଭସ୍ଥ ଶିଶୁର ସୁରକ୍ଷା ଲାଗି ବିଶେଷ ସତର୍କତା ଅବଲମ୍ବନ କରିବା ଆବଶ୍ୟକ...



ଖୁବ୍ କମ୍ ସମୟ ମଧ୍ୟରେ ସମଗ୍ର ପୃଥିବୀରେ ଭୟ ଏବଂ ଦୁଃଖର ବାତାବରଣ ଖେଳାଇ ଦେଇଛି କୋଭିଡ୍-୧୯ ଭୂତାଣୁ ବା କରୋନା ଭାଇରସ୍। ବିଶେଷକରି ସ୍ପର୍ଶ ମାଧ୍ୟମରେ ସଂକ୍ରମିତ ହେଉଥିବା ଏହି ଛୋଟ ଭୂତାଣୁ ଥରେ ସଂକ୍ରମିତ ହେଲେ ନା କେବଳ ଚିକିତ୍ସା କରିବା କଷ୍ଟସାଧ ହୋଇପଡୁଛି ବରଂ ବର୍ତ୍ତମାନ ସୁଦ୍ଧା ଏହା ହଜାର ହଜାର ଜୀବନହାନିର କାରଣ ସାଜିଛି । ତେବେ ସାଧାରଣ ମଣିଷଙ୍କ ତୁଳନାରେ ମଧୁମେହ ରୋଗୀ, ହୃଦ୍‌ରୋଗୀ, ଶ୍ୱାସରୋଗୀ, ବୃଦ୍ଧ ଓ ଛୋଟ ପିଲା ଏବଂ ସର୍ବୋପରି ଗର୍ଭବତୀଙ୍କ ଠାରେ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାରୁ ଏହି ରୋଗର ଆଶଙ୍କା ବେଶି। ଏହି ମହାମାରୀକୁ ରୋକିବା ଲାଗି ସଚେତନତା ଏବଂ ସତର୍କତା ହିଁ ଏକମାତ୍ର ଅସ୍ତ୍ର। ଜାଣି ରଖନ୍ତୁ ଗର୍ଭାବସ୍ଥାରେ କେଉଁ ସବୁ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...

➡ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବର୍ତ୍ତମାନ ପରିସ୍ଥିତିରେ ଗର୍ଭବତୀଙ୍କୁ ଅତି ଆବଶ୍ୟକ ନ ହେଲେ ଆଦୌ ଘରୁ ବାହାରିବା ଠିକ୍ ନୁହେଁ। ବିଶେଷକରି ନିଜକୁ ଜନଗହଳିଠାରୁ ଦୂରେଇ ରଖିବା ଉଚିତ। ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ ଓ ବିମାନ ବନ୍ଦରକୁ ନ ଯିବା ଭଲ। ଏମିତିକି ସାର୍ବଜନୀନ ଗହଳି ସ୍ଥାନରେ ଯୋଗଦେବା ବି ଠିକ୍ ନୁହେଁ। ଯିବା ନିହାତି ଜରୁରୀ ହେଲେ ମୁହଁ ଓ ନାକରେ ୩ ଲେୟାର ଥିବା ମାସ୍କ ପିନ୍ଧନ୍ତୁ। ତେବେ ସେଠାରେ କୌଣସି ଜିନିଷ ଛୁଇଁବା ଏବଂ ସାଧାରଣ ଜାଗାରେ ପରିବେଷିତ ହେଉଥିବା ଖାଦ୍ୟ ଖାଇବାଠାରୁ ନିଜକୁ ନିବୃତ୍ତ ରଖନ୍ତୁ।

➡ଏହାବ୍ୟତୀତ ଗର୍ଭବତୀଙ୍କୁ ଚେକ୍‌ଅପ୍ ଲାଗି ଡାକ୍ତରଖାନା ଯିବାକୁ ହେଲେ ମାସ୍କ ପିନ୍ଧିବା ସହ ବିଶେଷ ସତର୍କତା ଅବଲମ୍ବନ କରିବା ଜରୁରୀ। କାରଣ କରୋନା ରୋଗୀଙ୍କ କାଶ ଏବଂ ଛିଙ୍କ ଦ୍ୱାରା ଡ୍ରପ୍‌ଲେଟ୍ ସଂକ୍ରମଣ ମାଧ୍ୟମରେ ଲକ୍ଷ ଲକ୍ଷ ଭୂତାଣୁ ସ୍ପ୍ରେଡ୍ ହୋଇ ରୋଗ ଆଶଙ୍କା ବୃଦ୍ଧି କରିଥାଏ। ଗର୍ଭବତୀ ନିଜେ ମଧ୍ୟ କାଶିଲେ, ଛିଙ୍କିଲେ ମୁହଁରେ ରୁମାଲ ବା ଟିସୁ ପେପର ଦେବା ଦରକାର।

➡ହସ୍ପିଟାଲ କିମ୍ବା ବାହାରୁ ଫେରିବା ପରେ ଭଲ ଭାବେ ଧୋଇହେବା ସହ ପିନ୍ଧିଥିବା ପୋଷାକ ସଫା କରିନିଅନ୍ତୁ।

➡ବାରମ୍ବାର ସାବୁନ କିମ୍ବା ହ୍ୟାଣ୍ଡୱାଶ୍‌ରେ ହାତ ଧୋଇବା ଆବଶ୍ୟକ। ଏମିତିକି କବାଟ ହ୍ୟାଣ୍ଡେଲ, ଟେଲିଫୋନ୍, କମ୍ପ୍ୟୁଟର କିବୋର୍ଡ, ଟେବୁଲ ବା କୌଣସି ଜୈବିକ ପଦାର୍ଥର ସଂସ୍ପର୍ଶରେ ଆସିଲେ ମଧ୍ୟ ହାତ ସଫା କରିବା ଆବଶ୍ୟକ। ମୋବାଇଲ ଫୋନ୍ ଅଧିକ ବ୍ୟବହାର ହେଉଥିବାରୁ ଏହା ସାନିଟାଇଜରରେ ପୋଛିବା ଦରକାର।

➡ଯଦି ପରିବାରରେ ବା ପଡ଼ିଶାରେ କେହି କରୋନା ପ୍ରଭାବିତ ଦେଶରୁ ଫେରିଥାନ୍ତି ତେବେ ସଂକ୍ରମଣର ଆଶଙ୍କା ଦ୍ୱିଗୁଣିତ ହୋଇଯାଏ। ତେଣୁ ଏଭଳି ପରିସ୍ଥିତିରେ ଗର୍ଭବତୀଙ୍କୁ ସେମାନଙ୍କଠାରୁ ସମ୍ପୂର୍ଣ୍ଣ ଦୂରେଇ ରଖିବା ଆବଶ୍ୟକ।

➡ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ଏହି ରୋଗରେ ଆକ୍ରାନ୍ତ ହେଲେ ପ୍ରଥମେ ସାଧାରଣ ଥଣ୍ଡା, ଜ୍ୱର ଭଳି ଲକ୍ଷଣ ଦେଖାଦିଏ। ରୋଗ ବଢ଼ିଲେ ଅତ୍ୟଧିକ ଜ୍ୱର, କାଶ, ଗଳା ଦରଜ, ଛିଙ୍କ, ନାକରୁ ପାଣି ବୋହିବା, କ୍ଳାନ୍ତି, ମୁଣ୍ଡବ୍ୟଥା, ଦେହ ହାତ ଘୋଳା ବିନ୍ଧା, ବାନ୍ତି ହେବା ବା ଲାଗିବା, ଥକିପଡ଼ିବା, ଶୀତ ଲାଗିବା, ପେଟ ଗୋଳମାଳ, ଝାଡ଼ା ଆଦି ଲକ୍ଷଣ ମାନ ଦେଖାଯାଇଥାଏ। ଯଦିଓ ବର୍ତ୍ତମାନ ପାଣିପାଗ ପରିବର୍ତ୍ତନ ଯୋଗୁ ଅନେକଙ୍କଠାରେ ଏଭଳି ସମସ୍ୟା ଦେଖାଦେଉଛି, ତଥାପି ଏଭଳି ଲକ୍ଷଣ ଦେଖାଦେବା ମାତ୍ରେ ଅବହେଳା ନ କରି ମନଇଚ୍ଛା ଔଷଧ ଖାଇବା କିମ୍ବା ଘରୋଇ ଉପଚାର କରିବା ବଦଳରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶକ୍ରମେ ସମସ୍ତ ଟେଷ୍ଟ କରାଇବା ଆବଶ୍ୟକ।

# ସମର ଫ୍ୟାଶନ

ଧୀରେ ଧୀରେ ଖରା ବଢ଼ିବାରେ ଲାଗିଛି। ଗରମ ଆଉ ଝାଳରେ କ'ଣ ପିନ୍ଧିଲେ ଆରାମ ଲାଗିବ ତାକୁ ନେଇ ସମସ୍ତଙ୍କ ଚିନ୍ତା। ହେଲେ ଆପଣ ଚାହିଁଲେ ଏମିତି କିଛି ଗେଟ୍‌ଅପ୍ ବାଛିପାରିବେ ଯାହାକି ଆପଣଙ୍କୁ କମ୍ଫର୍ଟ ସହ ଫ୍ୟାଶନେବଲ ଲୁକ୍ ମଧ୍ୟ ମିଳିବ...



ଗରମ ଆରମ୍ଭ ହେବା ମାତ୍ରେ ମାର୍କେଟକୁ ଆସିଯାଏ ବିଭିନ୍ନ ପ୍ରକାର ନୂଆ ନୂଆ ସମର କଲେକ୍ସନ। ହେଲେ ଏହା ମଧ୍ୟରୁ କ'ଣ ପିନ୍ଧିଲେ ଆପଣ ଫ୍ୟାଶନେବଲ ଲାଗିବେ ଜାଣରଖନ୍ତୁ ସେ ସମ୍ପର୍କରେ...

– ଅଧିକ ଟାଇଟ୍ କିମ୍ବା ହେଭି ପୋଷାକ ପରିବର୍ତ୍ତେ ଲାଇଟ୍ ଏଥ୍‌ନିକ୍ ୱେର୍ ଏବେ ଡିମାଣ୍ଡରେ ଅଛି। ଜର୍ଜେଟ୍ କପଡ଼ାରେ ଚିକନକାରୀ ହୋଇଥିବା ସାଲୱାର୍ ସୁଟ୍ ଏବଂ ଦୁପଟା ଗରମରୁ ରକ୍ଷା କରିବା ସହ ଟ୍ରେଣ୍ଡି ଲୁକ୍ ବି ଦେବ।

– ଏହିଦିନେ ଡିପ୍ କଲର ପରିବର୍ତ୍ତେ ଲାଇଟ୍ କଲର ପୋଷାକ ବାଛନ୍ତୁ। ଆପଣ ଚାହିଁଲେ ବିଭିନ୍ନ ଲାଇଟ୍ କଲର ଡିଜିଟାଲ ପ୍ରିଣ୍ଟ କୁର୍ତ୍ତି ପିନ୍ଧିପାରିବେ। ଆରାମ ସହ ଆଟ୍ରାକ୍ଟିଭ୍ ଲୁକ୍ ପାଇଁ ଆପଣ ଚାହିଁଲେ ଏହାକୁ ପ୍ଲାଜୋ ଏବଂ ଲେଗିଂ ସହ ପେୟାର କରିପାରିବେ।

– ଯଦି ସମର ଗେଟ୍‌ଅପ୍‌ରେ ଷ୍ଟାଇଲିଶ୍ ଲାଗିବାକୁ ଚାହୁଁଛନ୍ତି ଏବଂ ନୂଆ କିଣିବା ଲାଗି ବଜେଟ କମ୍ ଅଛି ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ। କାରଣ ବର୍ତ୍ତମାନ ଅନେକ ଛୋଟ ବଡ଼ ଦୋକାନ ଏବଂ ଷ୍ଟ୍ରିଟ୍ ମାର୍କେଟରେ ଅଳ୍ପ ଟଙ୍କାରେ ଭଳିକି ଭଳି ସମର କଲେକ୍ସନ ଉପଲବ୍ଧ। ଆପଣ ସେଠାରୁ ଟପ୍ସ, ସ୍କର୍ଟ, କୁର୍ତ୍ତି, ପ୍ଲାଜୋ, ସାଲୱାର୍ ସୁଟ୍ ଇତ୍ୟାଦି କିଣି ମିକ୍ସ ମ୍ୟାଚ୍ କରି ପିନ୍ଧିପାରିବେ ।

– ଲକ୍ଷ୍ନୌ ଷ୍ଟିଚ୍ କଟନ ଟପ୍ସ, କୁର୍ତ୍ତି ମଧ୍ୟ ଏବେ ଅଧିକାଂଶ ପସନ୍ଦ କରୁଥିବାରୁ ଏହାର ଭଳିକି ଭଳି କଲେକ୍ସନ ମାର୍କେଟରେ ଉପଲବ୍ଧ। ଏହାକୁ ବି ଆପଣ ନିଜ ସମର କଲେକ୍ସନରେ ସାମିଲ କରିପାରିବେ।



–ବର୍ତ୍ତମାନ ଖଦିରେ ବିଭିନ୍ନ ପ୍ରକାର ଷ୍ଟାଇଲିଶ୍ ଜ୍ୟାକେଟ୍, ୱେଷ୍ଟ କୋଟ୍, ଡିଜାଇନର ଟପ୍ସ, ସ୍କର୍ଟ, ପ୍ଲାଜୋ, ସେପାରେଟର୍ସ ଏବଂ ନୂଆ ଡିଜାଇନର ଶାଢ଼ି ପ୍ରସ୍ତୁତ କରାଯାଉଛି, ଯାହା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁନାହିଁ ପିନ୍ଧିବାକୁ ମଧ୍ୟ ବେଶ୍ ଆରାମଦାୟକ ଲାଗୁଛି। ଏହାର ଭଳିକି ଭଳି କଲେକ୍ସନ ମଧ୍ୟ ଲାଟେଷ୍ଟ ସମର ଫ୍ୟାଶନ ଟ୍ରେଣ୍ଡ ପାଲଟିଛି।

# କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିଲେ

ବର୍ତ୍ତମାନ ଅଧିକାଂଶ ମହିଳା କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ହେଲେ ଏହାକୁ ବ୍ୟବହାର କରିବା ସମୟରେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...

➡ ଅନେକ ମହିଳା ବିଭିନ୍ନ ମେସେଜ୍ କିମ୍ବା ଇ-ମେଲ୍‌ରେ ଆସୁଥିବା ବିଜ୍ଞାପନ ଏବଂ କ୍ରେଡିଟ୍ କାର୍ଡର ଆକର୍ଷଣୀୟ ଅଫର ଦେଖି ତତ୍‌କ୍ଷଣାତ୍ ଏହାକୁ ନେବାର ନିଷ୍ପତ୍ତି ନେଇଯାଆନ୍ତି। ହେଲେ ଏଥିରେ ଅନେକ ନିୟମ ଏବଂ ସର୍ତ୍ତାବଳି ଯୋଗୁ ପରବର୍ତ୍ତୀ ସମୟରେ ଆପଣଙ୍କୁ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ କ୍ରେଡିଟ୍ କ୍ରେଡିଟ୍ କାର୍ଡ ଆପ୍ଲାଏ କରିବା ପୂର୍ବରୁ କେତେ ମୂଲ୍ୟ ପର୍ଯ୍ୟନ୍ତ କ୍ରେଡିଟ୍ କାର୍ଡ କରିବେ, କେଉଁ ବ୍ୟାଙ୍କ୍ ବା ସଂସ୍ଥା ପକ୍ଷରୁ ଆଣିବେ, କେତେ ସୁଧ ଦେବାକୁ ପଡିବ, କାର୍ଡର ଅବଧି କେତେ ଇତ୍ୟାଦି ଭଳି ବିଭିନ୍ନ ତଥ୍ୟ ସମ୍ପର୍କରେ କୌଣସି ଫାଇନାନ୍‌ସିଆଲ୍ ଏକ୍ସପର୍ଟଙ୍କଠାରୁ ପରାମର୍ଶ ନିଅନ୍ତୁ।

➡କ୍ରେଡିଟ୍ କାର୍ଡରେ ନିଜେ ସାଇନ୍ କରିବା ସହ ଏହାର ନମ୍ବର, ପିନ୍, ବୈଧତା, କାର୍ଡ କମ୍ପାନି ନମ୍ବର ଏବଂ ଏହା ସମ୍ବନ୍ଧିତ ସବୁ ଜରୁରୀ ତଥ୍ୟ ଯତ୍ନରେ ଲେଖି ରଖନ୍ତୁ ଏବଂ ଧ୍ୟାନ ଦିଅନ୍ତୁ ଏହା ଯେପରି ଅନ୍ୟମାନଙ୍କ ହାତରେ ନ ପଡ଼େ। ଏହାର ଫଟୋ କପି ମଧ୍ୟ ଜେରକ୍ସ କରି ରଖିବାକୁ ଭୁଲନ୍ତୁ ନାହିଁ।

– ଏହାର ପାସ୍‌ୱାର୍ଡକୁ ଏଭଳି କରନ୍ତୁ, ଯାହାକୁ ସହଜରେ ହ୍ୟାକ୍ କରି ହେବନାହିଁ। ଏହାକୁ ଏଣେତେଣେ ଲେଖନ୍ତୁ ନାହିଁ ଏବଂ ସୁରକ୍ଷା ଦୃଷ୍ଟିରୁ ମଝିରେ ମଝିରେ ପାସ୍‌ୱାର୍ଡ ବଦଳାନ୍ତୁ।

– କ୍ରେଡିଟ୍ କାର୍ଡର ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାକୁ ବ୍ୟବହାର କରନ୍ତୁ। ସେହିପରି ସମୟ ମଧ୍ୟରେ ଟଙ୍କା ଶୁଝି ଦେବାକୁ ଚେଷ୍ଟା କରନ୍ତୁ। ନଚେତ ଆପଣଙ୍କୁ ଅଧିକ ସୁଧ ସହିତ ଜରିମାନା ବାବଦକୁ ମଧ୍ୟ ମୂଲ୍ୟ ଦେବାକୁ ପଡ଼ିପାରେ।

➡ମନେରଖନ୍ତୁ, ସାଇବର କାଫେ କିମ୍ବା ଅନ୍ୟ ପବ୍ଲିକ୍ କମ୍ପ୍ୟୁଟରରେ କ୍ରେଡିଟ୍ କାର୍ଡ ବ୍ୟବହାର କରିବା ବିପଦ। ଏହାଦ୍ୱାରା ଆପଣଙ୍କ ଡାଟା ହ୍ୟାକ୍ ହେବାର ଆଶଙ୍କା ବେଶୀ।




ଖାଦ୍ୟରୁଚି

# ଚକ୍‌ଲେଟ୍ ବ୍ରାଉନି

**ଆବଶ୍ୟକ ସାମଗ୍ରୀ:** ୨କପ୍ ମଇଦା, ୨ ବଡ଼ ଚାମଚ ଚିନି ପାଉଡର, ୨ ବଡ଼ ଚାମଚ କୋକୋ ପାଉଡର, ୨ ବଡ଼ ଚାମଚ କ୍ଷୀର, ୧ ଛୋଟ ଚାମଚ ତେଲ, ୨ ବଡ଼ ଚାମଚ କଟା ଡ୍ରାଏ ଫ୍ରୁଟ୍ସ, ୨ ବଡ଼ ଚାମଚ ଚକ୍‌ଲେଟ୍ ସିରପ୍।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ଏକ ପାତ୍ରରେ ମଇଦା, ଚିନି ପାଉଡର, କୋକୋ ପାଉଡର ଏବଂ ଡ୍ରାଏ ଫ୍ରୁଟ୍ସ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ସେଥିରେ କ୍ଷୀର, ଚକ୍‌ଲେଟ୍ ସିରପ୍ ଏବଂ ତେଲ ପକାଇ ଚକଟନ୍ତୁ ।

ବର୍ତ୍ତମାନ ଏକ ପାତ୍ରରେ ଏହି ମିଶ୍ରଣକୁ ରଖି ଧୀରେ ଧୀରେ ଚାମଚ ସାହାଯ୍ୟରେ ସେଟ୍ କରିଦିଅନ୍ତୁ। ୨ ମିନିଟ୍ ପର୍ଯ୍ୟନ୍ତ ମାଇକ୍ରୋୱେଭରେ ୧୮୦ଡିଗ୍ରୀ ସେଲ୍‌ସିୟସ୍‌ରେ ଏହାକୁ ରଖନ୍ତୁ। ଏହାକୁ ବାହାରକୁ କାଢ଼ି ଥଣ୍ଡା କରନ୍ତୁ। ପ୍ରସ୍ତୁତ ହୋଇଗଲା ଚକ୍‌ଲେଟ୍ ବ୍ରାଉନି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୪/୨୦୨୦ Balasore, Tuesday, March 24/2020

**ସଂକ୍ଷେପରେ**

## ଆଇଓସି ମୁଖ୍ୟଙ୍କୁ ବ୍ରିଟିଶ ଅଲିମ୍ପିଆନ୍‌ଙ୍କ ସମାଲୋଚନା

**ଲଣ୍ଡନ,୨୩।୩(ଏଏଫ୍‌ପି):** କୋଭିଡ-୧୯ ସଂକ୍ରମଣ ଓ ଅଲିମ୍ପିକ୍ସ ଆୟୋଜନ ନେଇ ଅନ୍ତର୍ଜାତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓସି) ଅଧ୍ୟକ୍ଷ ଥୋମାସ ବାକ ଏବେ ସବୁ ମହଲରୁ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି। ଅହଂକାରୀ ଓ ଜିଦ୍‌ଖୋର ମନୋବୃତ୍ତି ପାଇଁ ବାକ୍‌ଙ୍କୁ ବ୍ରିଟଶ୍ ଅଲିମ୍ପିଆନ ତଥା ଟ୍ରାକ ସାଇକ୍ଲିଷ୍ଟ କାଲମ ସ୍କିନର କଡ଼ା ସମାଲୋଚନା କରିଛନ୍ତି। ଜୁଲାଇ ୨୪ରେ ଆରମ୍ଭ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସକୁ ସ୍ଥଗିତ ରଖିବା ପାଇଁ ଆଇଓସି ସବୁଆଡୁ ଚାପର ସମ୍ମୁଖୀନ ହେଉଛି। ଆଗାମୀ ୪ ସପ୍ତାହରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବାକୁ ବାକ୍ କହିଛନ୍ତି। କରୋନା ଭାଇରସ ସାରା ବିଶ୍ୱରେ ଆତଙ୍କ ଖେଳାଉଥିବା ବେଳେ ବାକ୍ ଅଲିମ୍ପିକ୍ସ ଆୟୋଜନ ନେଇ କୌଣସି ନିଷ୍ପତ୍ତି ନେଉନାହାନ୍ତି ଓ କାଳ କ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ବାକ୍‌ଙ୍କ ଏଭଳି ଆଚରଣ ଅଲିମ୍ପିକ ଆନ୍ଦୋଳନକୁ ପ୍ରଭାବିତ କରିଛି ବୋଲି ସ୍କିନର କହିଛନ୍ତି। ଉଲ୍ଲେଖଥାଉ କି, ସ୍କିନର ୨୦୧୬ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ୟୁକେ ସ୍ପୋର୍ଟ୍ସ, ବ୍ରିଟିଶ ଅଲିମ୍ପିକ୍ ଆସୋସିଏଶନ (ବିଓଏ) ଓ ବ୍ରିଟିଶ ପାରା ଅଲିମ୍ପିକ୍ ଆସୋସିଏଶନ ବିଭିନ୍ନ ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ପରଫର୍ମାନ୍ସ ଡାଇରେକ୍ଟରଙ୍କ ସହ ମଙ୍ଗଳବାର ବୈଠକରେ ବସିବ।

## ଘରେ ରହି କାମ କରିବେ ଆଇସିସି କର୍ମକର୍ତ୍ତା

**ଦୁବାଇ,୨୩।୩(ପି.ଟି.):** କରୋନା ଭାଇରସ ଯୋଗୁ ବିଶ୍ୱର ସମସ୍ତ କ୍ରୀଡ଼ାଭିତ୍ତିକ ଇଭେଣ୍ଟ ପ୍ରଭାବିତ ହୋଇଛି। ଏହି ଭାଇରସ କାରଣରୁ ବିଭିନ୍ନ ଦେଶର ଅଫିସ କର୍ମକର୍ତ୍ତା ଘରେ ରହି କାର୍ଯ୍ୟ କରିବାକୁ କୁହାଯାଇଛି। ଏବେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ତା'ର ସମସ୍ତ କର୍ମକର୍ତ୍ତାଙ୍କୁ ଘରେ ରହି କାର୍ଯ୍ୟ କରିବାକୁ କହିଛି। ଆଇସିସି ଚେୟାରମ୍ୟାନ ଶଶାଙ୍କ ମନୋହର ଓ ମୁଖ୍ୟ କାର୍ଯ୍ୟକାରୀ ମନୁ ସାହନେ ଭିଡିଓ କନଫରେନ୍ସ ପାଇଁ ପ୍ରସ୍ତୁତ ହେଉଛନ୍ତି। ଆମର ପ୍ରାୟ ଷ୍ଟାଫ ଘରୁ କାମ କରିବେ। ସଭିଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଆମେ ଗୁରୁତ୍ୱ ଦେଉଛୁ। ଘରେ ରହି କର୍ମକର୍ତ୍ତାମାନେ ଆଇସିସିକୁ କାର୍ଯ୍ୟକ୍ଷମ ରଖିପାରିବେ ବୋଲି ଆଇସିସି ପ୍ରବକ୍ତା କହିଛନ୍ତି। ଉଲ୍ଲେଖଯୋଗ୍ୟ, ଟି୨୦ ପୁରୁଷ ବିଶ୍ୱକପ୍ ଅଷ୍ଟ୍ରେଲିଆରେ ଅକ୍ଟୋବର ଓ ନଭେମ୍ବରରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। କିନ୍ତୁ ଏହି ଇଭେଣ୍ଟ ଆୟୋଜନ ନେଇ ଅନିଶ୍ଚିତତା ଜାରି ରହିଛି। ଅଷ୍ଟ୍ରେଲିଆ ସରକାର କୋଭିଡ୍-୧୯ ସମ୍ମୁଖୀନ ହେବା ଲାଗି ପ୍ରସ୍ତୁତ ହେଉଛନ୍ତି।

## ସହାୟତା ହାତ ବଢ଼ାଇଲା ପୁଡୁଚେରୀ କ୍ରିକେଟ୍ ସଂଘ



**ପଣ୍ଡିଚେରୀ, ୨୩।୩:** ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଥିବାବେଳେ ଏଭଳି ଏକ ସମୟରେ ପୁଡୁଚେରୀ କ୍ରିକେଟ୍ ଆସୋସିଏଶନ (ସିଏପି) ସହାୟତାର ହାତ ବଢ଼ାଇଛି। କରୋନା ଭାଇରସ୍‌ରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ସଙ୍ଗରୋଧ ବା ଅଲଗା ପାଇଁ ଏହାର କ୍ରିକେଟ୍ କ୍ୟାମ୍ପସ୍‌କୁ ଡର୍‌ମିଟୋରି (ବହୁ ଶଯ୍ୟାବିଶିଷ୍ଟ ଶୟନ କକ୍ଷ) କରିବାକୁ ପୁଡୁଚେରୀ ଲ୍ୟୁଟ୍‌ନାଣ୍ଟ ଗଭର୍ନର କିରନ ବେଦୀଙ୍କୁ ଚିଠି ଲେଖି ପ୍ରସ୍ତାବ ଦେଇଛି। 'ଭାଇରସ୍ ଲାଗି ଆମେ କ୍ରିକେଟ୍ ସମ୍ପର୍କିତ କାର୍ଯ୍ୟକ୍ରମ ସ୍ଥଗିତ ରଖିଛୁ। ତୁଟିପେଟ୍‌ସ୍ଥିତ ଆମର କ୍ରିକେଟ୍ କ୍ୟାମ୍ପସ୍‌ରେ ୩୦ଜଣ ଆକ୍ରାନ୍ତ ରହିଲା ଭଳି ସୁବିଧା ସୁଯୋଗ ରହିଛି। ଆମେ ଏହାକୁ କରୋନା ଆକ୍ରାନ୍ତଙ୍କ ସେବାରେ ଲାଗିବା ପାଇଁ ପ୍ରସ୍ତାବ ଦେଉଛୁ। ଯଦି ଆବଶ୍ୟକ ପଡ଼େ ପଣ୍ଡିଚେରୀର ଲକ୍ଷ୍ମୀ ମେଡିକାଲ କଲେଜ ସହାୟତା ନିଆଯାଇପାରେ' ବୋଲି ସିଏପିର ପୂର୍ବତନ ସଭାପତି ପି. ଦାମୋଦର କହିଛନ୍ତି। ପ୍ରକାଶଯୋଗ୍ୟ, ବିସିସିଆଇ ବୈଠକ ପାଇଁ ଦାମୋଦରଙ୍କୁ ରାଜ୍ୟ କ୍ରିକେଟ୍ ପକ୍ଷରୁ ମନୋନୀତ କରିଛି।

# କାନାଡ଼ା ପରେ ଅଲିମ୍ପିକ୍ସରୁ ଓହରିଲା ଅଷ୍ଟ୍ରେଲିଆ

**ମନ୍ଟ୍ରିଲ,୨୩।୩ (ଏଏଫ୍‌ପି):** କୋଭିଡ-୧୯ ଏବେ ବିଶ୍ୱ ମହାମାରୀରେ ପରିଣତ ହୋଇଛି। ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସରୁ କାନାଡ଼ା ଓ ଅଷ୍ଟ୍ରେଲିଆ ଭଳି ଦେଶ ଓହରିଯାଇଛନ୍ତି। ଫଳରେ ନିର୍ଦ୍ଧାରିତ ସମୟରେ ଅଲିମ୍ପିକ୍ସ ଆୟୋଜନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କରୋନା ଭାଇରସ୍ ଏବେ ବିଶ୍ୱବ୍ୟାପୀ ଆତଙ୍କ ସୃଷ୍ଟି କରିଥିବାରୁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ପାଇଁ ଆଥଲେଟ୍‌ମାନଙ୍କୁ ଟୋକିଓ ପଠାଇବୁ ନାହିଁ ବୋଲି କାନାଡିଆନ ଅଲିମ୍ପିକ୍ସ ଅଧିକାରୀମାନେ କହିଛନ୍ତି। କାନାଡିଆନ ଅଲିମ୍ପିକ୍ କମିଟି (ସିଓସି),



### ଆଗାମୀ ୪ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନିଆଯିବ: ଆଇଓସି

### ଟୋକିଓ ଗେମ୍ସକୁ ନେଇ ଆଶଙ୍କା ବଢ଼ିଲା

କାନାଡିଆନ ପାରାଅଲିମ୍ପିକ କମିଟି (ସିପିସି) ଅଲିମ୍ପିକ୍ସକୁ ଆଥଲେଟ ନ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ଦେଶର ଆଥଲେଟ୍ସ କମିଶନ, ନ୍ୟାଶନାଲ ସ୍ପୋର୍ଟ୍ସ ଅର୍ଗାନାଇଜେଶନ୍ସ ଓ କାନାଡ଼ା ସରକାର ଏହି ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ଏହି ନିଷ୍ପତ୍ତି ନିଶ୍ଚିତ ଭାବେ କଷ୍ଟକର। ତେବେ ଆମ ପାଖରେ ଅନ୍ୟ ବିକଳ୍ପ ନାହିଁ ବୋଲି ରବିବାର ସିଓସି ତରଫରୁ କୁହାଯାଇଛି। ଫଳରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଉପରେ ଚାପ ବୃଦ୍ଧି ପାଇଛି। ଆଗାମୀ ୪ ସପ୍ତାହ ମଧ୍ୟରେ ଅଲିମ୍ପିକ୍ସ ଆୟୋଜନ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ଆଇଓସି ଅଧ୍ୟକ୍ଷ ସେବାଷ୍ଟିଆନ କୋଏ କହିଛନ୍ତି। ଏ ନେଇ ଆମେ ଅଧିକ ସମୟ ଅପେକ୍ଷା କରିପାରିବୁ ନାହିଁ ବୋଲି କାନାଡିଆନ ଅଲିମ୍ପିକ ଓ ପାରାଅଲିମ୍ପିକ କର୍ତ୍ତୃପକ୍ଷ କହିଛନ୍ତି। ସ୍ୱାସ୍ଥ୍ୟ ଓ ନିରାପତ୍ତାଠାରୁ କୌଣସି ଜିନିଷ ବଡ଼ ନୁହଁ ବୋଲି ସିଓସି ଓ ସିପିସି ତରଫରୁ କୁହାଯାଇଛି। ଅଲିମ୍ପିକକୁ ସ୍ଥଗିତ ରଖିବାକୁ ଆଇଓସି ନିଷ୍ପତ୍ତି ନେବ ବୋଲି କାନାଡ଼ା ଆଶାବାଦୀ ଥିବା କହିଛି।

### ୨୦୨୧ ଟୋକିଓ ଅଲିମ୍ପିକ୍ସ ପାଇଁ ପସ୍ତୁତି କରିବାକୁ ଅଷ୍ଟ୍ରେଲିଆର ପରାମର୍ଶ

ନିର୍ଦ୍ଧାରିତ ସମୟରେ ଟୋକିଓ ଅଲିମ୍ପିକ୍ସ ଆୟୋଜନ ହୋଇପାରିବ ନାହିଁ ବୋଲି ଅଷ୍ଟ୍ରେଲିଆ ହୃଦୟଙ୍ଗମ କରିଛି। ଫଳରେ ୨୦୨୧ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି କରିବାକୁ ଅଷ୍ଟ୍ରେଲିଆନ ଅଲିମ୍ପିକ ଅଫିସିଆଲମାନେ ନିଜ ଦେଶର ଆଥଲେଟମାନଙ୍କୁ ପରାମର୍ଶ ଦେଇଛନ୍ତି। ସୋମବାର ଅଷ୍ଟ୍ରେଲିଆ ଅଲିମ୍ପିକ କମିଟି (ଏଓସି)ର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅର୍ଥାତ୍ ଜୁଲାଇରେ ଅଲିମ୍ପିକ୍ସ ଆୟୋଜନ ହୋଇପାରିବ ନାହିଁ ବୋଲି ବୈଠକରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଜୁଲାଇରେ ଅଲିମ୍ପିକ୍ସ ଆୟୋଜନ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ହୋଇଛି ବୋଲି ଅଷ୍ଟ୍ରେଲିଆନ ଚିଫ୍ ଡି ମିଶନ ଇଆନ ଚେଷ୍ଟରମ୍ୟାନ କହିଛନ୍ତି। ଆଥଲେଟମାନ ପ୍ରସ୍ତୁତି ଚାଲୁ ରଖିଥିଲେ ମଧ୍ୟ ଚାପରେ ରହୁଛନ୍ତି। ତେଣୁ ସେମାନଙ୍କ ପାଇଁ ଅନିଶ୍ଚିତତା ସୃଷ୍ଟି ହେବା ସହ ଚ୍ୟାଲେଞ୍ଜ ମଧ୍ୟ ରହିଛି ବୋଲି ଏଓସି ମୁଖ୍ୟ କାର୍ଯ୍ୟନିର୍ବାହୀ ମ୍ୟାଟ କାରୋଲ କହିଛନ୍ତି। ଏବେ ଆଥଲେଟ୍‌ମାନେ ଦେଶ କିମ୍ବା ବିଦେଶରେ ଏକାଠି ହୋଇପାରିବେ ନାହିଁ। ଆଥଲେଟ୍‌ମାନେ ବିଦେଶରେ ଓ ଦେଶର ବିଭିନ୍ନ ସ୍ଥାନରେ ଅଭ୍ୟାସ ଜାରି ରଖିଛନ୍ତି। ତେବେ ଟ୍ରାଭେଲ ରେଷ୍ଟ୍ରିକ୍‌ଶନ ଜାରି ହୋଇଥିବାରୁ ସମସ୍ୟା ଉପୁଜିଛି। ଏଓସିର ଏହି ନିଷ୍ପତ୍ତିକୁ ସୁଇମିଂ ଅଷ୍ଟ୍ରେଲିଆ ମୁଖ୍ୟ ଲେହ ରସେଲ ସମର୍ଥନ କରିଛନ୍ତି। ଆସନ୍ତାବର୍ଷ ପର୍ଯ୍ୟନ୍ତ ଅଲିମ୍ପିକ୍ସ ସ୍ଥଗିତ ରଖାଗଲେ ଭଲ ହେବ ବୋଲି ଚେଷ୍ଟରମ୍ୟାନ କହିଛନ୍ତି। ଏହା ହୋଇପାରିଲେ ବିଶ୍ୱବ୍ୟାପୀ ଆଥଲେଟ୍‌ମାନେ ଠିକ୍ ରୂପେ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ କରିପାରିବେ। ସାରା ବିଶ୍ୱ ଏକାଠି ହୋଇପାରିଲେ ଅଲିମ୍ପିକ୍ସ ସଫଳ ହେବ ବୋଲି ସେ କହିଛନ୍ତି।

## ଗୋଟିଏ ମାସ ପରେ ନିଷ୍ପତ୍ତି ନେବୁ: ଆଇଓଏ



**ନୂଆଦିଲ୍ଲୀ, ୨୩।୩ (ପି.ଟି.):** କୋଭିଡ-୧୯ ସଂକ୍ରମଣ କାରଣରୁ ଜାପାନର ଟୋକିଓରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସରେ ଅଂଶଗ୍ରହଣ ନେଇ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଚିନ୍ତା ପ୍ରକଟ କରିଛି। ବିଶ୍ୱର ପ୍ରଥମ ଦେଶ ଭାବେ କାନାଡା ଓ ପରେ ଅଷ୍ଟ୍ରେଲିଆ ଏହି ଇଭେଣ୍ଟରୁ ଓହରିଯିବା ପରେ ଆଇଓସି ଏ ନେଇ ମତ ରଖିଛି। ଅତିକମ୍‌ରେ ଗୋଟିଏ ମାସ ଅପେକ୍ଷା କରି ପରିସ୍ଥିତି ଅନୁଧ୍ୟାନ କରିବା ପରେ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ ନେଇ ଆଇଓସି ନିଷ୍ପତ୍ତି ନେବ ବୋଲି କହିଛି। କାନାଡ଼ା ଓହରିଯିବା ପରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ଉପରେ ଚାପ ବଢ଼ିଛି। ବିଶ୍ୱର କେତେକ ଶ୍ରେଷ୍ଠ ଆଥ୍‌ଲେଟ ଓ କ୍ଷମତାଶାଳୀ କ୍ରୀଡ଼ା ସଂଗଠନ ଅଲିମ୍ପିକ୍ସକୁ ସ୍ଥଗିତ ରଖିବା ପାଇଁ ଚାପ ପ୍ରୟୋଗ କରି ଆସୁଛନ୍ତି। ଅଲିମ୍ପିକ୍ସ ଆଗାମୀ ଜୁଲାଇ ଓ ଅଗଷ୍ଟ ମାସରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଭାରତ ଏ ସଂକ୍ରାନ୍ତରେ ତରବର ଭାବେ କିଛି ନିଷ୍ପତ୍ତି ନେବାକୁ ଚାହୁଁନାହିଁ। ଅନ୍ତିମ ନିଷ୍ପତ୍ତି ନେବା ପୂର୍ବରୁ ଭାରତ ଗୋଟିଏ ମାସ ଅପେକ୍ଷା କରି ପରିସ୍ଥିତି ଅନୁଧ୍ୟାନ କରିବ। ଉଲ୍ଲେଖଥାଉ କି, କୋଭିଡ୍-୧୯ ପାଇଁ ବିଶ୍ୱରେ ଏପର୍ଯ୍ୟନ୍ତ ୧୪,୦୦୦ ଲୋକ ପ୍ରାଣ ହରାଇଲେଣି ଓ ୩ ଲକ୍ଷ ଲୋକ ଏହି ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଆମ ଆଥଲେଟ ଓ ଅଫିସିଆଲଙ୍କ ସ୍ୱାସ୍ଥ୍ୟ ଓ ହିତକୁ ଅଗ୍ରାଧିକାର ଦେଉଛୁ ବୋଲି ଆଇଓଏ ଅଧ୍ୟକ୍ଷ ନରିନ୍ଦର ବାତ୍ରା କହିଛନ୍ତି। ଆଥଲେଟଙ୍କ ହିତକୁ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟି ରଖି ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେଣୁ ଆମେ ଅତିକମ୍‌ରେ ଗୋଟିଏ ମାସ ଅପେକ୍ଷା କରିବୁ ବୋଲି ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟା କହିଛନ୍ତି। ଆଇଓସି ଓ କ୍ରୀଡ଼ା ମନ୍ତ୍ରଣାଳୟ ସହ ଆଲୋଚନା ଓ ପରାମର୍ଶ କରି ଆମେ ଅନ୍ତିମ ନିଷ୍ପତ୍ତି ନେବୁ। ଅନ୍ୟ ଦେଶଗୁଡ଼ିକ ତୁଳନାରେ ଆମ ଦେଶର ପରିସ୍ଥିତି ଅବଶ୍ୟ ସେତେଟା ଖରାପ ନୁହଁ ବୋଲି ସେ କହିଛନ୍ତି। ତେଣେ ଆଗାମୀ ୪ ସପ୍ତାହ ମଧ୍ୟରେ ଅଲିମ୍ପିକକୁ ସ୍ଥଗିତ କରିବା ଓ ଅନ୍ୟାନ୍ୟ ବିକଳ୍ପ ନେଇ ଆଇଓସି ଏବେ ଚିନ୍ତା କରୁଛି ବୋଲି କହିଛି। ଫଳରେ ଅଲିମ୍ପିକ୍ସ ନେଇ ଅନିଶ୍ଚିତତା ବଢ଼ିଛି। କୋଭିଡ-୧୯ କାରଣରୁ ଭାରତ ସମେତ ସବୁଦେଶର ଆଥ୍‌ଲେଟ୍ ପ୍ରସ୍ତୁତି ଓ ଟ୍ରେନିଂ ଜାରି ରଖିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାରା ବିଶ୍ୱରେ ଏବେ ଟ୍ରାଭେଲ ରେଷ୍ଟ୍ରିକ୍ସନ ବା ଯାତ୍ରାଜନିତ କଟକଣା ଜାରି କରାଯାଇଥିବାରୁ କେତେକ ଆଥଲେଟ ବିଦେଶରେ ଟ୍ରେନିଂ ଯୋଜନାକୁ ବାତିଲ କରିଛନ୍ତି। ବର୍ତ୍ତମାନ କ୍ରୀଡ଼ା ମନ୍ତ୍ରଣାଳୟ ମଧ୍ୟ ଏ ନେଇ କିଛି ଆଲୋଚନା କରିନାହିଁ। ଗତ ସପ୍ତାହରେ ଆଇଓସି ଅଲିମ୍ପିକ୍ସ ଆୟୋଜନ ନେଇ ସକାରାତ୍ମକ ମନୋଭାବ ପୋଷଣ କରିଥିଲା ଓ ଆଇଓଏ ଏହାକୁ ସମର୍ଥନ କରିଥିଲା। ଉଲ୍ଲେଖଥାଉ କି, କୋଭିଡ-୧୯ ମାମଲା ଏପର୍ଯ୍ୟନ୍ତ ଭାରତରେ ୪୦୦ ପାର କରିସାରିଲାଣି। ଏଥିରେ ୭ଜଣ ବ୍ୟକ୍ତି ମଧ୍ୟ ପ୍ରାଣ ହରାଇଛନ୍ତି।



## ଦ୍ୱିତୀୟ ସନ୍ତାନର ବାପା ହେଲେ ରାଇନା

**ଲକ୍ଷ୍ନୌ, ୨୩।୩:** ଭାରତୀୟ କ୍ରିକେଟର ସୁରେଶ ରାଇନା ଦ୍ୱିତୀୟ ଥର ପାଇଁ ବାପା ହୋଇଛନ୍ତି। ତାଙ୍କ ସ୍ତ୍ରୀ ପ୍ରିୟଙ୍କା ସୋମବାର ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି। ପୁତ୍ରର ନାମ ରିଓ ରଖାଯାଇଛି। ମା ଓ ଛୁଆ ଉଭୟ ସୁରକ୍ଷିତ ଓ ସୁସ୍ଥ ଅଛନ୍ତି। ଏହି ଦମ୍ପତିଙ୍କ ପୂର୍ବରୁ ଗାର୍ସିଆ ନାମକ କନ୍ୟା ସନ୍ତାନ ରହିଛି। ଏହି ଅବସରରେ କ୍ରୀଡ଼ା ଜଗତରୁ ରାଇନା ଓ ପ୍ରିୟଙ୍କାଙ୍କ ନିକଟକୁ ସୋସିଆଲ ମିଡିଆରେ ଶୁଭେଚ୍ଛାର ସୁଅ ଛୁଟିଛି।

## ଆଇପିଏଲ୍‌କୁ ନେଇ ଆଜି ହୋଇପାରେ ନିଷ୍ପତ୍ତି

**ନୂଆଦିଲ୍ଲୀ, ୨୩।୩:** ମହାମାରୀ ରୂପ ନେଇଥିବା କରୋନା ଭାଇରସ୍ ଲାଗି ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଆଇପିଏଲ୍‌ର ତ୍ରୟୋଦଶ ସଂସ୍କରଣ ଆୟୋଜନ ଏବେ ଆଶଙ୍କା ମଧ୍ୟକୁ ଚାଲିଯାଇଛି। ମାର୍ଚ୍ଚ ୨୯ରେ ଆଇପିଏଲ୍-୧୩ ଉଦ୍‌ଘାଟନ ହେବାର କାର୍ଯ୍ୟସୂଚୀ ରହିଥିଲା। କିନ୍ତୁ ଦେଶରେ କରୋନା ଭାଇରସ୍‌ର ପ୍ରକୋପକୁ ନଜରରେ ରଖି ଏହାକୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ବିସିସିଆଇ ନିଷ୍ପତ୍ତି ନେଇଥିଲା। ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି ଏବଂ ଏଥିରେ ରୋକ୍ ଲଗାଇବା ପାଇଁ ବିଭିନ୍ନ ରାଜ୍ୟ ସରକାର ଅନେକ ସହରକୁ ଲକ୍‌ଡାଉନ୍ କରିଛନ୍ତି। ଏଭଳି ସ୍ଥିତି ଆଗକୁ ଜାରି ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଚଳିତ ବର୍ଷ ଆଇପିଏଲ୍ ଆୟୋଜନ ନେଇ ସନ୍ଦୀହାନ ସୃଷ୍ଟି ହୋଇଛି। ତେବେ ମଙ୍ଗଳବାର ସମସ୍ତ ଫ୍ରାଞ୍ଚାଇଜ ମାଲିକଙ୍କୁ ନେଇ ବିସିସିଆଇ ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକ ଡାକିବାର କାର୍ଯ୍ୟକ୍ରମ ରହିଛି। ଯେଉଁଥିରେ କିଛି ନିଷ୍ପତ୍ତି ନିଆଯାଇପାରେ। 'ବିସିସିଆଇ ଓ ଆଇପିଏଲ୍ ଫ୍ରାଞ୍ଚାଇଜ ମଧ୍ୟରେ ମଙ୍ଗଳବାର କନ୍‌ଫରେନ୍ସି ଜରିଆରେ ପରବର୍ତ୍ତୀ ପଦକ୍ଷେପ ନେଇ ଆଲୋଚନା ହେବ। ବିସିସିଆଇ ଅଫିସ୍ ବନ୍ଦ ହୋଇଯାଇଛି। ତେଣୁ ସେଠାରେ କୌଣସି ବୈଠକ ହୋଇପାରିବ ନାହିଁ। ସେହିଭଳି ଭାବେ ହୋଟେଲରେ ମଧ୍ୟ ଏହା ହେବନି। ତେଣୁ ଭିଡିଓ କନ୍‌ଫରେନ୍ସିକୁ ବିକଳ୍ପ ଭାବେ ବଛାଯାଇଛି' ବୋଲି ବିସିସିଆଇର ଜଣେ ଅଧିକାରୀ ଏକ ଜାତୀୟ ଗଣମାଧ୍ୟକୁ ନାମ ଗୋପନ ରଖି ଏହା କହିଛନ୍ତି। ଏଥିରେ ଆଇପିଏଲ୍-୧୩'ର ଭବିଷ୍ୟତ ନେଇ ସ୍ପଷ୍ଟ ଚିତ୍ର ମିଳିବାର ସମ୍ଭାବନା ରହିଛି। ଗତ ସପ୍ତାହରେ ବିସିସିଆଇର ଜଣେ ଅଧିକାରୀ ଆଇପିଏଲ୍‌କୁ ଜୁଲାଇ-ସେପ୍ଟେମ୍ବରରେ ଆୟୋଜନ କରାଯାଇପାରେ ବୋଲି କହିଥିଲେ।

## ସେଲ୍ଫ-କ୍ୱାରାଣ୍ଟାଇନରେ ସାଙ୍ଗାକରା

**କଲମ୍ବୋ, ୨୩।୩:** ଘାତକ କରୋନା ଭାଇରସ୍‌ର ପ୍ରକୋପକୁ ନଜରରେ ରଖି ଶ୍ରୀଲଙ୍କାର ପୂର୍ବତନ କ୍ରିକେଟର୍ ତଥା ଅଧିନାୟକ କୁମାର ସାଙ୍ଗାକରା ସେଲ୍ଫ-କ୍ୱାରାଣ୍ଟାଇନ (ସଙ୍ଗରୋଧ)ରେ ରହିଛନ୍ତି। ଶ୍ରୀଲଙ୍କା ସରକାରଙ୍କ ଗାଇଡ୍‌ଲାଇନ ମୁତାବକ ନିଜ ଆଡୁ ସେଲ୍ଫ-କ୍ୱାରାଣ୍ଟାଇନରେ ରହିଥିବା ସାଙ୍ଗାକରା ସୂଚନା ଦେଇଛନ୍ତି। ୟୁରୋପ ମହାଦେଶରେ କରୋନା ଭାଇରସ୍ ଭୟଙ୍କର ରୂପ ଧାରଣ କରିସାରିଥିବାରୁ ଯେଉଁମାନେ ସେହି ଦେଶଗୁଡ଼ିକରୁ ନିକଟରେ ଶ୍ରୀଲଙ୍କା ପ୍ରତ୍ୟାବର୍ତ୍ତନ କରିଛନ୍ତି, ସେମାନେ



ସେଲ୍ଫ-କ୍ୱାରାଣ୍ଟାଇନରେ ରହିବାକୁ ଶ୍ରୀଲଙ୍କା ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ସାଙ୍ଗାକରା ଗତ ସପ୍ତାହରେ ଇଂଲଣ୍ଡରୁ ସ୍ୱଦେଶ ଫେରିଥିଲେ। 'ଶ୍ରୀଲଙ୍କାରେ ପହଞ୍ଚିବା ପରେ ପୋଲିସ ଷ୍ଟେଶନରେ ଯାଇ ନାମ ପଞ୍ଜୀକରଣ କରିଛି। ଏହାପରେ ଜନସ୍ୱାସ୍ଥ୍ୟ ନିରୀକ୍ଷକଙ୍କ ପରାମର୍ଶ ମୁତାବକ ନିଜ ପରିବାର ସଦସ୍ୟଙ୍କଠାରୁ ଅଲଗା ହୋଇ ସେଲ୍ଫ-କ୍ୱାରାଣ୍ଟାଇନାରେ ରହିଛି' ବୋଲି ଶ୍ରୀଲଙ୍କାର ଏହି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ କହିଛନ୍ତି। ଏଥିସହ କରୋନା ଭାଇରସ୍ ଲାଗି ସଚେତନ ରହିବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ସାବୁନରେ ହାତକୁ ଭଲ ଭାବରେ ଧୋଇ ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ସାଙ୍ଗାକରା କହିଛନ୍ତି।

## 'ହିନ୍ଦୁ-ମୁସ୍‌ଲିମ୍ ଛାଡ଼ି ମଣିଷ ହେବାର ସମୟ ଆସିଯାଇଛି'



**ଲାହୋର, ୨୩।୩:** କରୋନା ଭାଇରସ୍ ଧୀରେ ଧୀରେ ପୂରା ବିଶ୍ୱକୁ ଗ୍ରାସ କରିଚାଲିଛି। ଏଭଳି ସ୍ଥିତିରେ ହିନ୍ଦୁ-ମୁସ୍‌ଲିମ୍ ଛାଡ଼ି ମଣିଷ ହେବାର ସମୟ ଆସିଯାଇଛି ବୋଲି କହିଛନ୍ତି ପୂର୍ବତନ ପାକିସ୍ତାନ କ୍ରିକେଟର ଶୋଏବ ଅଖ୍‌ତର। ଏକ ଭିଡିଓରେ ଅଖ୍‌ତର ମିଳିତ ହୋଇ ବିଶ୍ୱ ଶକ୍ତି ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି। 'ମୋର ସମସ୍ତ ପ୍ରଶଂସକଙ୍କୁ ଅନୁରୋଧ, କରୋନା ବିଶ୍ୱ ପାଇଁ ଘାତକ ସାଜିଛି। ଆମକୁ ବିଶ୍ୱ ଶକ୍ତି ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ଧର୍ମଠାରୁ ଉର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ। ବର୍ତ୍ତମାନ ବିଭିନ୍ନ ଦେଶରେ ଲକ୍‌ଡାଉନ କରାଯାଉଛି। ଫଳରେ ଏହି ଭାଇରସ୍ ବ୍ୟାପିପାରିବ ନାହିଁ। ଯଦି ଏଭଳି କରିବ ତେବେ ଖଟିଖିଆଙ୍କ ସମ୍ପର୍କରେ ଚିନ୍ତା କରିବାକୁ ପଡ଼ିବ। ଦୋକାନ ଖାଲି ହୋଇସାରିଛି। ତିନି ମାସ ପରେ ଅବସ୍ଥା ସୁଧରିବ, ତାହାର ଗ୍ୟାରେଣ୍ଟି କ'ଣ? ବର୍ତ୍ତମାନ ହିନ୍ଦୁ-ମୁସ୍‌ଲିମ୍ ଆର୍ଥିକ ସ୍ଥିତି ସମ୍ପର୍କରେ ଚିନ୍ତା ନ କରି ଲୋକଙ୍କୁ ସାହାଯ୍ୟ କରିବାକୁ ପଡ଼ିବ ବୋଲି ସୋଏବ କହିଛନ୍ତି।

## ଆଜରବୈଜାନ ଗ୍ରାଁ. ପ୍ରି. ହେବନାହିଁ

**ବାକୁ, ୨୩। ୩ (ଏପି):** ଆଜରବୈଜାନ ଫର୍ମୁଲା ୱାନ୍ ଗ୍ରାଁପ୍ରିକୁ ସୋମବାର ସ୍ଥଗିତ ଘୋଷଣା କରାଯାଇଛି। ମହାମାରୀ କରୋନା ଭାଇରସ୍ ଆଶଙ୍କା ଯୋଗୁ ଜୁନ୍ ମାସ ମଧ୍ୟ ଭାଗ ପର୍ଯ୍ୟନ୍ତ ଫର୍ମୁଲା ୱାନ ଆରମ୍ଭକୁ ସ୍ଥଗିତ ରଖାଯାଇଛି। ଭାଇରସ୍ ଯୋଗୁ ୨୦୨୦ ସିଜନର ପ୍ରଥମ ୮ଟି ରେସ୍ ସ୍ଥଗିତ କିମ୍ବା ବାତିଲ କରାଯାଇଛି। ବାକୁ ସିଟି ସର୍କିଟରେ ଜୁନ୍ ୭ରେ ଆଜରବୈଜାନ ଗ୍ରାଁ ପ୍ରି ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା। ସ୍ଥାନୀୟ ସରକାର ଏବଂ ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଅଟୋମୋବାଇଲ୍ (ଏଫ୍‌ଆଇଏ)ର ପରିଚାଳନା ପରିଷଦ ମଧ୍ୟରେ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ରେସ୍‌ର ନୂଆ ତାରିଖ ସିଜନର ପର ଭାଗରେ ଘୋଷଣା କରାଯିବ। ଆଜରବୈଜାନରେ ୨୦୧୭ରୁ ଫର୍ମୁଲାୱାନ ରେସ୍ ଆୟୋଜିତ ହୋଇଆସୁଛି। ସୂଚନାଯୋଗ୍ୟ ମାର୍ଚ୍ଚ ୧୩ରେ ସିଜନ ଆରମ୍ଭ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିକୁ ରେସ୍ ଆରମ୍ଭରୁ ଅଳ୍ପ କେଇ ଘଣ୍ଟା ପୂର୍ବରୁ ବାତିଲ କରାଯାଇଥିଲା। ଏହାର ସପ୍ତାହକ ପରେ ବିନାଦର୍ଶକରେ ଆୟୋଜିତ ହେବାକୁ ଥିବା ବାହାରିନ୍ ଗ୍ରାଁପ୍ରି ଏବଂ ଏପ୍ରିଲ ୫ରେ ଭିଏତ୍‌ନାମ ଗ୍ରାଁ ପ୍ରିକୁ ମଧ୍ୟ ସଙ୍ଗେ ସଙ୍ଗେ ସ୍ଥଗିତ ରଖାଯାଇଥିଲା। ଏପ୍ରିଲ ୧୯ରେ ସାଂଘାଇଠାରେ ଆୟୋଜିତ ହେବାକୁଥିବା ଚାଇନିଜ ଗ୍ରାଁ ପ୍ରିକୁ ଫେବୃୟାରୀରୁ ସ୍ଥଗିତ ଘୋଷଣା କରାଯାଇ ସାରିଥିଲା। ଗତ ସପ୍ତାହରେ ଯେଉଁ ୩ଟି ରେସ୍ ବାତିଲ ଘୋଷଣା ହୋଇଥିଲା ତନ୍ମଧ୍ୟରେ ମୋନାକୋ ଗ୍ରାଁ ପ୍ରି ଅନ୍ୟତମ। ଅନ୍ୟ ଦୁଇଟି ରେସ୍ ନେଦରଲାଣ୍ଡ ଓ ସ୍ପେନ୍‌ରେ ହୋଇଥାନ୍ତା। ଫର୍ମୁଲା ୱାନ କ୍ୟାଲେଣ୍ଡରରେ ଆଜରବୈଜାନ ପଛକୁ ପରବର୍ତ୍ତୀ ରେସ୍ ଜୁନ୍ ୧୪ରେ କାନାଡ଼ାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ପଠାନ ବ୍ରଦର୍ସଙ୍କ ବଦାନ୍ୟତା

**ଭଦୋଦାରା, ୨୩।୩ (ପି.ଟି.):** ଭାରତର ଦୁଇ ପୂର୍ବତନ କ୍ରିକେଟ ତଥା ଦୁଇ ଭାଇ ଇର୍ଫାନ ଓ ୟୁସୁଫ୍ ପଠାନଙ୍କ ବଦାନ୍ୟତାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ସାରା ଦେଶ ତଥା ବିଶ୍ୱରେ କରୋନା ଭାଇରସ ଆତଙ୍କ ଖେଳାଇଥିବା ବେଳେ ଏହି ଦୁଇ କ୍ରିକେଟର ଭାଇ ମାନବିକତାକୁ ଦୃଷ୍ଟିରେ ରଖି ୪,୦୦୦ ମାସ୍କ ପ୍ରଦାନ କରିଛନ୍ତି। ଏହି ବିପତ୍ତି ସମୟରେ ଯାହାର ସମ୍ଭବ ଆମେ କରିବାକୁ ପ୍ରୟସା କରୁଛି ଓ ସମସ୍ତେ ମଧ୍ୟ ଏପରି କରିବା ଉଚିତ ବୋଲି ପୂର୍ବତନ ଦ୍ରୁତ ବୋଲର ଇର୍ଫାନ ପଠାନ ଟୁଇଟ୍ କରି ଉଲ୍ଲେକ କରିଛନ୍ତି। ସମାଜ ପ୍ରତି ଆମର ଏହା କର୍ତ୍ତବ୍ୟ। କିନ୍ତୁ ସେ ଲୋକଙ୍କୁ ଏକାଠି ହେବାକୁ ମନା କରିଦେଇଛନ୍ତି।

ମହମ୍ମଦ ଖାନ୍ ଚାରିଟେବୁଲ ଟ୍ରଷ୍ଟ ନାମରେ ଆମେ ଏହି ମାସ୍କ ସବୁ ଆଣିଥିଲୁ। ଏହି ଟ୍ରଷ୍ଟ ତାଙ୍କ ବାପାଙ୍କ ଦ୍ୱାରା ପରିଚାଳିତ। ଏହି ମାସ୍କ ସବୁ ଭଦୋଦରା ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରାଯିବ। ଆବଶ୍ୟକ ପଡିଲେ ସ୍ୱାସ୍ଥ୍ୟ ବିଭାଗ ଏହି ମାସ୍କଗୁଡ଼ିକୁ ବଣ୍ଟନ କରିବ। ଭାରତ ଏପର୍ଯ୍ୟନ୍ତ କୋଭିଡ- ୧୯ ମାମଲା ୪୩୦କୁ ବୃଦ୍ଧି ପାଇଛି। ସାରା ବିଶ୍ୱରେ ୧୫,୦୦୦ ଲୋକ ଏଥିରେ ପ୍ରାଣ ହରାଇଲେଣି ଓ ୩,୫୦,୦୦୦ ଜଣ ଏହି ଭାଇରସ ଦ୍ୱାରା ସଂକ୍ରମିତ ହୋଇଛନ୍ତି।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ